

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani


website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର, ୨୫ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 25 MAY 2022
Vol.No. 33 ■ No. 136 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ୯୦ ଦିନରେ ରୁଷ-ୟୁକ୍ରେନ ଯୁଦ୍ଧ : ଲଗାତାର ଆକ୍ରମଣ ଜାରି ରଖିଛି ରୁଷ



ନୂଆଦିଲ୍ଲୀ, ୨୪/୦୫ : ରୁଷ ୟୁକ୍ରେନ ଯୁଦ୍ଧକୁ ୯୦ ଦିନ ପୁରିଛି । ଲଗାତାରା ଯୁଦ୍ଧ ଜାରି ରହିବା କାରଣରୁ ୟୁକ୍ରେନର ଅନେକ କ୍ଷୟକ୍ଷତି ହୋଇଛି । ଏହାରି ଭିତରେ ୱାଲର୍ଡ ଇକୋନୋମିକ ଫର୍ମ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦମିର ଜେଲେନସ୍କି । ଜେଲେନସ୍କି ବିଶ୍ୱର ବଡ କମ୍ପାନୀଙ୍କୁ ୟୁକ୍ରେନରେ ନିବେଶ କରିବାକୁ ନିବେଦନ କରିଛନ୍ତି ଜେଲେନସ୍କି । ଜେଲନସ୍କିଙ୍କ ନିବେଦନ କ୍ରମେ ବିଶ୍ୱର ବଡ କଫି ସପ କମ୍ପାନୀ ଷ୍ଟାର ବକ୍ସ ରୁଷରେ ବ୍ୟବସାୟ ବନ୍ଦ କରିବା ନେଇ ଘୋଷଣା କରିଛି । ଭିଓ-୧ ୯୦ ଦିନରେ ପହଂଚିଛି ରୁଷ ୟୁକ୍ରେନ ଯୁଦ୍ଧ । ଦୁଇ ଦେଶ ମଧ୍ୟରେ ଏବେ ବି ଯୁଦ୍ଧ ଜାରୀ ରହିଛି । ୟୁକ୍ରେନ ଉପରେ ଆକ୍ରମଣ ଜାରୀ ରଖିଛି ରୁଷ । ଏବଂ ଲଗାତାର ଆକ୍ରମଣ ଜାରି ରହିବା ଫଳରେ ୟୁକ୍ରେନରର ଅନେକ ଅଂଚଳ ଖାର ଖାର ହୋଇ ସାରିଛି । ସୁଚନା ଅନୁସାରେ , ଗତ ସପ୍ତାହର ୟୁକ୍ରେନର ଦକ୍ଷିଣ ଚେର୍ଣ୍ଣିହିବ ସହରରେ ରୁଷ ସେନାର ଆକ୍ରମଣ ଯୋଗୁଁ ୮୯ ଜଣ ୟୁକ୍ରେନ ନାଗରୀକଙ୍କ ମୃତ୍ୟୁ ହୋଇଛି । ଘଟଣାକୁ କଡା ନିନ୍ଦା କରିଛି ୟୁକ୍ରେନ । ଏହାରି ଭିତରେ ସୋମବାର ୱାଲର୍ଡ ଇକୋନୋମିକ ଫର୍ମ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦମିର ଜେଲେନସ୍କି । ଏହି ସମୟରେ ଜେଲେନ୍ସ୍ୱି ବିଶ୍ୱର ବଡ କମ୍ପାନୀଙ୍କୁ ରୁଷ ଛାଡି ୟୁକ୍ରେନରେ ନିବେଶ କରିବାକୁ ନିବେଦନ କରିଛନ୍ତି । ତେବେ ଜେଲେନ୍ସ୍ୱିଙ୍କ ଏହି ନିବେଦନ କ୍ରମେ ଅନେକ କମ୍ପାନୀ ରୁଷରେ ନିଜ ବ୍ୟବସାୟ ବନ୍ଦ କରିଥିବା ଜଣାପଡିଛି । ବିଶ୍ୱର ସବୁଠୁ ବଡ କଫି ସପ୍, ଷ୍ଟାର ବକ୍ସ ରୁଷ ବଜାରରୁ ବାହାରିବା ପାଇଁ ଘୋଷଣା କରିଛି । ରୁଷରେ ଥିବା ୧୩୦ ଟି କଫି ସପ ବନ୍ଦ କରିବାକୁ ନିଷ୍ପତି ନେଇଛି ଷ୍ଟାର ବକ୍ସ । ଏହା ପୂର୍ବରୁ ମେକ ଡୋନାଲ୍ଡ ଭଳି କମ୍ପାନୀ ମଧ୍ୟ ରୁଷରେ ବ୍ୟବସାୟ ବନ୍ଦ କରିବାକୁ ଘୋଷଣା କରିଛନ୍ତି । ଦେଖିବାକୁ ବାହି ରହିଲା ରୁଷିଆ ୟୁକ୍ରେନ ଯୁଦ୍ଧ ଆଗକୁ କେଉ ମୋଡ ନେଉଛି ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ସିବିଆଇ ତଦନ୍ତ ଦାବି



ଭୁବନେଶ୍ୱର, ୨୪/୦୫ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ପୁରୀ ଜିଲ୍ଲା ପ୍ରଶାସନ ଅତ୍ୟନ୍ତ ଦାୟିତ୍ୱହୀନ ଭାବେ କାମ କରୁଥିବା କହିଛନ୍ତି ବରିଷ୍ଠ ନେତା ବିଜୟ ମହାପାତ୍ର । ଗତବର୍ଷ ଗୁଜରାଟ ଅହମ୍ମଦାବାଦର ଏକ ମସଜିଦ ଘଟଣାରେ ଏଏସଆଇର ମିଥ୍ୟା ଅନୁମତି ନେଇ, କିଭଳି ସିବିଆଇ ନିଜଆଡୁ ମାମଲା କରିଥିଲା ତାର ଉଦାହରଣ ଦେଇଛନ୍ତି । ଜଗନ୍ନାଥ ମନ୍ଦିର ପ୍ରକଳ୍ପରେ ମଧ୍ୟ ହୋଇଥିବା ଅବହେଳାର ସିବିଆଇ ପ୍ରାଥମିକ ତଦନ୍ତ କରୁ ବୋଲି ଦାବି କରିଛନ୍ତି ବିଜୟ ମହାପାତ୍ର । ପରିକ୍ରମା ପ୍ରକଳ୍ପକୁ ନେଇ ହେଉଥିବା ରାଜନୀତିକୁ ନାପସନ୍ଦ କରିଛନ୍ତି ବିଜୟ । ଏପରିକି ନିଜ ଦଳର ରାଷ୍ଟ୍ରୀୟ ମୁଖପାତ୍ରଙ୍କୁ ବି ଛାଡି ନାହାନ୍ତି । ନାଁ ନନେଇ ସେ ସମ୍ବିତ ପାତ୍ରଙ୍କୁ ଟାର୍ଗେଟ କରିଛନ୍ତି । କହିଛନ୍ତି, ସମସ୍ତେ ରାଜନୀତି କରିବାରେ ବ୍ୟସ୍ତ । ଫଟୋକୁ ଧରି ରାଜନୀତି ଚାଲିଛି । ଏଭଳି ଘଟଣା ଆଗରୁ କେବେ ହୋଇନଥିଲା । ଜଗନ୍ନାଥ ଆମର ଆରାଧ ତାଙ୍କୁ କୁଣ୍ଢେଇ, କାଖେଇ ଖେଳଣା ଭଳି ବ୍ୟବହାର କରାଯାଉଛି । ପରିକ୍ରମା ପ୍ରକଳ୍ପକୁ ନେଇ ଜଗତଗୁରୁ ଶଙ୍କରାଚାର୍ଯ୍ୟ ମଧ୍ୟ ଉଦବେଗ ପ୍ରକାଶ କରିଥିଲେ । ତପୋ ଭୂମିକୁ ଭୋଗ ଭୂମି କରିବା ପାଇଁ ଉଦ୍ୟମ ହେଉଥିବା କହି ବର୍ଷିବା ପରେ ପୁରୀ ଗୋବର୍ଦ୍ଧନ ପୀଠରେ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟିଛନ୍ତି ଗଜପତି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳଙ୍କ ସହ ପରିଚାଳନା କମିଟି ସଦସ୍ୟ । ଏହାପରେ ୩ ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧିଙ୍କୁ ମଧ୍ୟ ଶଙ୍କରାଚାର୍ଯ୍ୟଙ୍କ ମଠକୁ ଆଲୋଚନା ପାଇଁ ଡକା ଯାଇଛି । ଏଏସଆଇର ଅଧିକାରୀ ଓ ପୁରୀର ବରିଷ୍ଠ ଆଇନଜୀବୀଙ୍କ ସହ ମଧ୍ୟ ଜଗତଗୁରୁ ଆଲୋଚନା କରିଛନ୍ତି । ଉଭୟ ପ୍ରକଳ୍ପ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ସହ ବିଚାରବିମର୍ଶ କରୁଛନ୍ତି ଶଙ୍କରାଚାର୍ଯ୍ୟ । ଏହାରି ଭିତରେ ଶେଷ ହୋଇଛି ଶ୍ରୀମନ୍ଦିର ଚାରିପଟେ ଚାଲିଥିବା ଜିପିଆର ସର୍ଭେ କାମ । ରାତି ଅଧିଆ ଶେଷ ହୋଇଛି ସର୍ଭେ କାମ । ଏମାର ମଠ ଖନନ ସ୍ଥଳରେ ଜିପିଆର ସର୍ଭେ କରଯାଇଛି । ଓଡ଼ିଶା ବ୍ରିଜ୍ ଆଣ୍ଡ କନଷ୍ଟ୍ରକ୍ସନ୍ କର୍ପୋରେସନ୍ ଲିମିଟେଡ୍ ତଥା ଓବିସିସିର ଚିଠି କ୍ରମେ ଗୁଜୁରାଟ ଆଇଆଇଟି ପକ୍ଷରୁ ଏହି ସର୍ଭେ କରାଯାଉଥିଲା । ସର୍ଭେ ରିପୋର୍ଟ ଖୁବ୍ ଶିଘ୍ର ଓବିସିସିକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି ।

# ଆଇପିଏସ୍ ସଞ୍ଜୟ କୁମାର ହେଲେ ଏଡିଜି ଆଧୁନିକୀକରଣ

ଭୁବନେଶ୍ୱର, ୨୪/୦୫ (ନି.ପ୍ର): କେନ୍ଦ୍ରୀୟ ଡେପୁଟେସନରୁ ଫେରିବା ପରେ ଓଡ଼ିଶା କ୍ୟାଡ଼ରର ୧୯୯୭ ବ୍ୟାଚ୍ ଆଇପିଏସ୍ ଅଫିସର ସଞ୍ଜୟ କୁମାରଙ୍କୁ ଅତିରିକ୍ତ ଡିଜି(ଆଧୁନିକୀକରଣ) ଭାବେ ଅବସ୍ଥାପିତ କରାଯାଇଛି । ଚଳିତବର୍ଷ ମାର୍ଚ୍ଚ ୧୨ରେ ତାଙ୍କର କେନ୍ଦ୍ରୀୟ ଡେପୁଟେସନ ଅବଧି ଶେଷ ହୋଇଥିଲେ ମଧ୍ୟ ସେ ଚଳିତମାସ ୨୦ତାରିଖରେ ଓଡ଼ିଶା କ୍ୟାଡ଼ରରେ ଯୋଗ ଦେଇଥିଲେ । ସଞ୍ଜୟ କୁମାର ୨୦୧୫ ମସିହାରେ କେନ୍ଦ୍ରୀୟ ଡେପୁଟେସନରେ ଯାଇଥିଲେ । ସେ ସଶସ୍ତ୍ର ସୀମା ବଳ(ଏସଏସବି)ରେ ଆଇଜି ଭାବେ ପ୍ରାୟ ୭ ବର୍ଷ କାର୍ଯ୍ୟ କରିଥିଲେ । ୨୦୨୨ ମାର୍ଚ୍ଚ ୧୨ ତାରିଖରେ ତାଙ୍କୁ ନିଜ କ୍ୟାଡ଼ରକୁ ଫେରାଇ ଦିଆଯାଇଥିଲା । କିନ୍ତୁ ସେ ଛୁଟିରେ ରହିବା ପରେ ଚଳିତମାସ ୨୦ତାରିଖରେ ଓଡ଼ିଶା ଫେରି କାର୍ଯ୍ୟରେ ଯୋଗ ଦେଇଛନ୍ତି । ଆଜି ତାଙ୍କୁ ନୂଆ ଦାୟିତ୍ୱ ମିଳିଛି । ସଞ୍ଜୟ କୁମାର ଓଡ଼ିଶାର ବିଭିନ୍ନ ନକ୍ସଲପ୍ରବଣ ଜିଲ୍ଲାରେ ଏସପି ଭାବେ କାର୍ଯ୍ୟ କରିଥିଲେ ।

# ବ୍ରଜରାଜନଗରରେ କେନ୍ଦ୍ରମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର



ବ୍ରଜରାଜନଗର/ଝାରସୁଗୁଡା/ଭୁବନେଶ୍ୱର, ୨୪/୦୫ (ନି.ପ୍ର): ରାଜ୍ୟରେ ହୀରାକୁଦ ଡ୍ୟାମ ନିର୍ମାଣ କରି ବନ୍ୟା ନିୟନ୍ତ୍ରଣ କରିବା, ଜଳସେଚନର ବ୍ୟବସ୍ଥା କରିବା ଏବଂ ଦେଶର ବିଭିନ୍ନ ଅଂଚଳକୁ ଆଲୋକିତ କରିବା ପାଇଁ କୋଇଲାରୁ ବିଦ୍ୟୁତ ଉତ୍ପାଦନ ନିମନ୍ତେ ଅନେକ ଥର ତ୍ୟାଗ ଦେଇଥିବା ବ୍ରଜରାଜନଗର ବର୍ଷ ବର୍ଷ ଧରି ଉପେକ୍ଷିତ ହୋଇ ରହିଛି । ଏଥିପାଇଁ ଓଡିଶାରେ ୨୨ ବର୍ଷ ଧରି ଶାସନରେ ଥିବା ସ୍ଥାଣୁ ସରକାର ଦାୟୀ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମଙ୍ଗଳବାର ବ୍ରଜରାଜନଗରରେ ବିଧାୟିକା ପ୍ରାର୍ଥିନୀ ରାଧାରାଣୀ ପଣ୍ଡାଙ୍କ ସମର୍ଥନରେ ମାରାଥନ ନିର୍ବାଚନ ପ୍ରଚାର କରିବା ଅବସରରେ ଏହା କହିଛନ୍ତି । ଲଖନପୁର ବାଗମୁଣ୍ଡା ଠାରେ ରାଜ୍ୟ ବିଜେପି ପକ୍ଷରୁ ଆୟୋଜିତ ବିଶାଳ ଜନ ସମାବେଶରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ବ୍ରଜରାଜନଗର ଅଂଚଳର ଗୋଟିଏ ଐତିହ୍ୟ ଓ ପରମ୍ପରା ଅଛି । ହୀରାକୁଦ ଡ୍ୟାମ ବ୍ରଜରାଜନଗର ଓ ଲଖନପୁର ଅଧିବାସୀ ମାନଙ୍କ ତ୍ୟାଗ ବଳରେ ନିର୍ମାଣ ହୋଇଛି । ସେମାନଙ୍କ ତ୍ୟାଗ ବଳରେ ମହାନଦୀରେ ଡ୍ୟାମ ନିର୍ମାଣ ହେବାରୁ ଓଡ଼ିଶା ଆଜି ବନ୍ୟାରୁ ସୁରକ୍ଷିତ ହୋଇଛି । ଅନେକ ଅଂଚଳ ଜଳସେଚିତ ହୋଇଛି । ସେମାନଙ୍କ ବଳିଦାନ କାରଣରୁ ଏ ଅଂଚଳରେ କୋଇଲା ଉତ୍ପାଦନ ଯୋଗୁଁ ଓଡ଼ିଶା ଓ ଭାରତବର୍ଷର ଅନେକ ଅଂଚଳ ଆଲୋକିତ ହେଉଛି । ସେହି ତୁଳନାରେ ଏହି ଅଂଚଳର ରୋଜଗାର ଓ ▶▶ପୃଷ୍ଠା ୭

# ଓଡ଼ିଶାରେ ଖାଲି ହୋଇଥିବା ୩ଟି ରାଜ୍ୟସଭା ଆସନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

ଭୁବନେଶ୍ୱର, ୨୪/୦୫ (ନି.ପ୍ର): ରାଜ୍ୟରେ ଖାଲି ହୋଇଥିବା ୩ଟି ଆସନ ପାଇଁ ରାଜ୍ୟସଭା ଆସନ ପାଇଁ ମଙ୍ଗଳବାର ଦିନ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଧାନସଭାର ରିଟର୍ଣ୍ଣିଂ ଅଫିସ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି । ଏହି ବିଜ୍ଞପ୍ତି ଅନୁସାରେ ମଙ୍ଗଳବାର ଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ନାମାଙ୍କନ ଦାଖଲର ଶେଷ ତାରିଖ ୩୧ ମଇ ରଖା ଯାଇଛି । ସେହିପରି ୧ ଜୁନରେ ନାମାଙ୍କନ ପତ୍ର ଗୁଡିକର ଯାଂଚ କରାଯିବ । ଜୁନ ମାସ ୩ ତାରିଖ ଦିନ ପ୍ରାର୍ଥୀ ମାନେ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରି ପାରିବେ । ଯଦି ଆବଶ୍ୟକ ହୁଏ ତେବେ ଜୁନ ୧୦ ତାରିଖ ଦିନ ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଭୋଟଗ୍ରହଣ ହେବ । ସେହି ଦିନ ଭୋଟଗଣନା ହେବା ସହ ନିର୍ବାଚନ ପ୍ରକ୍ରିୟା ୧୩ ଜୁନ ମଧ୍ୟରେ ପୂର୍ଣ ହେବ । ବିଜେଡିର ଏନ୍ ଭାସ୍କର ରାଓ, ସସ୍ମିତ ପାତ୍ର ଓ ପ୍ରସନ୍ନ ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଶେଷ ହେଉଥିବା କାରଣରୁ ଏହି ତିନିଟି ଆସନ ପାଇଁ ନିର୍ବାଚନ ହେବ । ସଂଖ୍ୟା ଦୃଷ୍ଟିକୋଣରୁ ତିନୋଟି ଯାକ ଆସନରେ ବିଜେଡି ବିଜୟ ଲାଭ କରିବ ।

# ଓଡିଶାରେ ଚିହ୍ନଟ ହେଲେଣି ୨୬ ଜଣ ଏଚଏମଏଫଡି ରୋଗୀ

ଭୁବନେଶ୍ୱର, ୨୪/୦୫ (ନି.ପ୍ର): ଟମାଟୋ ଫ୍ଲୁ ବୋଲି କୁହାଯାଉଥିବା ହ୍ୟାଣ୍ଡ ଫୁଟ ଆଣ୍ଡ ମାଉଥ ଡିଜିଜର ୨୬ ରୋଗୀ ଓଡ଼ିଶାରେ ଚିହ୍ନଟ ହୋଇଛନ୍ତି । ଏ ରୋଗକୁ ଆମେ ଟମାଟୋ ଫ୍ଲୁ ନ କହି ଏଚଏମଏଫଡି କହିବା ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର । ସେ କହିଛନ୍ତି ଯେ ୩୬ ସନ୍ଦିଗ୍ଧ ଏଚଏମଏଫଡି ମାମଲାର ନମୁନା ଆରଏମଆରସିକୁ ପଠାଯାଇଥିଲା । ସେଥିମଧ୍ୟରୁ ୨୬ ଜଣ ପଜିଟିଭ ବାହାରିଛନ୍ତି । ସେମାନଙ୍କ ମଧ୍ୟରୁ ଭୁବନେଶ୍ୱରରୁ ୧୯ ଜଣ, ଖୋର୍ଦ୍ଧା ଗ୍ରାମାଞ୍ଚଳରୁ ୨ଜଣ, ପୁରୀରୁ ୩ ଜଣ ଓ କଟକରୁ ୨ ଜଣ ଅଛନ୍ତି । ସମସ୍ତ ରୋଗୀ ୯ ବର୍ଷରୁ କମ ବୟସର । ସମସ୍ତେ ଭଲ ଅଛନ୍ତି । ସେମାନଙ୍କ ଉପରେ ଲୋକାଲ ସ୍ୱାସ୍ଥ୍ୟ ଟିମ୍ ନଜର ରଖିଛନ୍ତି । ପଜିଟିଭ ନମୁନାଗୁଡିକୁ ଜିନମ ସିକ୍ୱେନ୍ସିଂ ଲାଗି ଏନଆଇଭି ପୁନେକୁ ପଠାଯାଇଛି । କିଛିଦିନ ପୂର୍ବରୁ ଏ ରୋଗକୁ ସର୍ଭେଲାନ୍ସ ମଧ୍ୟକୁ ଆଣିବାକୁ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ଅଭିଭାବକମାନଙ୍କୁ ପରାମର୍ଶ, ଜ୍ୱର ହେବା, ଭୋକ ନ ଲାଗିବା, ପାଟି ପାଖରେ ଘା ହେବା ଭଳି ଲକ୍ଷଣ ଦେଖାଦେଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ । ପିଲାର ହାଇଡ୍ରେସନ ମେଂଟେନ ରଖିବା । ଅଧିକ ଜଟିଳତା ଦେଖାଦେଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । ଏହି ରୋଗ ପୂର୍ବରୁ ଥିଲା । ରୋଗୀକୁ ଆଇସଲେସନରେ ରଖିଲେ ଜଣଙ୍କ ମଧ୍ୟରେ ସୀମିତ ରହିବ । ୩ ଦିନରେ ଭଲ ହୋଇପାରୁଛି ଏ ରୋଗ । ତେଣୁ ଏହାକୁ ନେଇ ଡରିବାର ନାହିଁ । ଏହାର ଚିକିତ୍ସା ପାଇଁ କୌଣସି ସ୍ୱତନ୍ତ୍ର ଔଷଧ ବା ଟୀକା ନାହିଁ । ଲକ୍ଷଣ ଅନୁସାରେ ଏହାର ଚିକିତ୍ସା କରାଯାଇଥାଏ । ଯେହେତୁ ରାଜ୍ୟରେ ଏଭଳି ରୋଗୀ ଚିହ୍ନଟ ହେଲେଣି ଆମେ ସତର୍କ ରହିବା ବୋଲି ସେ ପରାମର୍ଶ ଦେଇଛନ୍ତି ।

# ୨ ଦିନ ଯାଏଁ ଘଡଘଡି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୪/୦୫ (ନି.ପ୍ର): ରାଜ୍ୟରେ ଆସନ୍ତା ୨ ଦିନ ଯାଏଁ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ୨୫ ଓ ୨୬ରେ ଉତର ଓଡ଼ିଶା ଓ ଦକ୍ଷିଣ ଉପକୂଳବର୍ତୀ ଜିଲ୍ଲାରେ ବର୍ଷା ହେବା ସମ୍ଭାବନା ଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଢେଙ୍କାନାଳ, ଯାଜପୁର, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଜିଲ୍ଲାରେ ୫୦ରୁ ୬୦ କିମି ବେଗରେ ପବନ ସହ ଘଡ଼ଘଡ଼ି ଓ ବର୍ଷା ସମ୍ଭାବନା ରହିଥିବା ପାଣିବାଗ ବିଭାଗ ସୂଚନା ଦେଇଛି । ଏହି ୬ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଭଳି ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ପୁରୀ, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ନୟାଗଡ଼, ଦେବଗଡ଼ ଓ ଗଞ୍ଜାମ ଜିଲ୍ଲାରେ ୩୦ରୁ ୪୦ କିମି ବେଗରେ ପବନ ଓ ଘଡ଼ଘଡ଼ି ସହ ବର୍ଷା ହୋଇପାରେ । ଏହି ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

# ଶ୍ରୀଲଙ୍କାକୁ ଭାରତ ଯୋଗାଇଲା ୪୦ ହଜାର ମେଟ୍ରିକ ଟନ ପେଟ୍ରୋଲ




ନୂଆଦିଲ୍ଲୀ, ୨୪/୦୫ : ନାହିଁ ନଥିବା ଅସୁବିଧା ଦେଇ ଗତି କରୁଛନ୍ତି ଶ୍ରୀଲଙ୍କା ନାଗରୀକ । ଅତ୍ୟାବଶ୍ୟକୀୟ ସାମଗ୍ରୀର ଘୋର ଅଭାବ ରହିଥିବା ବେଳେ ଜରୁରୀ ମେଡିସିନ ଓ ପେଟ୍ରୋଲ ମଧ୍ୟ ସରିଯାଇଛି । ଏହାରି ଭିତରେ ଶ୍ରୀଲଙ୍କାକୁ ୪୦ ହଜାର ମେଟ୍ରିକ ଟନ ପେଟ୍ରୋଲ ଯୋଗାଇଛି ଭାରତ । ତେବେ ଦେଶରେ ପେଟ୍ରୋଲ ପହଂଚିବା ପରେ ଆକାଶ ଛୁଆଁ ହୋଇଛି ଦର । ପେଟ୍ରୋଲର ଲିଟର ପିଛା ଦର ୪୨୦ ରହିଥିବା ବେଳେ ଡିଜେଲର ଦର ରହିଛି ୪୦୦ ଟଙ୍କା । ଯାହାକୁ ନେଇ ଚୀନ୍ତାରେ ଶ୍ରୀଲଙ୍କା ନାଗରୀକ । ପେଟ୍ରୋଲ ଶୁନ୍ୟ ହୋଇ ଯାଇଥିବା ଦେଶ ଶ୍ରୀଲଙ୍କାକୁ ସହାୟତାର ହାତ ବଢାଇଛି ଭାରତ । ସୋମବାର ଶ୍ରୀଲଙ୍କାକୁ ୪୦ ହଜାର ମେଟ୍ରିକ ଟନ ପେଟ୍ରୋଲ ଯୋଗାଇଛନ୍ତି ଭାରତ ସରକାର । ଏ ନେଇ ଭାରତୀୟ ହାଇ କମିଶନ ଟୁଇଟ ଯୋଗେ ସୂଚନା ଦେଇଛନ୍ତି । ଶ୍ରୀଲଙ୍କାରେ ପେଟ୍ରୋଲ ପହଂଚିବା ପରେ ଏହାକୁ ଅଧିକ ଦାମରେ ବିକିବା ପାଇଁ ନିଷ୍ପତି ନେଇଛନ୍ତି ଶ୍ରୀଲଙ୍କା ସରକାର । ମଙ୍ଗଳବାର ଶ୍ରୀଲଙ୍କାରେ ଲିଟର ପିଛା ପେଟ୍ରୋଲ ଦର ୪୨୦ ଟଙ୍କାକୁ ବୃଦ୍ଧି ହୋଇଥିବା ବେଳେ ଡିଜେଲର ଲିଟର ପିଛା ଦର ୪୦୦ ଟଙ୍କା ରହିଛି । ପେଟ୍ରୋଲ ଦରରେ ୨୪ ପ୍ରତିଶତ ବୃଦ୍ଧି ହୋଇଥିବା ବେଳେ ଡିଜେଲ ଦରରେ ୩୮ ପ୍ରତିଶତ ବୃଦ୍ଧି ହୋଇଛି । ବର୍ଦ୍ଧିତ ତେଲ ଦରକୁ ନେଇ ଚିନ୍ତାରେ ଶ୍ରୀଲଙ୍କା ବାସି । ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ ଦିନକୁ ଦିନ ଗମ୍ଭୀର ରୁପ ନେବାରେ ଲାଗିଛି । ଡାଲି, ଚାଉଳ, ପନିପରିବା. ଖୀର ଓ ଜରୁରୀ ଔଷଧର ଘୋର ଅଭାବ ରହିଥିବା ବେଳେ ମଙ୍ଗଳବାର ଦେଶରେ ତେଲ ଦର ବୃ ହେବା ଦେଶବାସିଙ୍କ ସମସ୍ୟା ବଢାଇ ଦେଇଛି । ▶▶ପୃଷ୍ଠା ୭

# ଚଳନ୍ତା ଟ୍ରକ୍ ଆଗରେ ଯୁବକଙ୍କୁ ବାନ୍ଧିବା ଘଟଣା : ୧୫ ଦିନରେ ରିପୋର୍ଟ ଦେବାକୁ ଏସ୍‌ପିଙ୍କୁ ଓଏଚ୍‌ଆରସିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪/୦୫ (ନି.ପ୍ର): ପାରାଦୀପ ଅଞ୍ଚଳରେ କିଛି ଦିନ ପୂର୍ବରୁ ଏକ ଚଳନ୍ତା ଟ୍ରକ୍ ଆଗରେ ଜଣେ ଯୁବକଙ୍କୁ ମୋବାଇଲ୍ ଚୋରୀ ଅଭିଯୋଗରେ ବାନ୍ଧି ବଳପୂର୍ବକ ଜୋତାମାଳ ଝୁଲାଇବା ଭିଡିଓ ଉତୋଳନ କରିବା ସହ ଏହାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରାଯିଇଥିଲା । ଏହି ଘଟଣାରେ ଓଡ଼ିଶା ମାନବାଧିକାର କମିଶନ୍ (ଓଏଚ୍‌ଆରସି) ହସ୍ତକ୍ଷେପ କରିଛନ୍ତି । ଓଏଚ୍‌ଆରସି ନିଜ ଆଡୁ ମାମଲା ରୁଜୁ କରି କରିଛନ୍ତି । ଏଥିସହ ଜଗତସିଂହପୁର ଏସ୍‌ପିଙ୍କୁ ଘଟଣାର ତଦନ୍ତ କରି ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଓଏଚ୍‌ଆରସି । ▶▶ପୃଷ୍ଠା ୭

# ସ୍କୁଲ ପାଠରେ ଅଲିମ୍ପିକ୍ସ ଶିକ୍ଷା : ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ଦୁଇ ସ୍ମାର୍ଟ ସିଟିର ୯୦ଟି ସ୍କୁଲ ସାମିଲ



ଭୁବନେଶ୍ୱର, ୨୪/୦୫ (ନି.ପ୍ର): ବିଦ୍ୟାଳୟ ସ୍ତରରୁ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ ହେବେ ଛାତ୍ରଛାତ୍ରୀ । ଏହି ପରିପ୍ରେକ୍ଷୀରେ ଅଲିମ୍ପିକ୍ ଶିକ୍ଷା ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ପ୍ରାଥମିକ ଭାବେ ରାଜ୍ୟର ଦୁଇ ସ୍ମାର୍ଟ ସିଟିର ୯୦ଟି ସ୍କୁଲରେ ଆରମ୍ଭ ହେବ ଏହି ଅଲିମ୍ପିକ ଶିକ୍ଷାଦାନ । ରାଉରକେଲାର ୨୭ଟି ଓ ଭୁବନେଶ୍ୱରର ୬୩ ସ୍କୁଲରେ ଏହି ଯୋଜନା ଆରମ୍ଭ ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଏହା ଦେଶରେ ନୂତନ ଅଲିମ୍ପିକ୍ ଆନ୍ଦୋଳନର ଆରମ୍ଭ ହେବ । ସେ କହିଛନ୍ତି, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମ ପିଲାମାନେ ଉତ୍କର୍ଷତା, ବନ୍ଧୁତା ଏବଂ ସମ୍ମାନର ଅଲିମ୍ପିକ୍ ମୂଲ୍ୟବୋଧରୁ ଉପକୃତ ହେବେ । ସେହିପରି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ କହିଥିଲେ ଯେ ଏହି ଯୋଜନା ପିଲାଙ୍କ ଜୀବନରେ ପରିବର୍ତନ ଆଣିବ । ଇଂଟରନ୍ୟାସନାଲ ଅଲମ୍ପିକ୍ କମିଟି (ଆଇଓସି) ଏଜୁକେସନ୍ କମିଶନର ଅଧ୍ୟକ୍ଷା ମିକେଲା ସି ଜୋରସ୍କି କହିଥିଲେ ଯେ କ୍ରୀଡା ହେଉଛି ପରିବର୍ତନର ଏକ ଶକ୍ତିଶାଳୀ ସାଧନ ଯାହା ଆନୁଷ୍ଠାନିକ ଶିକ୍ଷା ଆଣିପାରେ ନାହିଁ । ଅଲିମ୍ପିକ୍ସ ଆନ୍ଦୋଳନ ସମାଜ ପାଇଁ ଅବଦାନ ଦେଇପାରେ । ଏହି ପ୍ରୋଗ୍ରାମ୍ ସ୍କୁଲ୍ ସିଲାବସରେ ସାମିଲ ହେବ ବୋଲି ସେ କହିଥିଲେ । ଚୀନ ଓ ଜାପାନର ଖେଳାଳିଙ୍କ ଭଳି ଖେଳାଳି ସୃଷ୍ଟି ଉଦ୍ଦେଶ୍ୟରେ କସରତ ଆରମ୍ଭ ହେବ । ରାଜ୍ୟରେ ତୃଣମୂଳସ୍ତରରୁ ପିଲାଙ୍କୁ ଅଲିମ୍ପିକ ସମ୍ପର୍କରେ ଶିକ୍ଷା ଦିଆଯିବ । ସାରା ଦେଶରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ଏଭଳି ନିଷ୍ପତି ନେଇଛନ୍ତି, ଯେଉଁଥିରେ ସ୍କୁଲ ପିଲାଙ୍କୁ ଅଲିମ୍ପିକ୍ସ ମୂଲ୍ୟବୋଧ ବିଷୟରେ ଅବଗତ କରାଯିବା ସହ ବିଭିନ୍ନ ଗୋଷ୍ଠୀ କ୍ରୀଡ଼ା ପାଇଁ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇଓସି ର ସଦସ୍ୟା ନୀତା ଅମ୍ବାନୀ , ଅଲମ୍ପିଆନ୍ ଅଭିନବ ବିନ୍ଦ୍ରା, ଓଡିଶା ହକି ପ୍ରମୋସନ୍ କାଉନସିଲ୍ ର ସଭାପତି ଦିଲ୍ଲୀପ ତିର୍କୀ, ଭାରତୀୟ ଅଲମ୍ପିକ୍ ଆସୋସିଏସନ୍ ର ସଭାପତି ନରେନ୍ଦ୍ରର ବାତ୍ରା, ରାଜ୍ୟ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର , କ୍ରୀଡା ନିର୍ଦ୍ଦେଶ ଭିନିଲ୍ କ୍ରୀଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ ।

# ଚିତ୍ତରଞ୍ଜନ ମହାନ୍ତି ହିଁ ମୁଖ୍ୟ ଅଭିଯୁକ୍ତ, ରଚିଥିଲା ହତ୍ୟାର ଯୋଜନା : ବଲାଙ୍ଗିର ଏସପି

ବଲାଙ୍ଗିର,୨୪/୦୫ (ନି.ପ୍ର): ବଲାଙ୍ଗିର ହିଟ୍ ଆଣ୍ଡ ରନ୍ ଘଟଣା ଏକ ଯୋଜନାବଦ୍ଧ ହତ୍ୟା ଷଡ଼ଯନ୍ତ୍ର ଥିଲା। ଚିତରଞ୍ଜନ ମହାନ୍ତି ହିଁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ। ସେ ହିଁ ହତ୍ୟା ଉଦ୍ୟମ କରି ଏହାକୁ ଦୁର୍ଘଟଣାର ରୂପ ଦେବାକୁ ଚେଷ୍ଟା କରିଥିଲା। ଗଣମାଧ୍ୟମ ସମ୍ମୁଖରେ ବଲାଙ୍ଗିର ଏସପି ନୀତିନ୍ କୁଶଲକର ଡାଗଡୁ ଏପରି ଚାଂଚଲ୍ୟକର ସୂଚନା ଦେଇଥିବା ବେଳେ ସିସିଟିଭି ଫୁଟେଜରୁ ମଧ୍ୟ ଏହା ସ୍ପଷ୍ଟ ହେଉଛି। ଜମିଜମା ବିବାଦରୁ ହୋଇଥିବା ଏହି ଯୋଜନାବଦ୍ଧ ହତ୍ୟା ଷଡ଼ଯନ୍ତ୍ରରେ ଚିତରଞ୍ଜନଙ୍କ ସମେତ ୩ ଜଣଙ୍କ ସମ୍ପୃକ୍ତି ରହିଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମୁଖ୍ୟ ଅଭିଯୁକ୍ତ ଚିତର ଗୋଡ଼ ଭାଙ୍ଗିଥିବା ବେଳେ ବଲାଙ୍ଗିର ପୁଲିସ୍ ହେପାଜତରେ ତା'ର ଚିକିତ୍ସା ଚାଲିଛି। ଗତକାଲି ପୋଲିସ୍ ୨ ଜଣଙ୍କୁ ଆଣି ପଚରାଉଚରା କରୁଥିବା ବେଳେ ସେମାନଙ୍କୁ ଛାଡ଼ି ଦେଇଥିବା ଜଣାଯାଇଛି। ଏହାବାଦ ଏହି ଘଟଣାକୁ ବାସ୍ତବ ରୂପ ଦେବାକୁ ତଥା ବ୍ଲୁ ପ୍ରିଂଟ ପ୍ରସ୍ତୁତ କରିବାକୁ ଚିତ ମହାନ୍ତିକୁ ଆଉ ୨ ଜଣ ସହଯୋଗ କରିଥିବା ଜଣାପଡ଼ିଛି। ସେମାନଙ୍କୁ ବଲାଙ୍ଗୀର ପୋଲିସ୍ ଖୋଜୁଛି। ମିନି ଟ୍ରକରେ ୨ ଜଣ ଥିବା ବେଳେ ଏହାକୁ କିଏ ଚଳାଉଥିଲେ ତାର ତଦନ୍ତ ଚାଲିଛି ବୋଲି କହିଛନ୍ତି ଏସପି। ହେଲେ ଏବେ ଭାଇରାଲ ହେଉଥିବା ଏକ ଭିଡିଓରେ ମିନି ଟ୍ରକ୍ ଡ୍ରାଇଭର ସିଟ୍ ରେ ଚିତ ରଞ୍ଜନ ମହାନ୍ତି ବସିଥିବା ଦେଖିବାକୁ ମିଳିଛି। ସେଥିରୁ ଚିତ ହିଁ ଗାଡ଼ି ଚଳାଉଥିବା ସ୍ପଷ୍ଟ ଜଣାପଡୁଛି। ଗତ ଶନିବାର ହୋଇଥିବା ଏହି ଦୁର୍ଘଟଣା ଯେ ଦୁର୍ଘଟଣା ନୁହେଁ, ତାହା ପ୍ରଥମରୁ ହିଁ ସନ୍ଦେହ ହେଉଥିଲା। ପରେ ସ୍ପଷ୍ଟ ଜଣାପଡ଼ିଲା ଯେ, ସାନୁ ନାୟକଙ୍କୁ ଗାଡ଼ି ମଡ଼ାଇ ହତ୍ୟା କରିବାକୁ ଉଦ୍ୟମ କରାଯାଇଥିବା ବେଳେ ଏହାକୁ ଦୁର୍ଘଟଣାର ରୂପ ଦେବାକୁ ଷଡ଼ଯନ୍ତ୍ର ହୋଇଥିଲା। ସୌଭାଗ୍ୟବଶତଃ ସାନୁ ବଂଚି ଯାଇଥିଲେ ମଧ୍ୟ ତାଙ୍କ ସାଙ୍ଗରେ ଥିବା ଶ୍ରୀକାନ୍ତ ବାଗଙ୍କ ମୃତ୍ୟୁ ହୋଇଥିଲା। ଏହା ଏକ ସନ୍ଦେହଜନକ ଦୁର୍ଘଟଣା ବୋଲି ବଲାଙ୍ଗିର ପୁଲିସ୍ ପ୍ରାଥମିକ ତଦନ୍ତରୁ ଜାଣିବା ପରେ ଏହାର ଅଧିକ ତଦନ୍ତ ପାଇଁ ଶନିବାର ଅପରାହ୍ନରେ ଏକ ଟିମ୍ ମେଡିକାଲରେ ପହଂଚିଥିଲା। ମାତ୍ର ସେତେବେଳେ ସେଠାରେ ଚିତ ନଥିବା ବେଳେ ସେ ବିଶାଖାପାଟଣା ପଳାଇବାକୁ ଉଦ୍ୟମ କରୁଥିଲା। ଏକଥା ଜାଣିପାରି ବଲାଙ୍ଗିର ପୋଲିସ ଥୁଆମୁଳ ପୋଲିସ୍ ସହାୟତାରେ ତାକୁ ଓଡ଼ିଶା- ଆନ୍ଧ୍ର ସୀମାନ୍ତରୁ ଧରିବାରେ ସଫଳ ହୋଇଛି। ତାକୁ ବଲାଙ୍ଗିର ଅଣାଯାଇଛି। ଏବେ ତା'ର ଚିକିତ୍ସା ଚାଲିଥିବା ବେଳେ ଚିତ ମହାନ୍ତି ସୁସ୍ଥ ହେବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ବଲାଙ୍ଗୀର ଏସପି। ସିସିଟିଭିରେ କଏଦ ହୋଇଛି ଦୁର୍ଘଟଣାର ଦୃଶ୍ୟ। ପୁଲିସର ସୂଚନା ଅନୁସାରେ, ଦୁର୍ଘଟଣା ପରେ ୨ ଜଣ ରାସ୍ତାରେ ପଡ଼ି ଛଟପଟ ହେଉଥିଲେ। କୌଣସି ବ୍ୟକ୍ତି ଚିତ ମହାନ୍ତିକୁ ପ୍ରଥମେ ମେଡିକାଲ ନେଇଥିଲେ। ତାଙ୍କୁ କିଏ ମେଡିକାଲ ନେଇଥିଲେ ପୁଲିସ ଏବେ ତାହାର ତଦନ୍ତ ଚଳାଇଛି। ଫିଲ୍ମ ଷ୍ଟାଇଲରେ ଏହି ହତ୍ୟା ଯୋଜନା ହୋଇଥିବା ବେଳେ ଏହାକୁ ଦୁର୍ଘଟଣାର ରୂପ ଦେବାକୁ ସମସ୍ତ ପ୍ରକାର ଚେଷ୍ଟା ହୋଇଥିଲା। କିଲର ମିନି ଟ୍ରକ ନମ୍ବର ପ୍ଲେଟରେ କିଛି ସମୟ ପୂର୍ବରୁ କାଳି ବୋଳାଯାଇଥିଲା। ତା' ନମ୍ବର ଭୁଲ ଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହିପରି ତଦନ୍ତରୁ ଅନେକ ଗହନ କଥା ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି। ସୂଚନାଯୋଗ୍ୟ, ଗତ ଶନିବାର ବଲାଙ୍ଗିର ସିରିଜ୍ ଦୁର୍ଘଟଣାରେ ଆହତ ଚିତ ମହାନ୍ତି ଓ ସାନୁ ନାୟକ ସେମାନଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା ବୋଲି ଅଭିଯୋଗ କରିଥିଲେ। ଆହତ ଚିତ କାହା ନାଁ ନେଇ ନଥିବା ବେଳେ ସାନୁ କିନ୍ତୁ ସିଧାସଳଖ ଚିତ ମହାନ୍ତିଙ୍କ ନାଁ ନେଇଥିଲେ। ପରେ ସାମ୍ନାକୁ ଆସିଥିଲା ଦୁର୍ଘଟଣାସ୍ଥଳରେ ଲାଗିଥିବା ସିସିଟିଭିରେ କଏଦ ଦୃଶ୍ୟ। ଯେଉଁଥିରୁ ଜଳଜଳ ସବୁ ଦେଖାଯାଉଛି। କିଲର ମିନି ଟ୍ରକ୍ ରେ ଚିତ ରଞ୍ଜନ ମହାନ୍ତି ଡ୍ରାଇଭର ସିଟ୍ ରେ ବସିଥିଲା। ଏହି ସମୟରେ ତା ପାଖ ସିଟ୍ ରେ ଆଉ ଜଣେ ବସିଥିଲେ। ମିନିଟ୍ରକଟି ବାଟରେ ଯାଉଥିବା ବାଇକ୍ କୁ ଧକ୍କା ଦେଇଥିଲା। ବାଇକରେ ସାନୁ ଓ ଶ୍ରୀକାନ୍ତ ବସିଥିଲେ। ଦୁର୍ଘଟଣାରେ ଶ୍ରୀକାନ୍ତର ମୃତ୍ୟୁ ହୋଇଯାଇଛି। ବାଇକ୍ କୁ ଧକ୍କା ଦେଇ ମିନିଟ୍ରକଟି ଏକ ଗଛରେ ପିଟିହୋଇ ରାସ୍ତା ମଝିକୁ ବୁଲି ଯାଇଥିଲା। ଏହି ସମୟରେ ରାସ୍ତାରେ ଆସୁଥିବା ଅନ୍ୟ ଏକ ଟ୍ରକ ମିନିଟ୍ରକକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଚିତଙ୍କ ବାମ ଗୋଡ଼ ଭାଙ୍ଗିଯାଇଥିଲା। ତେଣୁ ସେ ଫେରାର ହୋଇ ପାରି ନ ଥିଲେ। ହେଲେ ତାଙ୍କ ସହଯୋଗୀ ଫେରାର ହୋଇଯାଇଥିବାରୁ ତାଙ୍କୁ ଖୋଜୁଛି ବଲାଙ୍ଗୀର ପୁଲିସ୍। ଅନ୍ୟପକ୍ଷରେ ଆଜି ଆମ୍ବୁଲାନ୍ସରେ ନେଇ ଚିତ ମହାନ୍ତିକୁ କୋର୍ଟରେ ହାଜର କରାଯାଇଛି।

## ପୋଲିସ ଓ ପ୍ରେସ ତିନି ଦିନିଆ କ୍ରିକେଟ ସିରିଜ : ପୋଲିସ ଟିମ୍ ଚମ୍ପିୟାନ

କନ୍ଧମାଳ, ୨୩ ମଇ (ହି.ସ.)- ଶୁକ୍ରବାର ଠାରୁ ପୋଲିସ ଓ ଗଣମାଧ୍ୟମ ମଧ୍ୟରେ ୩ ଦିନିଆ ସମର କ୍ରିକେଟ ସିରିଜ ମେଚରେ ତିନୋଟି ଯାକ ମେଚରେ ପୋଲିସ ଟିମ ବିଜୟୀ ହୋଇ ଚମ୍ପିୟାନ ଟ୍ରଫି ହାସଲ କରିଛି। ପୋଲିସ ଓ ଗଣମାଧ୍ୟମ ମଧ୍ୟରେ ସଦଭାବ ଓ ସୁ-ସମ୍ପର୍କ ବୃଦ୍ଧି କରିବାରେ ଏହି ଖେଳ ସାହାଯ୍ୟ କରିବ ଓ ଆଗାମୀ ଦିନରେ ବି ମେଚ ଜାରୀ ରହିବ ବୋଲି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବରିଷ୍ଠ ପୋଲିସ ଅଧିକାରୀ ଏସ. କେ. ଦଣ୍ଡସେନା, ସମ୍ମାନିତ ଅତିଥି ଭାବେ ଆର ଆଇ ଧର୍ମେନ୍ଦ୍ର ପ୍ରଧାନ, ଏସଡିପିଓ ମହେନ୍ଦ୍ର ନାଥ ମୁର୍ମୁ, ପ୍ରଦୀପ ପ୍ରଧାନ, ପ୍ରେସ କ୍ଲବ ସଭାପତି ସୁନୀଲ ପଟନାୟକ, ସମ୍ପାଦକ ପ୍ରଶାନ୍ତ ବେହେରା ପ୍ରମୁଖ ମତବ୍ୟକ୍ତ କରିଥିଲେ। ରବିବାର ଅନୁଷ୍ଠିତ ପନ୍ଦର ଓଭର ବିଶିଷ୍ଟ ଫାଇନାଲ ମେଚ ରେ ପ୍ରେସ ଟିମ ଟସ ଜିତି ପୋଲିସ ଟିମ କୁ ବ୍ୟାଟିଂ କରିବା ଲାଗି କହିଥିଲା ଆଉ ପୋଲିସ ଟିମ ମୋଟ ୧୫ ଓଭର ଖେଳି ତିନି ଉଇକେଟ ହରାଇ ଶହେ ନବେ ରନ ସଂଗ୍ରହ କରି ଥିବା ବେଳେ ଜବାବ ରେ ପ୍ରେସ ଟିମ ମାତ୍ର ୮୯ ରନ ସଂଗ୍ରହ କରିବାରେ ସମର୍ଥ ହୋଇଥିଲା। ପୋଲିସ ଏସଡିପିଓ ମହେନ୍ଦ୍ର ନାଥ ମୁର୍ମୁ ଟିମ ର ନେତୃତ୍ୱ ନେଇ ନିଜେ ମଧ୍ୟ ସୁନ୍ଦର ଭାବେ ବୋଲିଙ୍ଗ କରି ଦୁଇଟି ଉଇକେଟ ନେଇଥିଲେ । ପ୍ରେସ ଟିମ କ୍ୟାପଟେନ ଶିବ ସୁନ୍ଦର ନାୟକ ଓ ଭାଇସ କ୍ୟାପଟେନ ବାଳକୃଷ୍ଣ ଚର୍ଚି ପ୍ରାଣମୂର୍ଚ୍ଛା ଉଦ୍ୟମ କରି ମଧ୍ୟ ବିଫଳ ହୋଇଥିଲେ । ବରିଷ୍ଠ ସାମ୍ବାଦିକ ତଥା ପ୍ରେସ କ୍ଲବ ସଭାପତି ସୁନୀଲ ପଟନାୟକ ରନର୍ସ ଅପ ସିଲ ଟିମ କ୍ୟାପଟେନ ଶିବ ଶଙ୍କର ନାୟକଙ୍କୁ ପ୍ରଦାନ କରିଥିଲେ।

## ବ୍ରହ୍ମପୁରଠାରେ ଗଞ୍ଜାମ -ଗଜପତି ସମବାୟ କର୍ମଶାଳା ଅନୁଷ୍ଠିତ

ଗଞ୍ଜାମ,୨୪/୦୫ (ନି.ପ୍ର): ବ୍ରହ୍ମପୁର ଷ୍ଟେସନ ରୋଡ ସ୍ଥିତ ସର୍କିଟ ହାଉସ ଠାରେ ଗଞ୍ଜାମ ଜିଲ୍ଲା ବିଜେଡ଼ି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ନେତୃତ୍ୱରେ ଅଭିଭକ୍ତ ଗଞ୍ଜାମ- ଗଜପତି ସମବାୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଏବଂ ଗଜପତି ଜିଲ୍ଲା ବିଜୁ ଜନତା ଦଳର ବିଧାୟକ, ବିକ୍ରମ ପଣ୍ଡା, ଶ୍ରୀକାନ୍ତ ସାହୁ, ସୁବାସ ବେହେରା, ପୂର୍ଣ୍ଣ ସ୍ୱାଇଁ, ଲତିକା ପ୍ରଧାନ, ମଞ୍ଜୁଳା ସ୍ୱାଇଁ, ସାଂସଦ, ଚନ୍ଦ୍ରଶେଖର ସାହୁ, ପ୍ରମିଳା ବିଶୋଇ, ମେୟର ସଙ୍ଘମିତ୍ରା ଦଳାଇ ଏବଂ ଅନ୍ୟାନ୍ୟ ବରିଷ୍ଠ ସମବାୟବିତ ପ୍ରସାଦ ଦୋରା, ବୀରେନ୍ଦ୍ର ଆରୁଖ, କୈଳାଶ ରଣା ପ୍ରଦୀପ ନାୟକ, ସନାତନ ସଂଗ୍ରାମ ସିଂହ କାମକ୍ଷା ପାତ୍ର, ଆପେନା ସେଠି, ମମତା ବିଶୋଇ ପ୍ରମୁଖ ମହିଳା ନେତୃବୃନ୍ଦ ଉପସ୍ଥିତ ରହି ସମବାୟ ସମିତିର ନିର୍ବାଚନ ଓ ପରିଚାଳନା ଉପରେ ଆଲୋଚନା କରିଥିଲେ।

## ଖଜୁରିପଡା ଦଳପଡାରେ ଶିକ୍ଷା, ସ୍ୱାସ୍ଥ୍ୟ ପୋଷଣ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ,୨୪/୦୫ (ନି.ପ୍ର): ଖଜୁରୀପଡା ବ୍ଲକ ଦଳପଡା ଗ୍ରାମପଚାଂୟତ ସଭାଗୃହରେ ଆଜି ଶିକ୍ଷା ସ୍ୱାସ୍ଥ୍ୟ ପୋଷଣ ଭଳି ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଜିଲ୍ଲାପାଳ ଡ.ବୃନ୍ଦା ଡିଙ୍କ ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଗ୍ରାମାଂଚଳରେ କିଭଳି ଶିକ୍ଷା ସ୍ୱାସ୍ଥ୍ୟର ବିକାଶ ହେବାସହ ଅପପୃଷ୍ଟିଜନିତ ରୋଗ ସମ୍ପୂର୍ଣ୍ଣ ଦୂର ହୋଇପାରିବ ସେନେଇ ସରକାରୀ ଭାବେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବିନ୍ଦ୍ରନାଥ କହଁର କହିଥିଲେ। ସେହିଭଳି ଶିକ୍ଷା ଏବଂ ସ୍ୱାସ୍ଥ୍ୟର ବିକାଶ କିଭଳି ହୋଇପାରିବ ସେନେଇ ମଧ୍ୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ନିମାଇଁ ଚରଣ ବିଶି ଏବଂ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ କୁମାର ଦିଗାଲ ସମସ୍ତଙ୍କୁ ଅବଗତ କରିଥିଲେ। ସେହିଭଳି ମହିଳା ଓ ଶିଶୁ ବିକାଶ ଅଧିକାରୀଣି ଗୀତାନ୍ଜଳି ପଣ୍ଡା ମଧ୍ୟ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ ଯୋଗଦାନ କରି ଶିକ୍ଷା, ସ୍ୱାସ୍ଥ୍ୟ ପୋଷଣ ଭଳି ସମସ୍ୟା ଏବଂ ନିରାକରଣ ବିଷୟରେ ଆଲୋଚନା କରିଥିବା ବେଳେ ଦଳପଡା ଗ୍ରାମପଚାଂୟତ ସରପଂଚ ପଦ୍ମିନୀ ମଲିକ, ନାଏବ ସରପଂଚ କମ୍ବୁପାଣୀ ବେହେରା, ସମିତିସଭ୍ୟ ସୁନନ୍ଦ କୁମାର ଯାନୀ ଏବଂ ଗ୍ରାମପଚାଂୟତର ସମସ୍ତ ୱାର୍ଡ ସଭ୍ୟସଭ୍ୟା ଯୋଗଦାନ କରିଥିଲେ। ବ୍ଲକର ବିଭିନ୍ନ ବିଭାଗର ବିଏସଏସଓ ମନୋଜ କୁମାର ସାହୁ ଗ୍ରାମପଂଚାୟତ ସଂପ୍ରସାରଣ ଅଧିକାରୀ ସୋନମ ବେହେରା, ବିଏଲସି ପରେଶ ଦିଗାଲ, କାର୍ଯ୍ୟନିର୍ବାହୀ ଅଧିକାରୀ ଲଛମନ କହଁର, ଗ୍ରାମ ରୋଜଗାର ସେବକ ସୁଶାନ୍ତ କୁମାର ପାତ୍ରଙ୍କ ସହ ଗ୍ରାମପଚାଂୟତର ସମସ୍ତ ଅଙ୍ଗନୱାଡି କର୍ମୀ ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ସିଆରପି ଏମବିକେଙ୍କ ସମେତ ବହୁ ମହିଳା ଉପସ୍ଥିତ ଥିଲେ।

# ରଥଯାତ୍ରା ପ୍ରଥମ ସମନ୍ୱୟ କମିଟି ବୈଠକ : ରାସ୍ତାଘାଟ, ବିଜୁଳି ଓ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ହୋ-ହଲ୍ଲା

ପୁରୀ,୨୪/୦୫ (ନି.ପ୍ର): ଜୁଲାଇ ୧ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ରତ୍ନସିଂହାସନ ଛାଡ଼ି ମହାପ୍ରଭୁ ଭକ୍ତଙ୍କ ଗହଣରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିବେ । ଏହି ମହାନ ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ରାଜ୍ୟ, ଜିଲ୍ଲା ଓ ଶ୍ରୀମନ୍ଦିର ପ୍ରଶାସନ ତତ୍ପର ହୋଇଉଠିଛି । ଆଜି ରୂପାନ୍ତରିତ ଟାଉନହଲରେ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତାରେ ପ୍ରଥମ ରଥଯାତ୍ରା ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥର ଭକ୍ତ ଯୁକ୍ତ ରଥଯାତ୍ରା ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯିବ ବୋଲି ଆରଡ଼ିସି ଶ୍ରୀ ଦଳାଇ କହିଥିଲେ । ବିଶ୍ୱର କୋଣ ଅନୁକୋଣରୁ ଭକ୍ତ ଶ୍ରୀକ୍ଷେତ୍ରକୁ ଆସିବେ । ଉନ୍ନତମାନର ପ୍ରଶାସନିକ ବ୍ୟବସ୍ଥା କରିବା ସହ ରଥଯାତ୍ରାକୁ ସୁଚାରୁରୁପେ ପରିଚାଳନା କରିବା ଉପରେ ଶ୍ରୀ ଦଳାଇ ଗୁରୁତ୍ୱ ଦେଇଥିଲେ । ଜିଲ୍ଲାପାଳ ସମର୍ଥ ବର୍ମା ବୈଠକରେ ଯୋଗଦେଇ କହିଲେ, ମହାପ୍ରଭୁଙ୍କ ଏହି ମହାନଯାତ୍ରା ସମାପନ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ । ସେବାୟତ ଓ ବିଭିନ୍ନ ଅଧିକାରୀମାନଙ୍କ ସହ ମାଇକ୍ରୋପ୍ଲାନ କରାଯାଇ ସମସ୍ତ ବ୍ୟବସ୍ଥାକୁ ସୁପରିଚାଳିତ କରାଯାଉଛି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ରଥକାଠ ଯୋଗାଣ, ରଥଯାତ୍ରାରେ ବ୍ୟବହୃତ ବିଭନ୍ନ ଦ୍ରବ୍ୟ, ରଥକନା, ରଥ ଦଉଡ଼ି, ଲାଗି ଲୁଗା, ବାସୁଙ୍ଗାପାଟ ଓ ଚନ୍ଦନକାଠ ସମ୍ପର୍କରେ ମତାମତ ଦେଇଥିଲେ । ରଥକାଠ ଯୋଗାଣ ସମ୍ପର୍କରେ ନୟାଗଡ଼ ଡ଼ିଏଫଓ ହେମା ଷଡ଼ଙ୍ଗୀ ବିସ୍ତୃତ ଭାବେ କହିଥିଲେ । ଜଗନ୍ନାଥ ବନ ପ୍ରକଳ୍ପକୁ ନେଇ ଗୃହରେ ସଭ୍ୟମାନେ ହୋ-ହଲ୍ଲା କରିଥିଲେ । ସ୍ୱାସ୍ଥ୍ୟ ସମ୍ପର୍କରେ ସିଡ଼ିଏମଓ ଡ଼ାକ୍ତର ସୁଜାତା ମିଶ୍ର କହିଲେ, ଏଥର ରଥଯାତ୍ରାରେ ଅଧିକ ଡ଼ାକ୍ତର, ନର୍ସ ସହ ସ୍ୱାସ୍ଥ୍ୟ କର୍ମଚାରୀମାନେ ନିୟୋଜିତ ହେବେ ।

୨୦୧୯ ରଥଯାତ୍ରା ପରି ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ । ଚନ୍ଦନପୁର, ସାକ୍ଷୀଗୋପାଳ, ମଙ୍ଗଳପୁର, ପିପିଲି ଠାରେ ସମ୍ପୃକ୍ତ ଡ଼ାକ୍ତରଖାନା ପକ୍ଷରୁ ଜାତୀୟ ରାଜପଥ ପାର୍ଶ୍ୱରେ ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯିବ । ହବିଷ୍ୟାଳି କେନ୍ଦ୍ର ଓ ଭକ୍ତ ନିବାସରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ରହଣି ପାଇଁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଥିଲେ । ପୌରସଂସ୍ଥାର ପରିମଳ ସମ୍ପର୍କରେ ବୈଠକରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା । ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ କହିଲେ, ଏବେ ବଡ଼ଦାଣ୍ଡର ଦୁଇପାର୍ଶ୍ୱ ନାଳକୁ ଜାଗୃତି ସଂସ୍ଥା ସଫା କରୁଛି । ୩୨ଟି ୱାର୍ଡ଼ର ସାହିମାନଙ୍କରେ ଥିବା ନାଳଗୁଡ଼ିକ ସଫେଇ କରାଯାଇ ସ୍ଲାପ ଘୋଡ଼ାଯାଉଛି । ସାହି ମାନଙ୍କରେ ରାସ୍ତାଘାଟ ମରାମତି କରାଯାଉଛି । ପାନୀୟ ଜଳ ଯୋଗାଣ ସମ୍ପର୍କରେ ୱାଟର ମ୍ୟାନେଜର ଶରତ ମିଶ୍ର କହିଲେ, ବଡ଼ଦାଣ୍ଡର ଦୁଇପାର୍ଶ୍ୱରେ ୨୪ ଘଂଟିଆ ପାଣି ବ୍ୟବସ୍ଥା ଷ୍ଟଲ ଷ୍ଟାଣ୍ଡପୋଷ୍ଟ ଜରିଆରେ ଯୋଗାଇ ଦିଆଯାଉଛି । ସ୍ନାନଯାତ୍ରା, ଶ୍ରୀଗୁଣ୍ଡିଚା, ବାହୁଡ଼ାଯାତ୍ରା ଦିନ ସେବାୟତମାନଙ୍କ ପାଇଁ ପ୍ରାତଃ ସମୟରୁ ଜଳ ଯୋଗାଣ କରାଯିବ । ରଥଯାତ୍ରା ସମୟରେ ପାଣି ସିଂଚନ କରାଯିବ । ୩୦ଟି ପାଣି ଟ୍ୟାଙ୍କର ଜରିଆରେ ପାନୀୟଜଳ ଯୋଗାଇ ଦିଆଯିବ । ବିଦ୍ୟୁତ ଯୋଗାଣ ସମ୍ପର୍କରେ ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ମୃତିରଞ୍ଜନ ସ୍ୱାଇଁ ରଥଯାତ୍ରା ପାଇଁ ବିଦ୍ୟୁତ୍ ଯୋଗାଣ ସମ୍ପର୍କରେ ମତ ରଖିଥିଲେ । ଏହା ସହ ପରିବହନ, ଡ୍ରେନଜ, କଂଟ୍ରୋଲ ସାମଗ୍ରୀ ଯୋଗାଣ, ଟେଲିଫୋନ ସେବା, ବଡ଼ଦାଣ୍ଡରୁ ଗାଇ, ଷଣ୍ଢ ଅପସାରଣ ଓ ଅନ୍ୟାନ୍ୟ ପ୍ରସଙ୍ଗ ସହ ରଥଯାତ୍ରାରେ ପୋଲିସ ବ୍ୟବସ୍ଥା ସମ୍ପର୍କରେ ଏସପି କେ. ବିଶାଲ ସିଂହ ସୁଚିନ୍ତିତ ମତାମତ ଦେଇଥିଲେ ।

ଏହି ବୈଠକରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସାଂସଦଙ୍କ ପ୍ରତିନିଧି ଗୌରହରି ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ପ୍ରଦୀପ କୁମାର ସାହୁ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ, ସଂସ୍କୃତି ବିଭାଗ ନିର୍ଦ୍ଦେଶକ, ଆଇନ ବିଭାଗର ଡ଼େପୁଟି ସେକ୍ରେଟାରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ବୈଠକରେ ଯୋଗ ଦେଇଥିଲେ । ଏହାସହ ଗୃହରେ ବୁଦ୍ଧିଜୀବୀ, ମଠାଧିଶ, ସେବାୟତ, ସାମ୍ବାଦିକ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ମଣ୍ଡି ସମସ୍ୟା ନେଇ ଜିଲା ଯୋଗାଣ ଅଧିକାରୀଙ୍କୁ ଘେରିଲେ ଚାଷୀ

ଜୟପୁର,୨୪/୦୫ (ନି.ପ୍ର): ଜୟପୁର ବ୍ଲକର ଚାଷୀମାନେ ଏକତ୍ରିତ ହୋଇ ଆଜି ବିକ୍ଷୋଭ କରିବା ସହ ଜୟପୁର ସ୍ଥିତ ଜିଲା ଯୋଗାଣ ଅଧିକାରୀଙ୍କୁ ଘେରାଇଉ କରିଛନ୍ତି । ଜିଲା ଯୋଗାଣ ଅଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲା ଯୋଗାଣ ଅଧିକାରି ପ୍ରିୟବନ୍ଧା ବେହେରାଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବୀ ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ମଣ୍ଡିରେ ଭିତି ଭୁମିର ବ୍ୟବସ୍ଥା କରିବା, ବର୍ଷାକୁ ଦୃଷ୍ଟିରେ ରଖି ଟାରପାଲ ବ୍ୟବସ୍ଥା କରିବା , ମଣ୍ଡିରେ ପାନିୟ ଜଳର ବ୍ୟବସ୍ଥା କରିବା, ଦଲାଲ ମୁକ୍ତ ମଣ୍ଡି ବ୍ୟବସ୍ଥା କରିବା, ଚାଷିଙ୍କୁ ପାତର ଅନ୍ତର ନକରିବା ଏବଂ ନିରିହ ଚାଷିଙ୍କୁ ଦୁବ୍ୟବହାର ନକରିବା, ଚାଷି ଏବଂ ଲେମ୍ପ ସହିତ ସିଧା ଯୋଗାଯୋଗ କରିବା ମଧ୍ୟସ୍ଥତା ମିଲର କୁ ନକରିବା ଆଦି ଦାବୀ କରାଯାଇଛି । ଦାବି ପତ୍ର ପ୍ରଦାନ ସମୟରେ ବି ବାଲିଙ୍କି ରାଓ, ଗୁପ୍ତ ନାୟକ, ରତନ ପୁଜାରୀ ପ୍ରମୁଖ ଚାଷି ଉପସ୍ଥିତ ରହି ଦାବୀ ପତ୍ର ପ୍ରଦାନ କରିଛନ୍ତି ।

## ଗଞ୍ଜେଇ ଜବତ : ୪ ଜଣ ଗିରଫ

ଜୟପୁର,୨୪/୦୫ (ନି.ପ୍ର): ବାଇକରେ ଗଞ୍ଜେଇ ଚୋରା ଚାଲାଣ ବେଳେ ବୈପାରୀଗୁଡା ଥାନା ଅନ୍ତର୍ଗତ ଗୌଡ଼ଗୁଡା ଛକ ଠାରେ ପୋଲିସ୍ ହାବୁଡରେ ପଡିଛି। ବୈପାରୀଗୁଡା ପୁଲିସ ପକ୍ଷରୁ ୬୦ କେଜି ଗଞ୍ଜେଇ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରାଯାଇଛି । ଥାନା ଅଧିକାରୀ ବିରଞ୍ଚି ନାରାୟଣ ଜଗତଙ୍କ ନେତୃତ୍ୱରେ ପୁଲିସର ଗୋଟିଏ ଟିମ ଜୟପୁର ରାସ୍ତା ଗୌଡ଼ଗୁଡା ଛକ ଠାରେ ଗାଡି ମୋଟର ଯାଞ୍ଚ କରୁଥିଲେ । ସେହି ସମୟରେ ୨ ଟି ବାଇକରେ ମହିଳା ପୁରୁଷ ଚାରି ଜଣ ୩ଟି ବ୍ୟାଗରେ ଗଞ୍ଜେଇ ଭର୍ତ୍ତି କରି ନେଉଥିଲେ । ହେଲେ ପୁଲିସ ଯାଞ୍ଚ ବେଳେ ୬୦କିଲୋ ଗଞ୍ଜେଇ ଜବତ କରିବା ସହ ଚାରି ଜଣ ଚାଲାଣକାରୀଙ୍କୁ ଗିରଫ କରିଥିବା ପ୍ରେସ ମିଟରେ ସୂଚନା ଦେଇଛନ୍ତି ଥାନା ଅଧିକାରୀ।

## ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦାବିରେ ଅନଲାଇନ ବୈଠକ

କନ୍ଧମାଳ,୨୪/୦୫ (ନି.ପ୍ର): ଆମେ ଓଡ଼ିଆ, ଆମ ଭାଷା ବଢିଆ। ଓଡ଼ିଶାର ତତ୍କାଳୀନ ବରପୁତ୍ରଙ୍କ ନିଷ୍ପାପର ନିଃସ୍ୱାର୍ଥପର ଲଢ଼େଇ ଫଳରେ ଇଂରେଜ ସରକାର ଭାଷା ଭିତିରେ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟାର ମାନ୍ୟତା ଦେଲେ। ଓଡ଼ିଆ ଭାଷା କାର୍ଯ୍ୟକାରୀ କରିବାକୁ ଘୋଷଣା କଲେ। ଦେଶ ସ୍ୱାଧିନର ୧୫ ବର୍ଷ ମଧ୍ୟରେ ପ୍ରାଦେଶିକ ଭାଷାରେ ରାଜ୍ୟ ଶାସନ ପାଇଁ ସମ୍ବିଧାନରେ ନିର୍ଦ୍ଦେଶ ରହିଛି।୧୯୫୪ ମସିହାରେ ପ୍ରଥମ ବିଧାନସଭାରେ ମନିଷି ନବକୃଷ୍ଣ ଚୌଧୁରୀ ଭାଷା ଆଇନ ପ୍ରଣୟନ କଲେ। କିନ୍ତୁ, ୧୯୬୩ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟନାୟକ ଅଗଣତାନ୍ତ୍ରିକ ଭାବେ ଓଡ଼ିଆ ଭାଷା ସହିତ ଇଂରାଜୀ ଭାଷା ପ୍ରଚଳନ ହେବ ବୋଲି ଏକ ଆଧାଦେଶ ଆଣିବାରୁ ଓଡ଼ିଆ ଭାଷା କାର୍ଯ୍ୟକାରୀ ହୋଇପାରିଲା ନାହିଁ।ବର୍ତମାନ ଭାଷାପ୍ରେମୀ ସୁବାଷ ଚନ୍ଦ୍ର ପଟ୍ଟନାୟକ ଭାଷା ଆନ୍ଦୋଳନ ମାଧ୍ୟମରେ୬ ବର୍ଷ ହେଲା ଜାରି ରଖିଛନ୍ତି କଳାପତକା ଅଭିଯାନ। ମୁଖ୍ୟମନ୍ତ୍ରୀ ଭାଷା ବିଧେୟକରେ ସଂଶୋଧନ ଆଣିବାକୁ କ୍ୟାବିନେଟ ନିଷ୍ପତି ନେଉଥିବା ବେଳେ ଅଧିକାରୀ ମାନେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ପରିବର୍ତ୍ତନ କରୁଥିବା ଦେଖାଯାଉଛି। ଓଡ଼ିଆ ଭାଷା ଆମର ମାତୃଭାଷା। ମାତୃଭାଷାରେ ଶାସନ ଆମ ଅଧିକାର। କିନ୍ତୁ, ଶୋଷକ ଗୋଷ୍ଠୀ ତାହା କରାଇ ଦେଉ ନାହାନ୍ତି। ଓଡ଼ିଆ ଭାଷା ଆମର ଅସ୍ମିତା ଓ ଗୌରବ। ତେଣୁ ଆମେ ଭାଷାକୁ ଗୁରୁତ୍ୱ ଦେବା ଆବଶ୍ୟକ। ସେଥିପାଇଁ ଫୁଲବାଣୀ ଲେଖକ ସାମୁଖ୍ୟ ଠାରେ ଅନଲାଇନରେ ଆମ ଭାଷାର ସ୍ଥିତି ସମ୍ପର୍କରେ ଅନୁଷ୍ଠିତ ବୈଠକରେ ସୁବାଷ ଚନ୍ଦ୍ର ପଟ୍ଟନାୟକ ସରକାରଙ୍କୁ ଦେଇଥିବା ପରାମର୍ଶ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଲେଖକ ସାମୁଖ୍ୟର ରବିନ୍ଦ୍ର ନାଥ ମିଶ୍ର, ଚିତରଞ୍ଜନ ମିଶ୍ର, ବୈକୁଣ୍ଠ ନାଥ ସ୍ୱାଇଁ,ଅଖିଳ ବିଶ୍ୱାଳ, ପ୍ରଶନ୍ନ ପଣ୍ଡା, ରାଜ କିଶୋର ପାଢ଼ୀ, କୈଳାସ ବେହେରା, ରବୀନ୍ଦ୍ର ନାଥ ରଥ, ସମେତ ୧୪ଟି ଜିଲାର ଭାଷାପ୍ରେମୀ ଭାଇ ଓ ଭଉଣୀମାନେ ଯୋଗଦାନ କରିଥିଲେ। ରଞ୍ଜନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଶୋକ ପରିଡ଼ା ସବୁ ଜିଲାର ଓଡ଼ିଆ ଭାଇଭଉଣୀ ଏହି ଆନ୍ଦୋଳନରେ ଯୋଗଦେଇ ଆମ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେବା ପର୍ଯ୍ୟନ୍ତ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ।

## ପୌର ଅଧ୍ୟକ୍ଷଙ୍କୁ ଗିରଫ ଦାବିରେ ଧାରଣାରେ ସିପିଆଇ ନେତା

ଜୟପୁର ,୨୪/୦୫ (ନି.ପ୍ର): କୋରାପୁଟ ଜିଲା ସିପିଆଇ ନେତା ସତ୍ୟ ବ୍ରତ ନନ୍ଦଙ୍କୁ ଗତ ଶୁକ୍ରବାର ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ମାଡ ମାରିଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ସତ୍ୟ ବ୍ରତଙ୍କ ଅଭିଯୋଗ କ୍ରମେ ଜୟପୁର ଟାଉନ ପୋଲିସ ମାମଲା ରୁଜୁ କରିଛି । ତୁରନ୍ତ ପୌର ଅଧ୍ୟକ୍ଷଙ୍କୁ ଗିରଫ କରିବା ଦାବୀରେ ସୋମବାର ଟାଉନ ଥାନା ସମ୍ମୁଖରେ ସତ୍ୟବ୍ରତ ଧାରଣାରେ ବସିଛନ୍ତି । ସୂଚନା ଅନୁଯାୟୀ ଗତ ଶୁକ୍ରବାର ରାତ୍ର ରେ ପୌରପାଳିକା ପୋଲିସ, ପ୍ରଶାସନ ତରଫରୁ ଜୟପୁର ମୁଖ୍ୟ ରାସ୍ତାରେ ଟ୍ରାଫିକ ସମସ୍ୟାର ସମାଧାନ ପାଇ ଚଢାଉ କରାଯାଉଥିଲା। ରାସ୍ତା ଉପରେ ଗାଡି ରଖୁଥିବାରୁ ଜୋରି ମାନା ଆଦାୟ କରାଯାଇଥିଲା । ଏନେଇ ଶୁକ୍ରବାର ରାତିରେ ସତ୍ୟବ୍ରତ ନନ୍ଦ ଜୟପୁର ପୌରପାଳିକା କାର୍ଯ୍ୟାଳୟକୁ ଯାଇ ପୌର ନିବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ସାକ୍ଷାତ କରିଥିଲେ। ପରେ ଅଧ୍ୟକ୍ଷ ମହାନ୍ତି ସତ୍ୟ ବ୍ରତକୁ ମାଡ ମାରିବା ସହ ଗାଳି ଗୁଲଜ କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । ଅଭିଯୋଗ ଆଧାରରେ ୧୨୦/୨୨ରେ ମାମଲା ରୁଜୁ କରିଛି । ପୌର ଅଧ୍ୟକ୍ଷ ମହାନ୍ତି ବିରୁଦ୍ଧରେ ୩୪୧/୨୯୪/୩୨୩/ ଦଫାରେ ମାମଲା ରୁଜୁ ହୋଇଛି । ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ବିଷୟ ଏସଡିପିଓ ଅରୁପ ଅଭିଷେକ ବେହେରା ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଦଳର ଶୃଙ୍ଖଳାକୁ ନମାନିବା କାରଣରୁ କୋରାପୁଟ ଜିଲା ସିପିଆଇ ତରଫରୁ କୋରାପୁଟ ଜିଲା ସିପିଆଇର ସଭ୍ୟ ଓ ଯୁବ ଛାତ୍ର ଆବାହକ ପଦରୁ ୬ ମାସ ପାଇ ସତ୍ୟବ୍ରତ ନନ୍ଦଙ୍କୁ ନିଲମ୍ବନ କରିଥିବା ନେଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ ସୂଚନା ଦେଇଛନ୍ତି । ସିପିଆଇ ସାଧାରଣ ସଭ୍ୟ ଭାବେ ସତ୍ୟ ବ୍ରତ ନନ୍ଦଙ୍କୁ ପ୍ରାଥମିକ ସଭ୍ୟ ଭାବେ ଗ୍ରହଣ କରାଯାଇଥିଲା । ପରବର୍ତୀ ସମୟରେ ଛାତ୍ର ଓ ଯୁବକ ସଂଗଠିତ କରିବା ପାଇ ଦଳ ଦାୟିତ୍ୱ ଦେଇଥିଲା ଓ ଗତ ପୌର ନିବାଚନରେ ସିପିଆଇ ତରଫରୁ ଅଧ୍ୟକ୍ଷ ଭାବେ ନିବାଚନ ଲଢିଥିଲେ । କିନ୍ତୁ କେତେକ ସ୍ଥଳରେ ସତ୍ୟବ୍ରତ ଅତି ଔଧତ୍ୟପୁର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ । ଯେଉଁଥିପାଇଁ ଦଳ ତରଫରୁ ଚେତାବନୀ ମଧ୍ୟ ଦିଆଯାଇଛି ଓ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଗତ ଶୁକ୍ରବାର ଖାଦ୍ୟର ମାନ ଯାଞ୍ଚ ଓ ଟ୍ରାଫିକ ବ୍ୟବସ୍ଥା ସୁଧାର ପାଇଁ ପୋଲିସ ବିଭାଗର ଅଧିକାରୀ ମାନେ ତନଖି କରୁଥିଲେ ଏବଂ କୋଲକତା ବଜାର ସମ୍ମୁଖରେ ରଖିଥିବା ଯାନର ମାଲିକ ଉପରେ ଜୋରିମାନା ପକାଯାଇଥିଲା । ଏନେଇ ନନ୍ଦ ପୌର ପରିଷଦକୁ ଯାଇଥିଲେ । ସେଠାରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରୁଥିଲେ ସେଠାରେ ପୌର ଅଧ୍ୟକ୍ଷ ମହାନ୍ତି ନନ୍ଦକୁ ମାଡ ମାରିଥିବା ଦଳ ସମ୍ମୁଖରେ ସୁଚନା ଦେଇଥିଲେ । ଏନେଇ ସତ୍ୟତାଜାଣିବା ପାଇ ସିପିଆଇର ନେତୃମଣ୍ଡଳି ପୌର କାଯ୍ୟନିବାହୀ ଅଧିକାରିଙ୍କୁ ସାକ୍ଷତ କରିଥିଲେ । ନନ୍ଦ ଦେଖାଇଥିବା ଦୁବ୍ୟବହାର ସମ୍ପର୍କରେ ପୌର କାଯ୍ୟନିବାହୀ ଅଧିକାରି ସୁଚନା ଦେଇଥିଲେ । ଦଳ ତରଫରୁ ନନ୍ଦଙ୍କୁ କୁହାଯାଇଥିଲା ଯେ ପୌର ଅଧ୍ୟକ୍ଷ ମହାନ୍ତି ଭୁବନେଶ୍ୱରରୁ ଫେରିବା ପରେ ପଦକ୍ଷେପ ନେବା ଓ ବର୍ତ୍ତମାନ ଏଫଆଇଆରକୁ ସ୍ଥଗିତ ରଖିବା । କିନ୍ତୁ ଦଳର ନିଷ୍ପତ୍ତି ନ ମାନି ଏଫଆରକୁ ଗଣ ମାଧ୍ୟମରେ ଦେଇ ଥାନା ଘେରାଉ କରିବା, ଥାନା ଆଗରେ ଧାରଣା ଦେବା କଥା ପ୍ରଚାର କଲେ । ଯାହାକୁ ସିପିଆଇ ଦଳର ବିରୁଦ୍ଧ । ନନ୍ଦକୁ କୁ ଜଣେ ପୌର ଅଧ୍ୟକ୍ଷ ମାଡ ମାରିବା ଏକ ଗୁରୁତର କଥା ଏହାକୁ ସିପିଆଇ ନିନ୍ଦା କରିଛି । ଓ ନିବାଚିତ ଲୋକ ପ୍ରତିନିଧିଙ୍କୁ ଦୁବ୍ୟବହାର କରିବା ମଧ୍ୟ ଗ୍ରହଣିୟ ନୁହେଁ । ଦଳର ଜଣେ କର୍ମୀ କୁ ଆକ୍ରମଣ ହୋଇଛି ଜାଣି ସେଥିରୁ ମୁହଁ ଫେରାଇ ନେବା ଏକଥା ମଧ୍ୟ ଦଳ ନିତି ନୁହେଁ । ଅନେକ ବାର ଏଭଳି ବ୍ୟକ୍ତିଗତ କାଯ୍ୟକଳାପ ଦେଖି ନନ୍ଦଙ୍କୁ ତାଗିଡ କରିବା ସ୍ୱତ୍ତେ ସେ ନଶୁଣିବା ଏବଂ ସ୍ୱଇଚ୍ଛାରେ ଅନ୍ୟ ମାନଙ୍କ ଦ୍ୱାରା ପ୍ରେରିତ ହୋଇ କାଯ୍ୟ କରି ଚାଲିଥିବା ଦୃଷ୍ଟିରୁ ତାଙ୍କୁ ୬ ମାସ ପାଇଁ ନିଲମ୍ବନ କରାଯାଇଥିବା ଏକ ପ୍ରେସ ବିବୃତିରେ କୋରାପୁଟ ଜିଲା ସିପିଆଇର ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ ଗଣ ମାଧ୍ୟକୁ ସୁଚନା ଦେଇଛନ୍ତି ।

## କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

ଜୟପୁର ,୨୪/୦୫ (ନି.ପ୍ର): ରାସ୍ତା ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟଣାରେ ଜାତୀୟ ରାଜପଥରେ ଶବ ରଖି କ୍ଷତି ପୁରଣ ଦାବୀରେ ରାସ୍ତା ଅବରୋଧ କରିଛନ୍ତି ଗ୍ରାମବାସୀ । ୩୨୬ ନମ୍ବର ଜାତୀୟ ରାଜପଥ ବୈପାରୀଗୁଡା ଥାନା ଅନ୍ତର୍ଗତ କୁରୁଲୁଗାଡ଼ ଛକରେ ଗ୍ରାମବାସୀମାନେ ଶବ ରଖି ରାସ୍ତା ଅବରୋଧ କରିଛନ୍ତି। ସୂଚନାରୁ ପ୍ରକାଶ,ଗତ କାଲି ଏହି କୁରୁଲୁଗାଡ଼ ଛକରେ ମାଲକାନଗିରି ପଟୁ ଆସୁଥିବା ଏକ ତେଲ ବୋଝେଇ ଟ୍ରକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା ।ମୃତ ବୃଦ୍ଧ ଜଣକ ମାଲକାନଗିରି ମାଲକାନଗିରି ଜିଲ୍ଲା ଖୋଇରପୁଟ ଥାନା ଅନ୍ତର୍ଗତ କୁଟିନିପଦର ଗ୍ରାମର ଶୁକ୍ରା ହନ୍ତାଳା ବୋଲି ଜଣାପଡିଛି ।

## କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ଚମ୍ପୁଆ ବନ୍ଦ ପାଳନ

କେନ୍ଦୁଝର ,୨୪/୦୫ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଚମ୍ପୁଆ ସଦର ମହକୁମାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଦାବିରେ ଆଜି ୨୩ ତାରିଖ ଚମ୍ପୁଆ ବନ୍ଦ ପାଳନ ହେଉଛି। ଚମ୍ପୁଆ ବିକାଶ ପରିଷଦ ପକ୍ଷରୁ ଏହି ବନ୍ଦର ଡାକରା ଦିଆ ଯାଇଛି । ବନ୍ଦ କାରଣରୁ ଆଜି ଚମ୍ପୁଆରେ ଥିବା ସମସ୍ତ ଦୋକାନବଜାର ବନ୍ଦ ରହିଛି। ଅଧିକାଂଶ ସରକାରୀ କାର୍ଯ୍ୟାଳୟ ବି ବନ୍ଦ ରହିଥିବାର ଦେଖିବାକୁ ମିଳିଛି। ଖାଲିସେତିକି ନୁହେଁ ସ୍କୁଲ୍ କଲେଜ୍ ବନ୍ଦ ରହିଛି। ଏଣେ ଗାଡ଼ିଚଳାଚଳ ବ୍ୟାହତ ହୋଇଛି । ବନ୍ଦ କାରଣରୁ ଏଠାରେ ଜନଜୀବନ ପ୍ରଭାବିତ ହୋଇଛି।

# ସ୍ୱସ୍ତିକ୍ ଚିହ୍ନର ଶୁଭଫଳ



**ବିଶେଷ କରି ବ୍ୟବସାୟୀମାନେ ଉତ୍ତମ ବେପାର ନିମନ୍ତେ ନିଜ ଦୋକାନ ସମ୍ମୁଖରେ ଅବା ଠାକୁର ପୂଜା ପାଉଥିବା ସ୍ଥାନରେ ସ୍ୱସ୍ତିକ ଚିହ୍ନ ଲଗାଇଥାନ୍ତି । ଅନ୍ୟ କେତେଜଣ ଟଙ୍କା ବାକ୍ସ ଉପରେ ମଧ ସ୍ୱସ୍ତିକ ଚିହ୍ନ ଲଗାଇଥିବାର ଦେଖାଯାଏ । ବାସ୍ତୁଶାସ୍ତ୍ର ଅନୁସାରେ ସ୍ୱସ୍ତିକ ଚିହ୍ନ ଖୁବ ଗୁରୁତ୍ୱପୂର୍ଣ୍ଣ ଓ ମହତ୍ୱପୂର୍ଣ୍ଣ । ପ୍ରଭୁ ଗଣେଶଙ୍କ ପ୍ରତୀକ ଏହି ସ୍ୱସ୍ତିକ ଚିହ୍ନ ଘରର ମୁଖ୍ୟ ଦ୍ୱାରରେ ଲଗାଇବା ମଧ୍ୟ ଖୁବ୍ ଶୁଭଙ୍କର ବୋଲି ବାସ୍ତୁବିତଙ୍କ ମତ ।**



ଆମ ହିନ୍ଦୁ ପରମ୍ପରାର ପ୍ରତ୍ୟେକ ପୂଜାର୍ଚ୍ଚନାରେ ସ୍ୱସ୍ତିକ ଚିହ୍ନର ମହନୀୟତା ଶୀର୍ଷରେ ଅଛି । ଘରର ମୁଖ୍ୟ ପ୍ରବେଶ ଦ୍ୱାର ସମ୍ମୁଖରେ ସ୍ୱସ୍ତିକ ଚିହ୍ନ ଲଗାଇଲେ



ପରିବାର ସଦସ୍ୟଙ୍କ ଉତ୍ତରୋତ୍ତର ଉନ୍ନତି ହୋଇଥାଏ । ବାସ୍ତୁବିତଙ୍କ ମତରେ ସ୍ୱସ୍ତିକ ଚିହ୍ନର ପ୍ରଭାବରେ ଘରେ ସକାରାତ୍ମକ ଶକ୍ତି ଉତ୍ପନ୍ନ ହୁଏ । ଯଦି ଘରର ମୁଖ୍ୟ ଦୁଆର ସମ୍ମୁଖରେ କୌଣସି ବଡ଼ ଗଛ ଅଛି, ତେବେ ତାହା ଶୁଭଫଳ ପ୍ରଦାନ କରେନାହିଁ । ଏଥିରୁ ରକ୍ଷା ପାଇବାକୁ ହେଲେ ସ୍ୱସ୍ତିକ ଚିହ୍ନ ପ୍ରବେଶ ଦ୍ୱାର ଉପରେ ଲଗାନ୍ତୁ । ଘର ସଂଲଗ୍ନ ବଡ଼ ଗାତ ହୋଇଥିଲେ, ତାହା ମଧ ଅଶୁଭଫଳ ପ୍ରଦାନ କରେ । ଯଥାଶୀଘ୍ର ଏହାକୁ ମାଟି ଭର୍ତ୍ତି କରି ବନ୍ଦ କରିବା ଆବଶ୍ୟକ । ଦୁଆର ପାଖରେ ଏକ ବଡ଼ କାଚ ପାତ୍ରରେ ସ୍ୱଚ୍ଛ ପାଣି ରଖି ସେଥିରେ ସୁବାସିତ ଫୁଲ ରଖନ୍ତୁ । ଏହା ଘରୁ ନକାରାତ୍ମକ ଶକ୍ତି ଦୂର କରିଥାଏ । ପାଣି ଓ ଫୁଲ ନିୟମିତ



ବଦଳାନ୍ତୁ । ଏହା ଘରୁ ନକାରାତ୍ମକ ଶକ୍ତି ଦୂର କରିଥାଏ । ପାଣି ନିୟମିତ ଭାବେ ପରିବର୍ତ୍ତନ କରିବା ଆବଶ୍ୟକ । ଆମ୍ବ କିମ୍ବା ଅଶୋକ ଗଛର ପତ୍ରର ମାଳା ତିଆରି କରି ଘର ସମ୍ମୁଖରେ ଟାଙ୍ଗନ୍ତୁ ଏହି ପତ୍ର ମାଳା ଶୁଖିଗଲେ ତୁରନ୍ତ ପରିବର୍ତ୍ତନ କରି ସତେଜ ପତ୍ରମାଳା ଟାଙ୍ଗିବେ । ଏହା କାରଣରୁ ଘର ଲୋକଙ୍କ ମଧରେ ବୁଝାମଣା ଭଲ ହୋଇଥାଏ । ଧନ ଲାଭ ନିମନ୍ତେ ପ୍ରବେଶ ଦ୍ୱାର ନିକଟରେ ଲକ୍ଷ୍ମୀଙ୍କ ଚିତ୍ର ମଧ ଟାଙ୍ଗିବା ଶୁଭଫଳ ପ୍ରାଦନ କରେ । ଦୁଆର ସମ୍ମୁଖରେ ମା' ଲକ୍ଷ୍ମୀଙ୍କ ପାଦର ଚିତ୍ର ଲଗାନ୍ତୁ, ଯାହା ଭିତର ୦ଆଡ଼କୁ ଯିବାର ସଙ୍କେତ ଦେଉଥିବ, ଏହା ମଧ ଘରେ ଧନ୍ୟଧାନ୍ୟ ବୃଦ୍ଧି କରିବା ସହ ଶାନ୍ତ ବାତାବରଣ ସୃଷ୍ଟିରେ ସହାୟକ ହୋଇଥାଏ ।

# ପ୍ରଦୂଷଣ ରୋକୁଛି 'ମନ୍ସ ପ୍ଲାଣ୍ଟ'

ସଂଖ୍ୟାଧିକ ଲୋକ ନିଜ ବାଲକୋନି ଓ ଛାତ ଉପରକୁ ରଙ୍ଗବେରଙ୍ଗର ଫୁଲ ଗଛ ଓ ଛୋଟ ଗଛରେ ସଜାଇବାକୁ ପସନ୍ଦ କରୁଛନ୍ତି । ମହାନଗରୀରେ ଏହାର ଲୋକପ୍ରିୟତା ସବୁଠୁ ଅଧିକ । ଅନ୍ୟ ପ୍ରଜାତିର ଗଛ ଲଗାଇବା ସହ ପ୍ରତ୍ୟେକ ବର୍ଗର ଲୋକ ଯଦି ନିଜ ଛାତ ଉପରେ 'ମନ୍ସପ୍ଲାଣ୍ଟ' ଲଗାଇବେ ତେବେ ପ୍ରଦୂଷଣକୁ ଅନେକ ମାତ୍ରାରେ ନିୟନ୍ତ୍ରଣ କରାଯାଇପାରନ୍ତା । ଏହି କଥାକୁ ପ୍ରମାଣିତ କରିଛନ୍ତି ବରେଲୀର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡାକ୍ତର ଡି.କେ. ସକ୍‌ସେନା । ମନ୍ସ ପ୍ଲାଣ୍ଟ, ଗେଣ୍ଡୁ ଗଛ, ଗୋଲାପ ଗଛରେ ଘରକୁ ସଜାଇବା ସହ ଘରର ପରିବେଶ ପ୍ରତି ମଧ ସଦସ୍ୟ ଧ୍ୟାନ ଦେବା ଉଚିତ । ଏହି ମନି ପାଣ୍ଟ ବାୟୁମଣ୍ଡଳକୁ ପରିଶୁଦ୍ଧ କରିବା ସହ ଅଙ୍ଗାରକାମ୍ଳ କଣିକାକୁ ଖୁବ୍ ଶୀଘ୍ର ଅବଶୋଷିତ କରୁଥିବାର ଅନୁସନ୍ଧାନରୁ ସ୍ପଷ୍ଟ ହୋଇଛି । ଛୋଟ କୁଣ୍ଡରେ ଲଗାଯାଇ ପାରୁଥିବା ଏଇ ଗଛ ଘର ଭିତରେ ମଧ ରଖିହେବ । ରାତିବେଳା ଏହି ମନ୍ସପ୍ଲାଣ୍ଟ ନିଜ କାର୍ଯ୍ୟ କରିବା ସହ ଏଲଇଡିର ହାଲକା କିରଣରେ ମଧ ଚତୁର୍ଦ୍ଦିଗକୁ ବିଷମୁକ୍ତ କରିଥାଏ । ପ୍ରାଧ୍ୟାପକଙ୍କ ମତରେ ଦିଲ୍ଲୀ, କଲକାତା ଭଳି ପ୍ରଦୂଷିତ ମହାନଗରୀରେ ଲୋକେ ନିଜ ବାଲକୋନୀରେ ଏହି ଗଛ ଲଗାଇବା ଖୁବ୍ ଉପାଦେୟ । ଅନ୍ୟ ଗଛ ତୁଳନାରେ ମନ୍ସପ୍ଲାଣ୍ଟ ଖୁବ୍ କମ୍ ପାଣି ଆବଶ୍ୟକ କରେ ।



# ପୋଷା ପ୍ରାଣୀ ଦ୍ୱାରା ଡେଉଁଥିବା ରୋଗ



କୁକୁର, ବିଲେଇ ଭଳି ପ୍ରାଣୀ ପୋଷିବାକୁ ଅନେକ ଭଲପାଆନ୍ତି। ଏମିତି ବି ଅନେକ ଅଛନ୍ତି, ଯେଉଁମାନେ ପଶୁ ପାଳନ୍ତି, ଅଥଚ ଭଲ ଭାବେ ଯତ୍ନ ନିଅନ୍ତି ନାହିଁ। ପୋଷା ଜନ୍ତୁ ରୁଗ୍ଣ ହେଲେ , ତାହା ଦ୍ୱାରା ମଣିଷ ମଧ୍ୟ ଆକ୍ରାନ୍ତ ହୋଇପାରେ। ପୋଷା ପ୍ରାଣୀଙ୍କ ମାଧ୍ୟମରେ ହେବାର ଆଶଙ୍କା ଥିବା ପାଞ୍ଚଟି ରୋଗ ବାବଦରେ ଜାଣନ୍ତୁ।



**ସାଲମୋନେଲା:** ଏହି ଜୀବାଣୁ ପ୍ରାଣୀଙ୍କ ମାଧ୍ୟମରେ ମଣିଷକୁ ଆକ୍ରାନ୍ତ କରିପାରେ। ପ୍ରାରୀ ସାଲମୋନେଲା



ଦ୍ୱାରା ଆକ୍ରାନ୍ତ ହେଲେ ବି ସୁସ୍ଥ ରହେ, ରୋଗର ଲକ୍ଷଣ ହଠାତ୍ ପ୍ରକାଶ ପାଏନାହିଁ। ତା'ର ଲୋମ ମାଧ୍ୟମରେ ଜୀବାଣୁ ମଣିଷ ଦେହକୁ ଯାଏ। ତେଣୁ, ପୋଷା ଜନ୍ତୁ ସଂସ୍ପର୍ଶରେ ଆସିବା ପରେ ସର୍ବଦା ସାବୁନରେ ହାତ ଧୁଅନ୍ତୁ।

**ରିଙ୍ଗୱର୍ମ:** ଏହା ଏକ ପ୍ରକାରର କବକ ବା ଫଙ୍ଗସ୍।



ପୋଷା ପ୍ରାଣୀ ଏହାଦ୍ୱାରା ଆକ୍ରାନ୍ତ ଥିଲେ ଏବଂ ଚିକିତ୍ସା କରା ନଗଲେ, ଏହା ମଣିଷ ଶରୀରକୁ ଯାଇପାରେ। ଏହା ପ୍ରଭାବରେ ଚର୍ମରେ ନାଲି ରଙ୍ଗର ମୁଦି ଭଳି ଦାଗ ହୁଏ। ଠିକ ସମୟରେ ଚିକିତ୍ସା କରାନଗଲେ ପ୍ରବଳ କଷ୍ଟହୁଏ। ଘାଆ ବି ହୋଇପାରେ।

**ବିଲେଇ ଆଞ୍ଚୁଡ଼ା ରୋଗ;** ବିଲେଇ ଆଞ୍ଚୁଡ଼ିଲେ ବେଳେବେଳେ ମାରାତ୍ମକ ରୋଗ ହୋଇପାରେ। ଏହାର ଲକ୍ଷଣସବୁ ସାଧାରଣ ଥଣ୍ଡା ସହ ସମାନ। ତେବେ, ଥଣ୍ଡାଠାରୁ ଭୟଙ୍କର। ତେଣୁ ବିଲେଇ ଆଞ୍ଚୁଡ଼ିଲେ ସଙ୍ଗେ ସଙ୍ଗେ ସାବୁନ ଲଗାଇ, ଉଷୁମ ପାଣିରେ ଧୁଅନ୍ତୁ ଏବଂ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ।

**ଲାଇମ ଡିଜିଜ୍:** ପୋଷା ଜନ୍ତୁ ଲୋମରେ ହଉଥିବା ପରଜୀବୀ ପୋକ (ଟିକସ) ଦ୍ୱାରା ମଣିଷ ଲାଇମର ଶିକାର ହୋଇପାରେ। ଏହି ରୋଗହେଲେ ଜ୍ୱର ହୁଏ, ଆଣ୍ଠୁ-ଗଣ୍ଠିରେ




ଯନ୍ତ୍ରଣା ହୁଏ।

**ଟକ ସୋପ୍ଲାଜମୋସିସ:** ବିଲେଇ ମାଧ୍ୟମରେ ଏହି ରୋଗ ମଣିଷକୁ ଆକ୍ରାନ୍ତ କରେ। ଗର୍ଭବତୀ ମହିଳା ଏହି ରୋଗର ଶିକାର ହେବା ବିପଜ୍ଜନକ।

# ଆଜି ବି ରହସ୍ୟ ହୋଇ ରହିଛି ୧୩ ହଜାର ବର୍ଷ ପୁରୁଣା ରେକର୍ଡ ପ୍ଲେୟାର

ଭାରତରେ ଏପରି ଅନେକ ଘଟଣା ରହିଛି ଯାହା କୌଣସି ରହସ୍ୟ ଠାରୁ କମ୍ ନୁହେଁ । ଏହିଭଳି ଏକ ରହସ୍ୟ ହେଉଛି ୧୩ହଜାର ବର୍ଷ ତଳେ ଏକ ପାହାଡ଼ ଗୁମ୍ଫାରୁ ମିଳିଥିବା ୭୧୬ଟି ପଥରର ରେକର୍ଡ ପ୍ଲେୟାର । ତିବ୍ବତ ଏବଂ ଚୀନରେ ମଧରେ ଥିବା ବୋକାନା ନାମକ ଏକ ପାହାଡ଼ର ଗୁମ୍ଫାରୁ ଏହି ରେକର୍ଡ ପ୍ଲେୟାର ୧୩ହଜାର ବର୍ଷ ତଳେ ମିଳିଥିଲା । କାଠର ଏହି ରେକର୍ଡ ଗ୍ରାମଫୋନ ରେକର୍ଡ ପ୍ଲେୟାର ଭଳି ରହିଥିଲା ବେଳେ ଏହା ମଝିରେ ମଧ ଏକ ଛିଦ୍ର ରହିଥିଲା । ହେଲେ ଏହା କିଏ କରିଥିଲା ତାହାର ସଠିକ୍ ତଥ୍ୟ ଆଜି ବି ମିଳିପାରିନାହିଁ । ଏହି ପଥର ରେକର୍ଡକୁ ନେଇ ରୁଷର ଜଣେ ପ୍ରସିଦ୍ଧ ବୈଜ୍ଞାନିକ ସର୍ଜିଏଭ ଦୀର୍ଘ ବର୍ଷ ଧରି ବେଶୋ କରିଥିଲେ । ସେ କହିଥିଲେ ଯେ ପଥରର ହେଲେ ମଧ ଏହା ପ୍ରକୃତରେ ଏକ ରେକର୍ଡ ପ୍ଲେୟାର । ସମସ୍ତ ୭୧୬ ରେକର୍ଡ ଏକାଭଳି ଥିଲା । ପରୀକ୍ଷଣ ସମୟରେ ଏହି ରେକର୍ଡ ପ୍ଲେୟାରରୁ ବିଦ୍ୟୁତ ଶକ୍ତି ମଧ ବିକିରଣ ହେଉଥିବା ଜଣାପଡ଼ିଥିଲା । ତେବେ ଏହାକୁ କିଏ ତିଆରି କରିଥିଲା ଏବଂ କିପରି ଏହାର ବ୍ୟବହାର ହେଉଥିଲା ତାହା ଆଜି ପର୍ଯ୍ୟନ୍ତ ରହସ୍ୟ ରହିଯାଇଛି ।




# ଏକାପଣର ବିକଳ୍ପ




କିଛି ଲୋକ ଏମିତି ଥାଆନ୍ତି ଯେଉଁ ମାନଙ୍କୁ ଏକୁଟିଆ ରହିବାକୁ ଭଲଲାଗେ ଓ ସେମାନେ ସ୍କୁଲ ବା କଲେଜ ପଢ଼ିବା ବେଳେ ସେତେ ବେଶି ସାଙ୍ଗ ବନାଇ ପାରନ୍ତି ନାହିଁ, ଯେତିକି ସାଙ୍ଗ ସାଧାରଣରେ ଗୋଟିଏ ପିଲା ବନେଇଥାଏ । ସାଙ୍ଗ ଥାନ୍ତି ବିପଦ ଆପଦରେ ସାହାର୍ଯ୍ୟ କରିବା ପାଇଁ, କିନ୍ତୁ ସେହି ଏକୁଟିଆ ରହୁଥିବା ପିଲାଟିର ସାହାର୍ଯ୍ୟକାରୀ କେହିନଥିବା କଥା କହି ହେବନାହିଁ ଯେହେତୁ ସେ ବେଶି ସାଙ୍ଗ ବନେଇ ନାହିଁ ଇଶ୍ୱର ଜୀବଜଗତର ସୃଷ୍ଟିକର୍ତ୍ତା, କୁହାଯାଏ ଯାହାର କେହି ନାହାନ୍ତି ତାର ଭଗବାନ ଅଛନ୍ତି । ଆମ ଜୀବନରେ କୌଣସି ପ୍ରାକର ସାହାର୍ଯ୍ୟ ବା କୌଣସି ଜିନିଷ ଆଶା କରିବା ଆମ ପକ୍ଷେ ହୋଇପଡ଼େ ନିରର୍ଥକ । କିନ୍ତୁ ଏହି ସମୟରେ ଆମେ ଯଦି ଇଶ୍ୱରଙ୍କୁ ସ୍ମରଣ କରି ମନରେ ତାଙ୍କ ନାମ ସୁମରି ଆଗକୁ ବଢ଼ି ଚାଲିବା ତେବେ ଆମର କୌଣସି ଅନିଷ୍ଟ ହୁଏନାହିଁ , ସବୁକାମ ସୁରୁଖୁରେ ହୋଇଯାଏ । ଯେଉଁମାନେ ସମାଜଠାରୁ ଦୂରରେ ରୁହନ୍ତି ସେମାନଙ୍କର ଏକମାତ୍ର ମାହାର ପାଲଟନ୍ତି ଇଶ୍ୱର, ଯାହାଙ୍କ ପାଇଁ ସେମାନେ ସାମାଜିକ ଜୀବନଠାରୁ ବେଶୀ ପ୍ରାଧାନ୍ୟ ଦିଅନ୍ତି ନିଜ କର୍ମ ଓ ଇଶ୍ୱରଙ୍କ ଉପରେ । ଏନେଇ ଅନେକ ଗବେଷଣା ମଧ କରାଯାଇଛି, ଯେଉଁଥିରେ ଗବେଷକମାନେ କହିଛନ୍ତି ଯଦି କୌଣସି ବ୍ୟକ୍ତି ସମାଜ ସହ ଭଲଭାବେ ମିଶୁନାହିଁ ବା ଜାତି ପାଇଁ ସେ ଏଭଳି କାର୍ଯ୍ୟ କରୁଛି, କଥାଟି ହେଲା ସେ ଇଶ୍ୱରଙ୍କ ପ୍ରତି ଅଗାଢ଼ ବିଶ୍ୱାସ ରହିଛି ଇଶ୍ୱରଙ୍କ ସହ ସଂଲଗ୍ନ ହେବାଦ୍ୱାରା ଜୀବନରେ ଯେତେ ବାଧା ବିନତୀ ଆସିଲେ ସୁଧା ଏମାନଙ୍କୁ ସବୁବେଳେ ମିଳିଯାଏ ସବୁ ବାଧା ବିପତୀରୁ ମୁକ୍ତି । ସେଥିପାଇଁ ଆମେ ସମସ୍ତେ ଝଡ଼ ଝଞ୍ଜାର ସାମ୍ନା କରିପାରିବା ।

# ଏଣିକି ମଣିଷ ଶରୀରରେ ପଶୁ ଅଙ୍ଗ!

ବୈଜ୍ଞାନିକମାନେ ଏକ ଦୀର୍ଘକାଳୀନ ଗବେଷଣା ଜରିଆରେ ପ୍ରଦାନ କରିଥିବା ତଥ୍ୟ ସମ୍ପୂର୍ଣ୍ଣ ବିଜ୍ଞାନ ଜଗତକୁ ଆଶ୍ଚର୍ଯ୍ୟରେ ପକାଇଛି । ଏଣିକି ମଣିଷ ଶରୀରରେ ବି ପଶୁଙ୍କ ଅଙ୍ଗ ପ୍ରତିରୋପିତ ସମ୍ଭବପର ବୋଲି ସେମାନେ ଦାବି କରିଛନ୍ତି । ଅର୍ଥାତ୍ କୌଣସି ଗମ୍ଭୀର ରୋଗରେ ପୀଡ଼ିତ ଲୋକଙ୍କ ଶରୀରରେ ଅଙ୍ଗ ପାଇବାକୁ ଆଉ ଅପେକ୍ଷା କରିବାକୁ ପଡ଼ିବନି । ଏମିତିରେ ଗମ୍ଭୀର ହୃଦରୋଗରେ ପୀଡ଼ିତ ଲୋକଙ୍କ ଶରୀରରେ ଘୁଷୁରି ହୃତପିଣ୍ଡର ପ୍ରତିରୋପଣ ସଫଳ ହୋଇପାରି ବୋଲି ସମ୍ଭାବନା ବୃଦ୍ଧିପାଇଛି । ଏ ଖବର ନେଚର ଜର୍ଣ୍ଣାଲରେ ବିସ୍ତୃତ ଭାବେ ପ୍ରକାଶିତ ହୋଇଛି । ବୈଜ୍ଞାନିକମାନେ ଗବେଷଣା ସମୟରେ ବେବୁନ ଶରୀରରେ ଏଭଳି ପଦକ୍ଷେପ ଗ୍ରହଣ କରି ସଫଳ ହୋଇଛନ୍ତି । ଏଥିପାଇଁ ବୈଜ୍ଞାନିକ ଦଳ ମାଙ୍କଡ଼ ହୃତପିଣ୍ଡ ବାହାର କରି ସେଠାରେ ଘୁଷୁରିର ହୃତପିଣ୍ଡ ଲଗାଇଥିଲେ । ଏହାପରେ ଘୁଷୁରି ହୃତପିଣ୍ଡ ସହ ମାଙ୍କଡ଼ ୧୯୫ ଦିନ ଜୀବିତ ରହିଥିଲା ଅର୍ଥାତ୍ ଛଅ ମାସରୁ ଉର୍ଦ୍ଧ୍ୱ ସମୟ । ଏହି ପ୍ରୟୋଗକୁ ଏବେ ବିଜ୍ଞାନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ବୋଲି କୁହାଯାଉଛି । ଗୋଟିଏ ପଶୁର ସୁସ୍ଥ ହୃତପିଣ୍ଡକୁ ଅନ୍ୟ ଏକ ପ୍ରଜାତିର ଶରୀରରେ ପ୍ରତିରୋପିତ କରିବା ପ୍ରକ୍ରିୟାକୁ 'ଏକ୍ସୋଟ୍ରୋନ୍ସପାର୍ସନ' କୁହାଯାଏ । ଏହି ପ୍ରିକ୍ରିୟା ଦ୍ୱାରା ଗମ୍ଭୀର ହୃଦରୋଗରେ ପୀଡ଼ିତ ରୋଗୀକୁ ନୂଆ ଜୀବନ ମିଳିପାରିବ ବୋଲି ଆଶା କରାଯାଉଛି ।

# କଙ୍କାଳର ପ୍ରେମ କାହାଣୀ

କଥାରେ ଅଛି ପ୍ରେମ ସମ୍ପର୍କ ହେଉଛି ଅତି ନିବିଡ଼ ବନ୍ଧନ । କେତେକ ପ୍ରେମ ସମ୍ପର୍କରେ ଏପରି ମଧ ଦେଖାଯାଇଥାଏପ୍ରେମୀ ଯୁଗଳ ନିଜ ପ୍ରେମକୁ ପାଇବାକୁ ଯାଇ ପୁନଃଜନ୍ମ ନେଇଥାନ୍ତି ଏବଂ ପୁଣିଥରେ ପର ଜନ୍ମରେ ଦେଖା ହୋଇଥାଏ । ବିଗଜଭାବେ ଏକ କଙ୍କାଳର ପ୍ରେମ କାହାଣୀ ମଧ ଦେଖିବାକୁ ମିଳିଛି । ଏକ ସୂଚନାରୁ ଜଣାଯାଇଥିଲା ଯେ ଗୋଟିଏ ଗାଁର ମଶାଣିରେ ଦୁଇଟି କଙ୍କାଳ ଦେଖିବାକୁ ମିଳିଥିଲା ହେଲେ ସେ କେଉଁଠୁ ଆସନ୍ତି ଏବଂ କେଉଁଆଡ଼େ ଉଭା ହୁଅନ୍ତି ଏହା କାହାକୁ ମଧ ଜଣାପଡୁ ନଥିଲା । ଏହିପରି ହେବାର ବହୁଦିନ ପରେ ସେହ ଦୁଇ କଙ୍କାଳକୁ ଆଉ ଦେଖିବାକୁ ମିଳିନଥିଲା । ସେମାନେ କେଉଁ ଆଡ଼େ ଉଭାନ ହୋଇଯାଇଥିଲେ । ବହୁ ବର୍ଷପରେ ମାଟିତଳୁ ଦୁଇଟି କଙ୍କାଳ ଯୋଡ଼ି ହୋଇ ପଡ଼ିଥିବାର ଦେଖିବାକୁ ମିଳିଥିଲା । ଏହାକୁ ପ୍ରତ୍ନତତ୍ତ୍ୱବିତମାନେ ଗବେଷଣା କରି କହିଥିଲେ ଯେ ଏହି କଙ୍କାଳଟି ୬୦୦୦ବର୍ଷ ପୂର୍ବରୁ



ଏବଂ କଙ୍କାଳ ଦୁଇଟିର ହାତ ଧରାଧରି ହୋଇ ରହିଥିଲା । ହେଲେ ଏପର୍ଯ୍ୟନ୍ତ କଙ୍କାଳ ସମ୍ବନ୍ଧୀୟ ଅନ୍ୟ କୌଣସି ତତ୍ତ୍ୱ ମିଳିପାରିନାହିଁ ।

# ଏ ପ୍ରବୃତ୍ତିରୁ ଦୂରେଇ ରହନ୍ତୁ

କେତେକ ବର୍ଗର ଲୋକଙ୍କ ସଂସ୍ପର୍ଶରେ ଆମ ଭିତରୁ ଅନେକ ଆସିଥିବେ, ଯେଉଁମାନେ କଥାକଥାରେ ଭୁଲ ମାଗିଥାନ୍ତି । ଏଭଳି କହିବା ପୂର୍ବରୁ ପ୍ରତି ନିଜ ଦୃଷ୍ଟି ଦେଇ ଚିନ୍ତା କରନ୍ତୁ ଯେ ଏପରି କି ଭୁଲ କଲେ ଯେ ସେଥିପାଇଁ ସାମାନ୍ୟସାମାନ୍ୟ କଥାରେ ମଧ ଭୁଲ ମାଗିବାକୁ ପଡୁଛି । ଦିଲ୍ଲୀର ନାମୀ ମନସ୍ତତ୍ତ୍ୱବିତ ଡାକ୍ତର ଆରତି ଆନନ୍ଦଙ୍କ ମତରେ, ପ୍ରାୟ ପ୍ରତି ୨୦ଜଣରେ ଏହି ବର୍ଗର ଲୋକଙ୍କ ସଂଖ୍ୟା ୯ଜଣ । କିଛି ମାସ ତଳେ ଭାରତର ମହାନଗରୀ ଲୋକଙ୍କୁ ନେଇ ଏକ ଗବେଷଣା କରାଯାଇଥିଲା । ଦେଢ଼ ଲକ୍ଷରୁ ଅଧିକ ଲୋକ ଏଥିରେ ସାମିଲ ହୋଇଥିଲେ । ପରୀକ୍ଷାରୁ ଏହା ମଧ ସ୍ପଷ୍ଟ ହୋଇଥିଲା ଯେ ସାମାନ୍ୟ କଥାରେ ଭୁଲ୍ ମାଗୁଥିବା ବ୍ୟକ୍ତିଙ୍କ ବ୍ୟବହାର ଅତ୍ୟନ୍ତ ଅମାୟିକ ଓ ଭଦ୍ର, କିନ୍ତୁ ସେମାନଙ୍କର ଏଇ ପ୍ରକୃତିକୁ ଦେଖି ଅନ୍ୟମାନେ ଖୁବ୍ ଫାଇଦା ନେବାକୁ ଚେଷ୍ଟା କରନ୍ତି । ସେହି ବର୍ଗର ଲୋକଙ୍କ ଏଭଳି ପ୍ରକୃତି ପଛର କାରଣ ମଧ ସ୍ପଷ୍ଟ ହୋଇଥିଲା । ପିଲାଦିନୁ ଘରଲୋକଙ୍କ ଶକ୍ତ କଟକଣା ସହ ଖୁବ୍ ଆଦବକାଇଦାରେ ବଢ଼ିଥିବା କାରଣରୁ ବଡ଼ ହେବା ପରେ ପ୍ରତି କାମ କରିବା ପୂର୍ବରୁ ସେମାନେ ସଚେତନ ହୋଇଯାନ୍ତି । ଫଳସ୍ୱରୂପ, କାର୍ଯ୍ୟାଳୟ ହେଉ ଅବା ଅନ୍ୟ ସ୍ଥାନ, ଯେ କୌଣସି କାମ କଲାବେଳେ ଏମାନଙ୍କ ଆତ୍ମବିଶ୍ୱାସ ଦୃଢ଼ ନଥାଏ । ଏମାନେ ଯଦିଓ ନିଷ୍ପାପ ମନରେ ଭୁଲ ମାଗନ୍ତି, ତେବେ ଅନ୍ୟମାନେ ହଇରାଣ ହରକତ କରିବା ଚକ୍ରାନ୍ତରେ ଥାନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଶୁଷ୍କ ଜଳସଂପଦ...

ଭାରତର ଯେଉଁ କେତୋଟି ନଦୀରେ ପ୍ରମୁଖ ଜଳସ୍ରୋତ ରହିଛି ଓଣ୍ଟସେହି ଭଳି ନଦୀ ମଧରେ ଗଙ୍ଗା, ଗୋଦାବରୀ, ଯମୁନା, ବ୍ରହ୍ମପୁତ୍ର, ମହାନଦୀ ରହିଛି । ଆମ ରାଜ୍ୟର ମୁଖ୍ୟ ନଦୀ ଭିତରେ ମହାନଦୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବୈତରଣୀ, ଋଷିକୁଲ୍ୟା ଓ ବଂଶଧାରା ମୁଖ୍ୟ ଜଳସ୍ରୋତ ରହିଛି । ଏହି ନଦୀଗୁଡ଼ିକରେ ବର୍ଷାଦିନରେ ପ୍ରବଳ ବନ୍ୟା ଆସିଥାଏ । ଆସାମ, ଅରୁଣାଚଳ ପ୍ରଭୃତି ଉତ୍ତର-ପୂର୍ବାଞ୍ଚଳରେ ନିକଟରେ ବଡ଼ ଧରଣର ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି କରିଛି । ଧନ-ଜୀବନର କ୍ଷତି ଘଟାଇଛି । ମାତ୍ର ମହାନଦୀ ଭଳି ସୁନାବ୍ୟ ଜଳସ୍ରୋତରେ ଏବେ ବନ୍ୟା ଆସିବା ସାତ ସପନରେ ପରିଣତ ହୋଇସାରିଛି । ଉପରମୁଣ୍ଡରେ ମହାନଦୀ ଜଳସ୍ରୋତ ଉପରେ ଆଡ଼ିବନ୍ଧ ପକାଇ ଛତିଶଗଡ଼ ସରକାର ଏମିତି କାରସାଦି କରିଛନ୍ତି, ତାହାର କୁପରିଣତି ଭୋଗିବାକୁ ପଡୁଛି ଆମ ରାଜ୍ୟକୁ । ଛତିଶଗଡ଼ର କଲମା ବ୍ୟାରେଜ୍ ଠାରେ ମହାନଦୀ ଉପରେ ଛତିଶଗଡ଼ ସରକାର ବଇରୀ ସାଜି ବ୍ୟାରେଜ୍ ବାନ୍ଧିଛନ୍ତି । ସେହି କାରଣରୁ ମହାନଦୀ ମୃତପ୍ରାୟ ହୋଇସାରିଛି । ଛତିଶଗଡ଼ ସରକାରଙ୍କ ମନ୍‌ମାନି କାରଣରୁ ଓଡ଼ିଶାବାସୀ ନା' ମାଛ ମାରିପାରୁଛନ୍ତି, ନା' ଜଳସେଚନ କରିପାରୁଛନ୍ତି । ସମୟ ଆସିବ, ଛତିଶଗଡ଼ ସରକାରଙ୍କ ଅବିମୃଷ୍ୟକାରିତା କାରଣରୁ ଓଡ଼ିଶାବାସୀ ଜଳପାଇଁ ଛଟପଟ ହୋଇ ମରିବା ଥୟ । କୃଷି ଓ ମାଛଧରା କଥା ଛାଡ଼, ଉପରମୁଣ୍ଡରେ ବ୍ୟାରେଜ୍ ସ୍ଥାପନ କରି ଛତିଶଗଡ଼ ସରକାର ଉଦ୍ୟୋଗପତିମାନଙ୍କୁ ଜଳ ବିଦ୍ୟୁତ୍ ଯୋଗାଣରେ ସହାୟତା କରୁଛି । ସବୁ ଦେଖୁ ଶୁଣି କେନ୍ଦ୍ର ସରକାର ରୀତିମତ ସାଜିଛି ଦାରୁଭୂତମୁରାରୀ । ଛତିଶଗଡ଼ ସରକାର କଲମାଠାରେ ଯେଉଁ ବ୍ୟାରେଜ୍ କରିଛି, ସେଥିରୁ ଅତି କମ୍‌ରେ ୬୪ଟି ଫାଟକକୁ ସ୍ଥାନୀୟ ସରକାର ବନ୍ଦ କରି ଜଳ ସ୍ରୋତକୁ ଅଟକାଇ ଆପଣା ସାର୍ଥ ତଥାଉଦ୍ୟୋଗପତିମାନଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟରେ ଲଗାଇବାରେ ବିନିଯୋଗ କରୁଛି । ଓଡ଼ିଶା ସରକାର ଏହି ସମୟରେ କରୁଛନ୍ତି କ'ଣ ? ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ରହିଛି ସମଭାଗିତା ଓ ସହଭାଗିତା । ମହାନଦୀ କିମ୍ବା ଅନ୍ୟ ସମସ୍ତ ନଦୀ କ୍ଷେତ୍ରରେ ସମାନ ନୀତି ପ୍ରଯୁଜ୍ୟ । କେଉଁ ନ୍ୟାୟରେ ଛତିଶଗଡ଼ ସରକାର ତାଙ୍କର ମନ୍‌ମାନି ଚଳାଇ ଚାଲିଥିବେ ଆଉ ଓଡ଼ିଶା ବରଦାସ୍ତ କରି ଚାଲିଥିବ । ଜଳବଣ୍ଟନ ଯଦି ସୁଷମ ଧାରାରେ ନହେବ, ତାହା ଗୋଟିଏ ରାଜ୍ୟ ପାଇଁ ଅଲଗା ନ୍ୟାୟ ହେଉଥିବା ବେଳେ ଅନ୍ୟମାନଙ୍କ ପାଇଁ ଅଲଗା ହେବ କିପରି ? ମହାନଦୀର ମୂଳ ଉତ୍ପତ୍ତି ସ୍ଥଳ ସୁଖାସୋଡ଼ା ବାଲୁକା ପ୍ରାନ୍ତର ହୋଇ ରହିଛି । ତାହାରି ଭିତରେ ଛତିଶଗଡ଼ ସରକାର ଏଭଳି କରାମତି କରିଚାଲିଛନ୍ତି, ଯାହାଦ୍ୱାରା କି ସିଧା ଓଡ଼ିଶା ଉପରେ ରାଗ ଶୁଝାଇଲା ଭଳି ହେଉଛି । ତଳ ମୁଣ୍ଡରେ ପଡ଼ୋଶୀ ରାଜ୍ୟର ଅବାଞ୍ଛିତ କାର୍ଯ୍ୟର କିଭଳି କୁପ୍ରଭାବ ପଡୁଛି, ତାହା ରାଜ୍ୟବାସୀ ଜାଣନ୍ତି । ଆନ୍ଧ୍ର ଭଳି ପଡ଼ୋଶୀ ରାଜ୍ୟ ଓଡ଼ିଶା ଉପରେ ତାହାର ରାଗ ଶୁଝାଇ ଚାଲିଥିବା ବେଳେ ଛତିଶଗଡ଼ କାହିଁ କି ରାଗ ଶୁଝାଇବନି ? ମହାନଦୀର ମୁଖ୍ୟ ଉତ୍ସ ସ୍ଥଳର ବାସିନ୍ଦାମାନଙ୍କର କହିବା କଥା, କୌଣସି ସମୟରେ ନଦୀଶଯ୍ୟାରେ ଜଳର ଅଭାବ ହେଉନଥିଲା । ମାତ୍ର ଉପରମୁଣ୍ଡରେ ବ୍ୟାରେଜ୍ ନିର୍ମାଣ କାରଣରୁ ସୃଷ୍ଟି ହେଉଛି ଜଳ ସଙ୍କଟ । ତାହା ବାଦ୍ ଓଡ଼ିଶାରେ ମହାନଦୀ ବଞ୍ଚାଅ' ନେଇ ମୁଣ୍ଡ ଟେକିଥିବା ଆନ୍ଦୋଳନ ରାଜନୈତିକ କାରଣରୁ ଅଧିକ ଦାନା ବାନ୍ଧିନଥିଲା । ନିକଟରେ ଜଳପୁରୁଷ ରାଜିନ୍ଦର ସିଂ ରାଣାଙ୍କ ଭଳି ବିଶିଷ୍ଟ ବ୍ୟକ୍ତି ଆସି ଓଡ଼ିଶାର ନ୍ୟାୟପୂର୍ଣ୍ଣ ଦାବି ସପକ୍ଷରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଛନ୍ତି । କିନ୍ତୁ ସେଥିରେ କେନ୍ଦ୍ରର ନିଦ୍ରାଭଙ୍ଗ ହେଉନାହିଁ । ଏହି ସ୍ଥିତିରେ ସୁପ୍ରିମ କୋର୍ଟରେ ମାମଲା ଲଟକି ରହିଥିବା ଓ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ନେଉନଥିବା ହେତୁ ମାମଲା ଜଟିଳ ହେଉଛି ସିନା, ବିବାଦର ସହଜ ସମାଧାନ ରାସ୍ତା ଦିଶୁ ନାହିଁ । ସର୍ବୋଚ୍ଚ ନ୍ୟାୟାଳୟ ଓ କେନ୍ଦ୍ର ସରକାର ଏମିତିରେ ଛତିଶଗଡ଼ ସରକାରଙ୍କ ଏକତରଫା ଓ ମନମୁଖୀ କାର୍ଯ୍ୟକୁ ବରଦାସ୍ତ କରୁଛନ୍ତି, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ତାହାଠାରୁ ଓଡ଼ିଶା ସରକାରଙ୍କ ଉଦାର ତଥା ଉଦାସୀନ ନୀତି କରିଛି ଅଧିକ ଆଶ୍ଚର୍ଯ୍ୟ । ଚିରସ୍ରୋତା ମହାନଦୀ କାହାର ଦୋଷ ସକାଶେ କ୍ଷୀଣସ୍ରୋତା ପାଲଟିଛି, ତାହା ପ୍ରମାଣଯୋଗ୍ୟତା ଦାବି କରେ । ତେଣୁ ରାଜ୍ୟ-ରାଜ୍ୟ ମଧ୍ୟରେ ଲାଗି ରହିଥିବା ନଦୀଜଳ ବିବାଦ ପାଇଁ ସ୍ଥାୟୀ ତଥା ଦୂରଗାମୀ ସମାଧାନ ପନ୍ଥା ବାହାରିବା ଯାଏ ଏଭଳି ବିବାଦୀୟ ସ୍ଥିତି ଲାଗି ରହିଥିବ।

# ଅସଚେତନାରୁ ଜନସ୍ୱାସ୍ଥ୍ୟ ବିପନ୍ନ !



ପ୍ରଦୋଷ କୁମାର ଦାସ

କୁକୁଡା ଫାର୍ମ ଆଉ ଚିକେନ କାଉଣ୍ଟର ମାଧମରେ ଅର୍ଥ ଉପାର୍ଜନ ସାଂପ୍ରତିକ ବେରୋଜଗାରୀ ସମସ୍ୟାକୁ କେତେକ ସ୍ଥଳ ବିଶେଷରେ ଲାଘବ କରୁଥିବା ଅନେକ ମତ ରଖନ୍ତି। ହେଲେ ଏହି ଉପାର୍ଜନ ନିଶା ଅନେକ ଉପାର୍ଜନ ଉଦ୍ୟମୀଙ୍କୁ ଏପରି ଘାରିଛିଯେ ସେମାନେ ଏଦିଗରେ ଆବଶ୍ୟକ ପରିଷ୍କାର ପରିଛନ୍ନତା ରକ୍ଷା ପାଇଁ ଆଖି ବୁଜି ଦେଉଥିବା ଦେଖା ଯାଉଛି। ସଚେତନତା ଅଭାବରୁ ପ୍ରାୟ ସବୁଠାରେ କୁକୁଡା ଫାର୍ମ/ ହାଚେରୀ ଗୁଡିକରେ ଦୁର୍ବଳ ଭିତ୍ତିଭୂମି ଓ ପରିବେଶ ପ୍ରତିକୂଳ ପରିସ୍ଥିତି ପାଇଁ ସ୍ଥାନୀୟ ଜଳ ଓ ବାୟୁ ପରିମଳ ବ୍ୟବସ୍ଥା ବିଗିଡିବାରେ ଲାଗିଛି। ଚିକେନ କାଉଣ୍ଟର ଗୁଡିକରେ କୁକୁଡା ମାଂସର ବେପାର ଗହଳି ମେଣ୍ଟାଇବାକୁ ନିତ୍ୟ ଶତାଧିକ କୁକୁଡା ହନନ ହେଉଥିବାବେଳେ ଏଥିରୁ ବର୍ଜ୍ୟ ପରିତ୍ୟକ୍ତ ଶରୀରାଂଶ ତଥା ରକ୍ତାଦି, ଧୌତ ଅପରିଷ୍କାର ଜଳରାଶି ନିଷ୍କାସନ ଓ ପରିଚାଳନା ପାଇଁ କାଉଣ୍ଟର ମାଲିକ କେହି ଗୁରୁତ୍ୱ ଦେଇନଥାନ୍ତି। ହେଲେ ଏହା ମାଟି ଉପରେ ଜମିରହି କ୍ରମେ ପଚିଶଢି ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେବାର କାରଣ ହୋଇଥାଏ। ବିଭିନ୍ନ ବଜାର ଓ ଛକ ସମେତ ସହର ଓ ଗ୍ରାମ ଆଦିର ଛକ ଓ ରାସ୍ତା ଧାରରେ ରହିଥିବା ଚିକେନ କାଉଣ୍ଟରରେ ଆବଶ୍ୟକ ପରିଷ୍କାର ପରିଛନ୍ନତାକୁ ଆଖି ବୁଜି ଦିଆଯାଉଛି। ଜନ ବସତି ସନ୍ନିକଟ ତଥା ମଝିରେ ଛୋଟବଡ ଫାର୍ମରେ କୁକୁଡା ପାଳନ କେନ୍ଦ୍ର,ତଥା ବେପାର ପାଇଁ କାଉଣ୍ଟରରେ କୁକୁଡା ହନନ କେନ୍ଦ୍ରର ବର୍ଜ୍ୟ ପରିଚାଳନାଗତ ଅସଚେତନତା କାରଣରୁ ଏବେ ପ୍ରତି ଗାଁରେ ସୁସ୍ଥ ଓ ସ୍ୱଚ୍ଛ ପରିବେଶୀୟ ସୁସ୍ଥତା ରକ୍ଷାରେ ପ୍ରମୁଖ ବାଧକ ବୋଲି ମତ ପ୍ରକାଶ ପାଉଛି। ପ୍ରତିବାଦ କଲେ ଅଶାନ୍ତି ଉତ୍ତେଜନାକୁ ଡରି ଲୋକେ ଚୁପ ରହିବାକୁ ବାଧ ହେଉଥିବାବେଳେ ପରିସ୍ଥିତି ସ୍ୱାସ୍ଥ୍ୟ ଅନୁକୂଳ ନୁହେଁ ବୋଲି ସମସ୍ତେ ଜାଣନ୍ତି।

ଏହାକୁ ଅନୀଧାନ କରାଯାୟୀ କୁକୁଡା ଫାର୍ମ ଗୁଡିକ ଜନ ବସତି ଠାରୁ ଯଥେଷ୍ଟ ଦୂରତାରେ ରହିବା ନିହାତି ବିଧେୟ। ହେଲେ ପରିବେଶ ଅସଚେତନ କୁକୁଡା ଫାର୍ମ ମାଲିକ ମୁନାଫା କମାଇବା ଲାଳଶାରେ ନିଜ ଘର ପଛପଟେ ,ବାରି,ବିଲପଦରରେ ଏହି ଫାର୍ମ କରିବାକୁ ପଛାଉ ନାହାଁନ୍ତି।

ଅବଶ୍ୟ ବେରୋଜଗାରୀ ନିୟନ୍ତ୍ରଣ ଦୃଷ୍ଟିରୁ ବିଭିନ୍ନ ଯୋଜନା ମାଧମରେ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଋଣ ଓ ଆର୍ଥିକ ସହାୟତା ଯୋଗାଇଦିଆଯାଉଛି ! ଖାସ୍ ଏଇଥି ପାଇଁ ଗାଁ ଗଣ୍ଡା, ଜନ ବସତି ଛାତି ଉପରେ ରୋଜଗାର ନିଶାରେ ଆମରି ଚିହ୍ନା ପରିଚୟ ପଡୋଶୀ, ଜ୍ଞାତିକୁଟୁମ୍ବ ଫାର୍ମ କରି କୁକୁଡା ପାଳନ ଓ ବିକ୍ରୟ କେନ୍ଦ୍ର କରିବା ସହ ଚିକେନ କାଉଣ୍ଟର କରୁଥିବା ସର୍ବଜନ ବିଦିତ।

ଭୋଜିଭାତରେ ଚିକେନକୁ ବିଶେଷ ଗୁରୁତ୍ୱ ଦିଆଯାଉଥିବାବେଳେ ତଥା ଘରେଘରେ ଦିନକୁ ଦିନ ପରିବାପତ୍ର ବଦଳେ ରନ୍ଧାରନ୍ଧିରେ ଚିକେନ ଝୋଳର ପ୍ରସ୍ତୁତି ଓ କ୍ରମବର୍ଦ୍ଧିଷ୍ଣୁ ଆଦର ଆମକୁ ଚିକେନ/ କୁକୁଡା ମାଂସର ଚାହିଦା ହୁଏତ କୁକୁଡା / ଚିକେନ ବ୍ୟବସାୟକୁ ଅଧିକ ପ୍ରୋତ୍ସାହିତ କରୁଅଛି।

ମତ୍ସ୍ୟ,ପ୍ରାଣୀ ପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରାଳୟରୁ ମିଳିଥିବା ସୂଚନା ମୁତାବକ ଗତ ୨୦ ତମ ପ୍ରାଣୀ ସମ୍ପଦ ଗଣନା ଅନ୍ତର୍ଗତ ଆମ ଦେଶରେ ୫୮୧.୮୦୯ ମିଲିୟନ କୁକୁଡା ରହିଛି। ଏଥିରୁ କେବଳ ଆମ ରାଜ୍ୟ ଓଡିଶାରେ ୨୭.୪୩୯ ମିଲିୟନ କୁକୁଡା ରହିଥିବା ରେକର୍ଡ କହୁଛି।

ଗ୍ରାମାଞ୍ଚଳ, ଛୋଟ ସହର ଆଦି ଅଧୀନସ୍ଥ ଜନବସତି ପୂର୍ଣ୍ଣ ଅଂଚଳ ମଧରେ ଏବେ ଛତୁ ଫୁଟିଲା ଭଳି କୁକୁଡା ଫାର୍ମ ସ୍ଥାପିତ ହୋଇଛି। ଆପଣା ଆର୍ଥିକ କ୍ଷମତା ଅନୁଯାୟୀ କୁକୁଡା ଚାଷୀ ତା ନିଜ ଗାଁ ଘର ବାରି ବା ଘର ପଛ ବିଲ/ ପଦରରେ ସ୍ଥାପିତ ଏହି କୁକୁଡା ପାଳନ କେନ୍ଦ୍ରରେ ସର୍ବନିମ୍ନ ହଜାରେ ରୁ ୧୦ ହଜାର ବା ତଦୁର୍ଦ୍ଧ୍ୱ ସଂଖ୍ୟାରେ କୁକୁଡା ଚିଆଁ ଆଣି ଏହେଉର ଲାଳନପାଳନ କରିବା ସହ ଏହାର ରୀତିମତ ବେପାର ଚଳାଇ ରୋଜଗାର ଚଳାଇଛି। ହେଲେ ଏହି ଫାର୍ମ ଏବେ ଅନ୍ୟତମ ପ୍ରମୁଖ ପ୍ରଦୂଷଣ କେନ୍ଦ୍ର ବୋଲି ଏହାକୁ ନେଇ ଗାଁ ସହର ବଜାରେ, ଛକ ଜାଗାରେ ନିତି ବେପାର ଆଶାରେ ଠା ଠା ଏକାଧିକ ଚିକେନ କାଉଣ୍ଟରମାନ ଖୋଲିଯାଇଛି। ପରିବା ବେପାର ଭଳି ଏହି ଚିକେନ ବେପାର ହୋଇ ଗଲାଣି। ହେଲେ ପରିବା ବର୍ଜ୍ୟ ଠାରୁ ଏହି ଚିକେନ/ କୁକୁଡା ବର୍ଜ୍ୟ ଏବେ ସାଧାରଣରେ ପ୍ରମୁଖ ମୁଣ୍ଡବ୍ୟଥାର କାରଣ ପାଲଟିବାରେ ଲାଗିଛି। କୁକୁଡା/ଚିକେନ ପାଳନ କେନ୍ଦ୍ର/ ଫାର୍ମ/ ହାଚେରୀ କେନ୍ଦ୍ରରୁ ନିତ୍ୟ ସୃଷ୍ଟ ମଳ ଆଉ ଅନ୍ୟାନ୍ୟ ବର୍ଜ୍ୟ ସ୍ଥାନୀୟ ବାୟୁ ମଣ୍ଡଳକୁ ପୂତିଗନ୍ଧମୟ କରିଥାଏ। ଏହାକୁ ଫାର୍ମ ମାଲିକଙ୍କ ପକ୍ଷରୁ ଆବଶ୍ୟକ ପରିବେଶ ଅନୁକୂଳ ବିରୋଧୀ ମାନସିକତା, ଅସଚେତନତା, ତଥା ପରିଚାଳନାଗତ ତୃଟି ବୋଲି ବିଚାରିବାକୁ ହେବ।

ସାଧାରଣତଃ କୁକୁଡା ଫାର୍ମରୁ ନିର୍ଗତ ରାସାୟନିକ ଦ୍ରବ୍ୟ ଏମୋନିଆ ଏବଂ ହାଇଡ୍ରୋଜେନ ବାଷ୍ପ ବାୟୁ ମଣ୍ଡଳରେ ମିଶି ବାୟୁ ପରିବେଶକୁ ଦୁର୍ଗନ୍ଧମୟ କରିବାରେ କାରଣ ହୋଇଥାଏ। ଏତଦ୍ ବ୍ୟତୀତ ପ୍ରତ୍ୟହ କୁକୁଡାଙ୍କ ଖାଦ୍ୟ ଉତ୍ପାଦନ ଗ୍ରାଇଣ୍ଡିଂ ତଥା ମଳ ସଂଗ୍ରହ ସମୟରେ ନିର୍ଗତ ଦୂଷିତ ବାୟୁ ପବନରେ ଖେଳାଇ ଯାଇ ଏହା ଚାରିଆଡକୁ ବ୍ୟାପି ସର୍ବ ସାଧାରଣଙ୍କ ସୁସ୍ଥ ଶ୍ୱାସକ୍ରିୟା ଉପରେ ଗଭୀର ପ୍ରଭାବ ପକାଇଥାଏ। ଏହା ମଧ ସାଧାରଣ ଜୀବନଯାପନରେ ସୁସ୍ଥ ପରିବେଶ ପ୍ରତିକୂଳତା ସୃଷ୍ଟି କରିବାରେ ବିଶେଷ କାରଣ ହୋଇଥାଏ। ଫାର୍ମରେ କୁକୁଡା ମଡକ ଅବା ସାଧାରଣ କୁକୁଡା ମୃତ୍ୟୁରେ ବର୍ଜ୍ୟ କୁକୁଡା ଶରୀରଗୁଡିକୁ ମାଟିତଳେ ପୋତି ଦିଆ ନଯାଇ ଅନେକ କ୍ଷେତ୍ରରେ ଆଖପାଖ ନିର୍ଜନିଆ ସ୍ଥାନରେ ଫୋପାଡି ଦିଆଯାଉଥିବା ଦେଖାଯାଇଛି। ଏହି ପରିତ୍ୟକ୍ତ ମଲା କୁକୁଡା ଗୁଡିକୁ ବୁଲା ଜନ୍ତୁ ଖାଇବା ଦ୍ୱାରା ଅନେକ କେତେକ କ୍ଷେତ୍ରରେ ବିଷକ୍ରିୟା ପ୍ରଭାବରେ ପ୍ରଭାବିତ ହୋଇ ମୃତ୍ୟୁମୁଖରେ ପଡିଥାନ୍ତି। ସେହିଭଳି ବର୍ଜ୍ୟ ମୃତକ କୁକୁଡା ଗୁଡିକ କ୍ରମେ ପଚିଶଢିଯାଇ ଶ୍ୱାନ ଶ୍ୱାପଦଙ୍କ ଦ୍ୱାରା ଏଣେତେଣେ ଟଣାଓଟରା ହୋଇ ଖେଳେଇ ଯାଇଥାଏ। ଏହି ପୂତିଗନ୍ଧମୟ ବର୍ଜ୍ୟ ସ୍ଥାନୀୟ ବାୟୁ ମଣ୍ଡଳକୁ ଦିନଦିନ ଧରି ପ୍ରଦୂଷଣମୟ କରି ରଖିଥାଏ। ଏହାର ପ୍ରଭାବରେ ସ୍ଥାନୀୟ ଜନବସତି ଘୋର ସ୍ୱାସ୍ଥ୍ୟଗତ ସଂକଟରେ ପଡିବା ଆଶଙ୍କା ସୃଷ୍ଟି ହୋଇଥାଏ। ଏଥିଯୋଗୁଁ ସାଧାରଣରେ ଉତ୍ତେଜନା ସୃଷ୍ଟି ହୋଇ ପ୍ରଭାବିତ ଜନସାଧାରଣଙ୍କ ସହିତ କୁକୁଡା ଫାର୍ମ ମାଲିକଙ୍କ ବାକବିତଣ୍ଡା ସୃଷ୍ଟି ହୋଇଥାଏ। ରାଜ୍ୟରେ ଜଳ ଓ ବାୟୁ ପ୍ରଦୂଷଣ ଦିନକୁ ଦିନ ଅଣାୟତ ହୋଇଚାଲିଥିବା ବେଳେ କୁକୁଡା ଫାର୍ମ ଗୁଡିକୁ ପରିବେଶ ଆଇନ ପରିସରଭୁକ୍ତ କରାଯାଇ ସାଂପ୍ରତିକ ସମୟରେ ଏବାବଦରେ ଆଇନ ପାଳନକୁ କଡାକଡି କରାଯିବାର ଅବକାଶ ଆସିଛି।

ପ୍ରକାଶ ଥାଉକି, ଗତ ୨୦୧୫ରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ରହିଥିବା କୁକୁଡା ଫାର୍ମର ପ୍ରତିଷ୍ଠା ଓ ପରିଚାଳନା ନିମନ୍ତେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ ଆବଶ୍ୟକ ଗାଇଡ ଲାଇନ ପ୍ରସ୍ତୁତ କରାଯାଇଥିଲା। ସେତେବେଳେ ଏହି ଫାର୍ମ ପ୍ରଦୂଷଣ କ୍ଷେତ୍ରରେ କୁଆଡେ ସବୁଜ ବର୍ଗର ବୋଲି ଚିହ୍ନଟ ହୋଇଥିଲା। ଏଥିରେ କୁକୁଡା ଫାର୍ମ ଗୁଡିକୁ ୩ଟି ସ୍ତରରେ ଯଥା, ୫ ହଜାରରୁ ୨୫ ହଜାର ପର୍ଯ୍ୟନ୍ତ ରହୁଥିବା କୁକୁଡା ଫାର୍ମକୁ 'ଛୋଟ', ୨୫ ହଜାରରୁ ୧ ଲକ୍ଷ ପର୍ଯ୍ୟନ୍ତ କୁକୁଡା ଫାର୍ମକୁ 'ମଧମ' ତଥା ୧ ଲକ୍ଷରୁ ଉର୍ଦ୍ଧ୍ୱ କୁକୁଡା ରହୁଥିବା ଫାର୍ମକୁ 'ବଡ' ଶ୍ରେଣୀର ବୋଲି ଶ୍ରେଣୀ ଭୁକ୍ତ କରାଯାଇଥିଲା। ଏଥିରେ ସେତେବେଳେ ପ୍ରାକୃତିକ ଜଳାଧାର ଓ ଜଳ ଉତ୍ସ ସମେତ ସର୍ବ ସାଧାରଣ ଚଳାଚଳ ରାସ୍ତା, ଜନ ବସତି ଠାରୁ ଆବଶ୍ୟକ ଦୂରତାରେ ରହିଛିକି ଏହି ସବୁ କୁକୁଡା ଫାର୍ମର ଅବସ୍ଥିତି ଓ ପରିଚାଳନାଗତ ସ୍ୱଚ୍ଛତା, ପରିବେଶ ଅନୁକୂଳ ଭିତ୍ତିଭୂମିର ନିୟମିତ ଯାଞ୍ଚ ଆଦି ପାଇଁ ବିଭାଗୀୟ ସ୍ତରରେ ନିୟମ କଡାକଡି ହୋଇଥିଲାକି ବୋଲି ସାଧାରଣରେ ପ୍ରଶ୍ନ ହେଉଛି।

ସୂଚନାରୁ ପ୍ରକାଶ, ସମୟ କ୍ରମେ ପରିବେଶବିତଙ୍କ ଉଦବେଗ ବଢିବାରେ ଲାଗିବାରୁ ସରକାର ଓ ନ୍ୟାୟ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ଲାଗି କାର୍ଯ୍ୟପନ୍ଥା ଗ୍ରହଣ ହୋଇଛି। ଗ୍ରିନ ହାଉସ ନିରାକରଣ ଓ କାର୍ବନ ଫୁଟ ପ୍ରିଣ୍ଟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଂଗକୁ ବିଶେଷ ଗୁରୁତ୍ୱ ଦେବା ସହ ଉପରୋକ୍ତ ସମସ୍ୟାକୁ ଅନୁଧାନ କରି ଗତ ୧୦.୧୨.୨୦୨୧ରେ ଆଗତ ଏକ ମାମଲା (ଓଏ ନମ୍ବର ୩୨୦/ ୨୦୨୧)ର ବିଚାର କରି ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ଏକ ରାୟ ପ୍ରଦାନ କରିଥିଲେ। ଏହି ରାୟରେ ମାନ୍ୟବର ଟ୍ରିବ୍ୟୁନାଲ (ଏନଜିଟି) କୁକୁଡା ଫାର୍ମ ଗୁଡିକୁ ପ୍ରଦୂଷଣ ଆଇନ ପରିସର ଭୁକ୍ତ ହେବେ ବୋଲି ଜଣାଯାଇଛି। ଫଳରେ ଜଳ ଆଇନ-୧୯୭୪ ଏବଂ ବାୟୁ ଆଇନ-୧୯୮୧ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି) ଠାରୁ ଆବଶ୍ୟକ ଅନୁମତି ଆଣିବାକୁ ପଡିବ। ଏହି ବ୍ୟବସ୍ଥା ୧ ଜାନୁଆରୀ ୨୦୨୩ରୁ ଲାଗୁ ହେବାକୁ ଯାଉଥିବା ପ୍ରକାଶ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର : ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ



ବିଶ୍ୱବିଜୟୀ ଦାଶ

ପାରଳା ମହାରାଜା, ଭାଷା ଆନ୍ଦୋଳନ ର ପୁରୋଧା, ପ୍ରଜାବତ୍ସଳ, ଓଡ଼ିଶା ର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚ଼ନ୍ଦ୍ର ଗଜପତି ନାରାୟଣ ଦେବ।

ମହାରାଜା କୃଷ୍ଣଚ଼ନ୍ଦ୍ର ଗଜପତି ୧୮୯୨ ମସିହା ଅପ୍ରେଲ ୨୬ ତାରିଖ ରେ ପାରଳାଖେମୁଣ୍ଡିରେ ଜନ୍ମଗ୍ରହଣ କରିଥିଲେ।ତାଙ୍କ ପିତା ଙ୍କ ନାମ ରାଜା ଗୌରଚନ୍ଦ୍ର ଦେବ (ଦ୍ୱିତୀୟ) ଓ ମାତା ଙ୍କ ନାମ ରାଣୀ ବିଷ୍ଣୁପ୍ରିୟା ଦେବୀ।ପିତା ଗୌରଚନ୍ଦ୍ର ଗଜପତି ଓ ପିତୃବ୍ୟ ପଦ୍ମନାଭ ଦେବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ ଓ ମି.ଏଡମଣ୍ଡ କ୍ୟାଣ୍ଡଲର ଗୃହଶିକ୍ଷକଙ୍କ ଦାୟିତ୍ୱରେ ତାଙ୍କର ବାଲ୍ୟଶିକ୍ଷା ସମାପ୍ତ ହୋଇଥିଲା।

ତା'ପରେ ଉଚ୍ଚଶିକ୍ଷା ପାଇଁ ସେ ମାନ୍ଦ୍ରାଜ ଗଲେ। ମାନ୍ଦ୍ରାଜ ରେ ପାଠ ପଢ଼ିବା ସମୟରେ ତାଙ୍କ ପିତାଙ୍କର ସ୍ୱର୍ଗବାସ ହୋଇଥିଲା। ନିଉଙ୍ଗଟନ ପ୍ରିନ୍ସ କଲେଜରୁ ପାଠପଢା ଶେଷ ପରେ କୃଷ୍ଣଚନ୍ଦ୍ର ୧୯୧୩ ମସିହାରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଥିଲେ।ତା'ପରେ ଖରସୁଆଁ ରାଜ୍ୟର ରାଜଜେମା ନଳିନୀ ଦେବୀଙ୍କୁ ବିବାହ କରିଥିଲେ ଓ ଶାସନ ଭାର ଗ୍ରହଣ କରିଥିଲେ ।

ମହାରାଜା ହୋଇ ମଧ ରାଜକୀୟ ବିଳାସ ବ୍ୟସନ ଠାରୁ ବହୁ ଦୂରରେ ରହି ଜନସେବାକୁ ଗୁରୁତ୍ୱ ଦେଇଥିଲେ।ତାଙ୍କର ବିବାହ ଉତ୍ସବ ପାଳନ ଅବସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଦ୍ୱାରା ସ୍ଥାପିତ ସତ୍ୟବାଦୀ ବନବିଦ୍ୟାଳୟର ଏକ ଛାତ୍ରାବାସ ନିର୍ମାଣ ଲାଗି ପାଞ୍ଚଶହ ଟଙ୍କା ଦାନକରିଥିଲେ । ଏହି ଅର୍ଥ ପାଇବା ପରେ ଗୋପବନ୍ଧୁ ଦାସ କୃଷ୍ଣଚନ୍ଦ୍ରଙ୍କୁ ଆଶୀର୍ବାଦ ଜଣାଇ ଏକ ପତ୍ର ଲେଖିଥିଲେ । ତା'ଛଡା ଓଡ଼ିଆ ସାହିତ୍ୟର ବିକାଶ ଲାଗି ଉତ୍କଳ ସାହିତ୍ୟ ସମାଜକୁ ଏକଶତ ଟଙ୍କା ଦାନ କରିଥିଲେ ।ମହାରାଜା କୃଷ୍ଣଚ଼ନ୍ଦ୍ର ଗଜପତିଙ୍କ ମତରେ ରାଜ୍ୟ ତଥା ଓଡ଼ିଶାରୁ ଅଜ୍ଞାନ ଅନ୍ଧକାର ଦୂରୀଭୂତ ହୋଇପାରିଲେ ଜନସାଧାରଣଙ୍କ ଆର୍ଥିକ, ମାନସିକ, ସାମୂହିକ ଉନ୍ନତି ସାଧିତ ହୋଇପାରିବ । ଶିକ୍ଷାର ବିକାଶ ପାଇଁ ସେ ଗୁଡ଼ିଏ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସ୍ଥାପନ କରିଥିଲେ । ମେଧାବୀ ଛାତ୍ରଙ୍କୁ ବୃତ୍ତି ଏବଂ ଗରିବ ଛାତ୍ରଙ୍କୁ ବିଦ୍ୟାଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇଥିଲେ। ସେସମୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଭିନ୍ନ ପ୍ରଶାସନିକ ଅଧିନରେ ରହିଥିଲା । ସମସ୍ତ ଓଡ଼ିଆ ଭାଷାଭାଷୀ ଲୋକ ଗୋଟିଏ ଅଞ୍ଚଳରେ ରହିଲେ, ଉନ୍ନତୀ ସମ୍ଭବ ବୋଲି କୃଷ୍ଣଚନ୍ଦ୍ର ଦେବ ହୃଦୟଙ୍ଗମ କରିପାରିଥିଲେ । ତଦନୁସାରେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ କାର୍ଯ୍ୟ କରିବାକୁ ସେ ଶପଥ ଗ୍ରହଣ କରିଥିଲେ । ପାରଳାଖେମୁଣ୍ଡିଠାରେ ୧୯୧୨ରେ ହୋଇଥିବା ଉତ୍କଳ ସମ୍ମିଳନୀରେ ସେ ଜଣେ ପୁରୋଧା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ । ୧୯୧୪ ମସିହା ଡିସେମ୍ବର ୨୭ ଓ ୨୮ ତାରିଖରେ ସେ ଦଶମ ଉତ୍କଳ ସମ୍ମିଳନୀ ପାରଳାଖେମୁଣ୍ଡିଠାରେ ଆହୂତ କରି ନିଜର କର୍ମକୁଶଳତା ଦେଖାଇଥିଲେ । ସେଠାରେ ପ୍ରଥମଥର ପାଇଁ ସେ ପୂର୍ଣ୍ଣାଙ୍ଗ ସ୍ୱତନ୍ତ୍ର ଓଡ଼ିଶା ଗଠନର ମୂଳଭିତ୍ତି ପକାଇଥିଲେ । ଏହି ସମ୍ମିଳନୀର ପ୍ରାରମ୍ଭରେ କୃଷ୍ଣଚନ୍ଦ୍ର ଗଜପତି ଦୃଢ଼ତାର ସହିତ ପ୍ରସ୍ତାବ ଦେଇ କହିଲେ, 'ଓଡ଼ିଆ ଭାଷାଭାଷୀଙ୍କୁ ଏକ ଶାସନାଧୀନ କରିବାପାଇଁ କେବଳ ଦାବି ନ କରି ସମଗ୍ର ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳକୁ ଏକତ୍ରୀତ କରି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦାବି କରିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ।' କୃଷ୍ଣଚନ୍ଦ୍ରଙ୍କର ଏଇଭଳି ବଳିଷ୍ଠ ଓ ଅକାଟ୍ୟ ଯୁକ୍ତି ସମ୍ମିଳନୀର ନେତୃବର୍ଗ ଏପରିକି ବୟୋଜ୍ୟୋଷ୍ଠ ନେତା ମଧୁବାବୁଙ୍କୁ ମଧ ଚକିତ କରି ଦେଇଥିଲା ଏବଂ ଗଜପତିଙ୍କର ଏହି ବଜ୍ର ନିର୍ଘୋଷ ନିନାଦ ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ଶଶିଭୂଷଣ ରଥ ଓ ମଧୁସୂଦନ ଦାସ ଇତ୍ୟାଦିଙ୍କ ସମର୍ଥନ ପାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏକ ପ୍ରସ୍ତାବ ଭାବରେ ଉତ୍କଳ ସମ୍ମିଳନୀରେ ଗୃହୀତ ହେଲା।

ପ୍ରଥମ ଗୋଲ ଟେବୁଲ ବୈଠକ (୧୯୩୦-୩୧) ଲଣ୍ଡନଠାରେ ଅନୁଷ୍ଠିତ ହେଲା । ବିହାର ଓ ଓଡ଼ିଶା ସରକାଙ୍କ ତରଫରୁ କୃଷ୍ଣଚନ୍ଦ୍ର ଗଜପତି ମନୋନୀତ ସଭ୍ୟଭାବେ ଗୋଲ ଟେବୁଲ୍ ବୈଠକରେ ଯୋଗ ଦେଇଥିଲେ । ବୈଠକରେ ଓଡ଼ିଶାର ଦାବୀ ଉତ୍‌ଥାପନ କରି ଏକ ଐତିହାସିକ ଭାଷଣ ଦେଇ ବ୍ରିଟିଶ ସରକାରଙ୍କର ଦୃଷ୍ଟି ଆକର୍ଷଣ କରି କହିଥିଲେ, 'ଆମେ ଚାହୁଁ ଭାଷା ଓ ଜାତି ସୂତ୍ରରେ ପ୍ରଦେଶ ଗଠନ । ଏକ କୋଟି ଓଡ଼ିଆଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ଅନୁମତି ନଦେଇ ଆପଣମାନେ ଭାରତରେ ନୂତନ ଶାସନ ସଂସ୍କାର କରିପାରିବେ ନାହିଁ ।' ଏହି ମନୀଷୀଙ୍କ ଯୁକ୍ତିଯୁକ୍ତ ବକ୍ତବ୍ୟ ଶୁଣି ଗୋଲ ଟେବୁଲ୍ ବୈଠକରେ ଉପସ୍ଥିତ ବ୍ରିଟିଶ ସରକାରଙ୍କର ପ୍ରତିନିଧିମାନେ ସ୍ତବ୍ଧ ହୋଇଯାଇଥିଲେ ।

ନିଜ ଶାସନ କାଳରେ ସେ ନିଜ ରାଜ୍ୟ ଭିତର ଦେଇ ନୂଆପଡ଼ା-ପାରଳାଖେମୁଣ୍ଡି ରେଳପଥକୁ ଗୁଣୁପୁର ଯାଏ ସମ୍ପ୍ରସାରିତ କରିଥିଲେ । କୃଷି ଓ ଶିଳ୍ପ ପାଇଁ ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲା ଧାନ କଳ, ତେଲ କଳ ଏବଂ ଲୁହା କାରଖାନା ବସାଇଥିଲେ । ରାଜ୍ୟରେ ଜଳ ସେଚନର ସୁବିଧା ପାଇଁ ନଳିନୀ କୃଷ୍ଣ ସାଗର କାଶୀ ନଗରଠାରେ ଖୋଳାଇ ଥିଲେ, ସାହିତ୍ୟ ଗବେଷଣା ପାଇଁ ଗୋପୀନାଥ ନନ୍ଦ ଓ ଗୋପାଳ ପ୍ରହରାଜଙ୍କ ଭଳି ଗବେଷକଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ । (କ୍ରମଶଃ)


ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)

ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା

ପିନ୍- ୭୫୨୦୩୫

ମୋ: ୬୩୭୦୨୦୮୪୨୮


## କବିତା କୋଣାର୍କ



### କୁଡ଼ିଆଟି ମୋର ସରଗପୁର

ସୁବ୍ରତ ପଢ଼ିଆର

ଜିଇଁଛି ଜିଇଁବି କୁଡ଼ିଆ ଘରେ ମୋ
ଆସୁକି ବରଷା ଶୀତ
ବତାସ ପବନ କରି ପାରିବନି
ମୋତେ ଜମା ଭୟଭୀତ ।

କୁଡ଼ିଆଟି ମୋର ସରଗପୁର
ବଡ଼ କୋଠା ଲୋଡ଼ା ନାହିଁ
ଶାନ୍ତିରେ ଖାଇକି ଆରାମେ ଶୋଉଛି
ସେହି କୁଡ଼ିଆଟି ପାଇଁ ।

ଲକ୍ଷ୍ମୀ ପାଦ ପଦ୍ମ ଅଗଣାରେ ପଡ଼େ
ମାର୍ଗଶୀର ଯେବେ ଆସେ
ଝୁଣା ଧୂପ ନିତି କୁଡ଼ିଆରୁ ମୋର
ମହ ମହ ହୋଇ ବାସେ ।

କୁଲର କି ଏସି ଲୋଡ଼ା ପଡୁନାହିଁ
ଗ୍ରୀଷ୍ମ ଆସିଲା ପରେ
ଚାଦର ଘୋଡ଼େଇ ଶାନ୍ତିରେ ଶୋଉଛି
ଶୀତରେ କୁଡ଼ିଆ ଘରେ ।

ମାଟିର କାନ୍ଥରେ ଝୋଟି ପଡୁଅଛି
ଆସୁଛି ଯେବେ ପରବ
ସେହି କୁଡ଼ିଆରେ ରହିଛି ବୋଲି ତ
ଲାଗୁଛି ମୋତେ ଗରବ ।

ଚୋର ଖଣ୍ଡ ଡର ନାହିଁ ଜମା ମୋର
ସଞ୍ଚିନି ଅମାପ ଧନ
କୁଡ଼ିଆ ଘରେ ମୁଁ ରଖିଛି ଯେତିକି
ଆନନ୍ଦେ ନାଚୁଛି ମନ ।

କୁଡ଼ିଆଟି ମୋର ଆନନ୍ଦ ଭଣ୍ଡାର
ଦେଇଛି ଜିଇଁବା ରାହା
ବିପଦେ ଆପଦେ ସବୁ ସମୟରେ
ହୋଇଛି ମୋତେ ସେ ସାହା ।


♥ତୃତୀୟ ବର୍ଷ
ସ୍ନାତକ ରାଜନୀତି
ବିଜ୍ଞାନ ବିଭାଗ ଛାତ୍ର
ବରହମପୁର ମହାବିଦ୍ୟାଳୟ,
ରାଜ-ବରହମପୁର,ବାଲେଶ୍ୱର
ମୋ:-୯୫୫୬୮୨୩୩୩୧


### ମମତାମୟୀ ମାଆ

ସୁନୀଲ କୁମାର ପ୍ରଧାନ



ସରସ ସୁନ୍ଦର ତାହାରି ଡାକ
ଡାକି ଦେଲେ ପୁଣି ଥରେ
ସରଗରୁ ତାରା ଖସି ପୁଣି ଆସେ
ତାହାର ମଧୁର ସ୍ୱରେ ।

ଆମରି ପାଇଁ କେତେ କଷ୍ଟ ସହି
ମାଆ ଦେଇଥାଏ ଜନ୍ମ
ତାହାରି ଋଣ କେ ସୁଝି ପାରିବ
କି କହିବ ତାର ମର୍ମ ।

ଜହ୍ନ ମାମୁଁଙ୍କୁ ସେ ଭାଇ କରି ଅଛି
ଆମ ପାଇଁ ସେ ସମ୍ପର୍କ
ଜନନୀ ଆମର ସବୁ ସହ୍ୱାର
ନ କରିବା ହତାଦାର ।

ମାଆ ର ଡାକ ଟା ଅମୃତ ସେ ପରା
ତାହା ଠୁ ବଳି ନାହିଁ
ଥରେ ଡାକି ଦେଲେ ମନ ମୋହିନିଏ
ହୃଦୟରେ ସ୍ନେହଁ ବହି ।

ବୋଉ ଡାକରେ ପ୍ରେମ ଭରି ଅଛି
ମମି ଡାକରେ ସେ ନାହିଁ
ଆଘାତ ହୋଇଲେ ବୋଉ ବୋଲି ଆସେ
ବିଚିତ୍ର ଲେଖାଟି ଏହି ।

ମାଆ ରାନ୍ଧୁଣୀ ବଡ଼ ସୁଆଦିଆ
ଖାଇଦେଲେ ପୁଣି ଥରେ
ଦିନ ଯାକ ପୁଣି ଭୋକ ନଥାଏ
ସ୍ନେହ ଅମୃତ ଭରେ ।

ମାଆର ମମତା କେ ପାରିବ କହି
ସେ ପରା ଅମୃତ ଦାୟିନୀ
ମାଆ ସ୍ନେହରେ ଯଶ ଭରି ଅଛି
ସେ ପରା ଅଗ୍ର ପୂଜନୀ ।

ଜନନୀ ର ଗାଥା କେ ବର୍ଣ୍ଣି ପାରିବ
ସେତିକି ସାହାସ ନାହିଁ
ତାର ମମତା ସ୍ନେହ ର ଅମୃତ
ସାଗର ସିନ୍ଧୁ ହୋଇ ।


♥ ଝାଟିପଦର,ପାଲୁରୁ,ଗଞ୍ଜାମ
ପୂର୍ବତନ ସ୍ନାତକ ଛାତ୍ର -
ପ୍ରାଣୀ ବିଜ୍ଞାନ ବିଭାଗ
ମୋ - ୭୬୦୯୯୩୪୩୬୬




### ଚେତାବନୀ

ରଶ୍ମିକାନ୍ତି ମିଶ୍ର

ଯେଉଁ ମହାମନିଷୀମାନେ
ପ୍ରତିବଦ୍ଧତାର ଦ୍ୱାହି ଦେଇ
ଅନ୍ୟାଚାର ଦେଖନ୍ତି
ନିର୍ବାକ ମୁଦ୍ରାରେ
ସେମାନେ ସବୁଦିନେ ହିଁ ସେମିତି
ଜଳାଞ୍ଜଳି ଦେଇଥାନ୍ତି
ସ୍ୱୀୟ ସ୍ୱାଭିମାନ...
ତେବେ ସେମାନଙ୍କୁ
ନିଜକୁ ବିଛେଇ ରଖିବାକୁ ହେବ
ପଶ୍ଚାତାପର ଶରଶଯ୍ୟାରେ
ହାତ ହୁତାଶରେ ଜଳିବାକୁ
ଜୀବନ ତମାମ୍ ...!

ଯଦିଓ ନଗ୍ନତା ଢାଙ୍କିବାକୁ
ଲଜ୍ଜାରୁ ମୁକୁଳାଇବାକୁ
ଚିରକାଳ ଈଶ୍ୱରଟିଏ
ନଥାନ୍ତି ପାଖରେ,
ହେଲେ ଏକଥା ଜାଣିରଖ
ନାରୀ ନଗ୍ନ ହେଲେ ନିଆଁ
ପୁରୁଷ ପାଲଟି ଯାଏ
ମୁଠାଏ ଭସ୍ମରେ ।


♥ଆଳି, କେନ୍ଦ୍ରାପଡା


### ଭକତି ଭାବରେ ଭୋଳ

ପ୍ରତାପ କୁମାର ପଣ୍ଡା



ଅଗୁରୁ ଚନ୍ଦନ ଦୟଣା ତୁଳସୀ
ଗେଣ୍ଡୁ ହାର ମାଳମାଳ,
ପୀତ ବସନକୁ ମଥାରେ ଖୋସା ତା'
ସୁନ୍ଦର ମୟୁର ଚୂଳ ।

ରସିକ ନାଗର କାଳିଆ ଆମର
ଭକତି ଭାବରେ ଭୋଳ,
ବଡ ଶରଧାରେ ଚକତିରେ ବସି
ଦେଖୁଥାଏ ଜଳଜଳ ।

ଭକତର ଆଖି ତା' ଶୋଭାକୁ ଦେଖି
ହୋଇଯାଏ ଛଳଛଳ,
କେମିତି ଜାଗାକୁ ଭାବରେ ବାନ୍ଧିବ
ପାଏନାହିଁ ଥଳକୂଳ ।

ଏ ଧରା ଧାମରେ ମାନବ ଜୀବନେ
ତା ନାମ ମନ୍ତ୍ର ଯେ ମୂଳ,
ତା ବିନା ସଂସାରେ ନାହିଁ ଅନ୍ୟ ଗତି
ଜୀବନଟା ଅସମ୍ଭାଳ ।


ଯୁଗେ ଯୁଗେ ଆସି ପାପୀଙ୍କୁ ନାଶିଛି
ଦେଖି ସିଏ କାଳ ବେଳ,
କଳିରେ ବାସ ତା ଉତ୍କଳ ମାଟିରେ
ଧନ୍ୟ ସେହି ନୀଳାଚଳ ।

ପ୍ରଭୁ ନାରାୟଣ ଭକତ ତାରଣ
ଶ୍ରୀହରି ନନ୍ଦ ଦୁଲାଳ,
ଶଙ୍ଖ ଚକ୍ର ଗଦା ସାଥିରେ ତାଙ୍କର
ଅତିପ୍ରିୟ ଶତଦଳ ।

ତାଙ୍କ କୃପା ବଳେ ଏ ସାରା ସଂସାର
ଲାଗଇ ଚଳ ଚଞ୍ଚଳ,
ଅଜ୍ଞାନ ଅନ୍ଧାର ଅପସରି ଯାଇ
ହୁଅଇ ସର୍ବ ମଙ୍ଗଳ ।


♥ରାଉରକେଲା
ମୋ: ୯୮୬୧୦୫୯୭୦୯

ଦୀପକ, ତୁ କ'ଣ ଖାଲି ସମସ୍ତଙ୍କୁ କନ୍ଦେଇବା ଲାଗି ଅଛୁରେ ! ତୋତେ ଥରେ ଭେଟିବାକୁ, ତୋତେ ଥରେ ଚାପୁଡ଼ାଟେ ମାରି ଛାତିରେ ଜଡେଇ ଧରି କାନ୍ଦିବାକୁ କେତେ ମନ ହେଉଛି ।
- କୁମାର ହସନ୍, ସମ୍ବଲପୁର




ଦୀପକ ରଂଜନ ମିଶ୍ର । ସାଂପ୍ରତିକ ଓଡ଼ିଆ ସାହିତ୍ୟର ଅନ୍ୟଜଣେ ସଫଳ କଥାକାର । କାହାଣୀ କଳାରେ ଅସମ୍ଭବ ଦକ୍ଷତା ରଖିଥିବା ଦୀପକ ମିଶ୍ର ଦେଶ ବିଭାଜନର ଇତିହାସକୁ ଆଧାର କରି 'ବିଭାଜନର ଶିବରଞ୍ଜନୀ'ରେ ଯାହା ସ୍ଥାନିତ କରିଛନ୍ତି ତାହା ଅନନ୍ୟ । ଆଜିର ବସ୍ତୁ ସର୍ବସ୍ୱ ସମାଜରେ ଭାବପ୍ରବଣତା ଓ ଲୁହର ମୂଲ୍ୟ ନଥିବା ବେଳେ ସେଇ ଭାବ ପ୍ରବଣତା ଓ ଲୁହକୁ ନେଇ ଯେଉଁ ଜାଲ ବୁଣିଛନ୍ତି ସେ, ସେଥିରେ ପାଠକ ବାନ୍ଧି ନହୋଇ ରହିବାର ଉପାୟ ନାହିଁ । ପାଠକେ ଚକିତ ହେବେ, ବିଗଳିତ ହେବେ । ଛାତିଥରା ଦୁଃଖ ହୃଦୟରୁ ହୃଦୟକୁ ଓ ଅସରା ଲୁହ ଆଖିରୁ ଆଖିକୁ ପ୍ରସାରିତ ହେବ, ଏହା ନିଶ୍ଚିତ ।

"ଦୀପକ ରଞ୍ଜନ ମିଶ୍ର
ପ୍ରତୀଚୀ ସାହିତ୍ୟ ପ୍ରତିଷ୍ଠାନ
'ସାଇଛାୟା', ଧର୍ମଶାଳା, ସୋନପୁର
ମୋ: ୯୪୩୭୨୫୩୭୧୫"





ହିରଣ୍ମୟୀ ମିଶ୍ର
ୟୁ.ଏନ୍ କଲେଜ, ଅଡ଼ଶପୁର, କଟକ
ମୋ: ୭୮୯୪୭୪୪୦୦୧

# ସ୍ୟାହି ନୁହେଁ, କେବଳ ଲହୁରେ ଲେଖା ହୋଇଛି ଏସବୁ ଗପ

କୁହାଯାଏ, ସ୍ରଷ୍ଟାଠାରୁ ସୃଷ୍ଟି ବଡ଼, କାହିଁକି ନା ସ୍ରଷ୍ଟାର ଜୀବନକୁ ଅତିକ୍ରମି ସୃଷ୍ଟି ତାର ନିଜର ଗୁଣରେ ବଳୀୟାନ ହୁଏ, ଶାଶ୍ୱତ ହୁଏ । ଆଜିକୁ ବହୁବର୍ଷ ପରେ ଯେତେବେଳେ ଗୋଟେ ଦେଶ, ଗୋଟେ ନିର୍ଦ୍ଦିଷ୍ଟ କାଳଖଣ୍ଡରେ ଭୋଗିଥିବା ରକ୍ତ ରଞ୍ଜିତ ଦିନସବୁକୁ ମନେ ରଖିବା ଭଳି କେହି ଜଣେ ବି ପାତ୍ର ଆଉ ନଥିବେ, ସେତିକିବେଳେ ଏହି ବହିଟି କିନ୍ତୁ ଥିବ, କେତେ ଶ୍ରଦ୍ଧାଳୁ ପାଠକ, ଅନିସନ୍ଧିତ୍ସୁ ଗବେଷକ ଆଉ ଇତିହାସର ଛାତ୍ରମାନଙ୍କ ପାଇଁ ମଶାଲର ଅପୂର୍ବ ଉଜ୍ଜ୍ୱଳ ଜ୍ୟୋତି ହୋଇ ।

ଦୀପକ କାଳ୍ପନିକ ଭାବେ କିଛି ଲେଖି ନାହାନ୍ତି, ଅଥଚ କଳ୍ପନା ଠାରୁ ବି ଅଧିକ ଅବିଶ୍ୱସନୀୟ ଏ ସତ ସବୁ । ଏ ସତ ସବୁ ଆପଣଙ୍କୁ ଯେ କିଛି ମୁହୂର୍ତ୍ତ ନୁହେଁ, ଆଜୀବନ ଚାବୁକ୍ ପ୍ରହାର କରିବେ, ଏହା ନିଃସନ୍ଦେହ । ଖଣ୍ଡେ ଜମି ନୁହେଁ, ଗୋଟେ ଘର ନୁହେଁ କି ଗୋଟେ ଗାଁ ନୁହେଁ, ଗୋଟେ ସମଗ୍ର ଦେଶର ବିଭାଜନ ହୋଇଥିଲା, ଏଇ ଆମ ଦେଶର ସ୍ୱାଧୀନତା ପ୍ରାପ୍ତିର ସମୟରେ । ଇତିହାସର ବହିରେ କେବଳ ଦେଶର ସୀମାର ସେ ବିଭାଜନ କଥା ଉଲ୍ଲେଖ ରହେ, ହେଲେ ମଣିଷର ବିଭାଜନର କଥା ? ଲକ୍ଷ ଲକ୍ଷ ଦେଶବାସୀଙ୍କର ଯେ ବିଭାଜନ ହୋଇଥିଲା, କେତେ ଲହୁ ଓ ଲୁହର ବନ୍ୟାରେ ଭାସିଥିଲା ଏ ମାଟି, ସେକଥା କେବଳ ସାହିତ୍ୟ ହିଁ ଜଣାଇବ ମାନବ ସଭ୍ୟତାକୁ, ଯୁଗ ଯୁଗ ଯାଏଁ । ଓଡ଼ିଆ ସାହିତ୍ୟକୁ ଦୀପକ୍ ବିଭାଜନ ଉପରେ ଲେଖା ହୋଇଥିବା ଏ ଅନୁଭୂତି ରଞ୍ଜିତ ଗପସବୁକୁ ଆଣିଛନ୍ତି, ନିଜର ଶ୍ରଦ୍ଧା, ସ୍ୱେଦ ଓ ସମୟ ଦେଇ ।

'ଜନ୍ମଭୂମି' ଠାରୁ ଆରମ୍ଭ କରି 'ମାତୃଭୂମି' ଏମିତି ସମୁଦାୟ ପଚାଶଟି ଗପ ରହିଛି, ଗପ ନୁହେଁ, ସତକଥାର ଗପ ରୂପ । କଥାକାର ମାନଙ୍କ ଭିତରେ ଅଛନ୍ତି ଅନେକ ବିଶିଷ୍ଟ ଓ ଦେଶର ଶ୍ରେଷ୍ଠ ପୁରସ୍କାର ପ୍ରାପ୍ତ ଲେଖକମାନେ - ଗୁଲ୍‌ଜାର, କମଲେଶ୍ୱର, ଭୀଷ୍ମ ସାହାନୀଙ୍କ ଠାରୁ ଆରମ୍ଭ କରି କୃଷ୍ଣ ଚନ୍ଦର, ଲୋକଯାତ୍ରୀ ଦେବେନ୍ଦ୍ର ସତ୍ୟାର୍ଥୀ ବା ମଣ୍ଟୋଙ୍କ ଯାଏଁ । 'ଧ୍ୱନି ପ୍ରତିଧ୍ୱନି' ସମ୍ବାଦପତ୍ରରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ନିୟମିତ ମଣ୍ଡନ କରୁଥିବାରୁ ପ୍ରତିଟି ଗପର ଦୀର୍ଘତା ପ୍ରାୟ ଏକାଭଳି । ଗପଗୁଡ଼ିକର ଶୀର୍ଷକ ମୌଳିକ ଗପଗୁଡ଼ିକଟାରୁ ଭିନ୍ନ । କିନ୍ତୁ ଏସବୁ ସମ୍ପୂର୍ଣ୍ଣ ଅନୁବାଦ ନୁହେଁ । ବିଭାଜନର ଦୃଶ୍ୟ ସବୁକୁ ନେଇ ବିଭିନ୍ନ ଭାଷାରେ ଲେଖାଯାଇଥିବା ଗପଗୁଡ଼ିକୁ ପଢ଼ି, ନିଜ ବୁଝିବା ଢଙ୍ଗରେ, ନିଜ ଲେଖକୀୟ ଶୈଳୀରେ ପରଶି ଦେଇଛନ୍ତି ପ୍ରିୟ ଅନୁଜ ଦୀପକ୍ । ଏସବୁ ପଢ଼ିବା ବେଳେ ଅନେକବାର ମୋ ଆଖିରୁ ବହିଛି ଧାର ଧାର ଲୁହ, ଛାତି ଭିତରେ କଷ୍ଟ ହେଇଛି । ମୁଁ ସାରା ରାତି ଏସବୁକୁ ଦେଖିଛି ଦୃଶ୍ୟ ପରି । ଅନେକ ରାତିରେ ମତେ ଦିଶିଛି ବେବେଙ୍କର ଅସହାୟତା ବା ଜଜ୍ ଅବ୍‌ଦୁଲ ହାଇ ଙ୍କର ସତର ବର୍ଷର ଝିଅ ସୁଘ୍ରା ର ଆତଙ୍କିତ ମୁହଁ । 'ପେଶାଓ୍ୱର ଏକ୍ସପ୍ରେସ୍' ପଢ଼ିବା ପରେ ଯେ କୌଣସି ଦୃଢ଼ମନା ପାଠକର ହୃଦୟ ବି ଥରି ଉଠିବ । ବଡ଼ କଷ୍ଟ ଏ ବହିର ପୃଷ୍ଠା ସବୁକୁ ଭୁଲିବା । ଆହୁରି କଷ୍ଟ ଏସବୁକୁ ଗପ ବୋଲି ଭାବିନେବା । ସତେ ଯେମିତି ସ୍ୟାହି ନୁହେଁ, ପୃଷ୍ଠା ପରେ ପୃଷ୍ଠା କେବଳ ଲହୁରେ ଲେଖା ହୋଇଛି ଏସବୁ ଗପ ।

ଉର୍ଦ୍ଦୁ ଭାଷାର ପ୍ରଖ୍ୟାତ ଗାଳ୍ପିକ କୃଷ୍ଣ ଚନ୍ଦର୍‌ଙ୍କ ଗଳ୍ପ 'ଏକ ତବାୟଫ୍ କା ଖତ୍' ଆଧାରରେ ଲିଖିତ ଗଳ୍ପ 'ଏକ ବେଶ୍ୟାର ଚିଠି'ର ଏଇ ଶେଷ କିଛି ଧାଡ଼ିକୁ ଲକ୍ଷ୍ୟ କରନ୍ତୁ, "ଆପଣମାନେ, ପଣ୍ଡିତ୍‌ଜୀ ଓ ଜିନ୍ନା ସାହେବ୍ - ବହୁତ କିଛି କରି ପାରିବେନି । ବୋଧେ ଅଳ୍ପ ଟିକିଏ ବି ନୁହେଁ । ତଥାପି ଆମ ଅଞ୍ଚଳକୁ ସ୍ୱାଧୀନତା ଆସିଗଲାଣି - ହିନ୍ଦୁସ୍ଥାନ ଓ ପାକିସ୍ଥାନରେ । ଆଉ ଗୋଟେ ବେଶ୍ୟାକୁବି ଏହା ପଚାରିବାର ଅଧିକାର ଅଛି ଯେ ଏବେ ବେଲା ଓ ବୁତୁଲ୍‌ର କ'ଣ ହେବ ? ବେଲା ଓ ବୁତୁଲ୍ ଦୁଇଟି ଝିଅ, ଦୁଇଟି ସମ୍ପ୍ରଦାୟ, ଦୁଇଟି ସଭ୍ୟତା, ଦୁଇଟି ମନ୍ଦିର ଓ ମସ୍‌ଜିଦ୍ । ଏବେ ସେମାନେ ଫାରସ୍ ରୋଡ଼ର ଗୋଟେ ରଣ୍ଡୀର ସଂରକ୍ଷଣରେ । ମୁଁ ସେମାନଙ୍କୁ ପଇସା ଦେଇ କିଣି ଥିବାରୁ ମୋ ଧନ୍ଦାରେ ଲଗେଇ ପାରିବି । ହେଲେ ଭାବୁଛି, ସେଇ କାମର ପୁନରାବୃତ୍ତି ମୁଁ କରିବିନି, ଯାହା ସେମାନଙ୍କ ସହ ରାଓ୍ୱଲପିଣ୍ଡି ଓ ଜଳନ୍ଧର କରିଛି । ମୁଁ ଏବେ ବି ସେମାନଙ୍କୁ ସୁରକ୍ଷିତ ରଖିଛି । ହେଲେ ଯେତେବେଳେ ମୋ ଗ୍ରାହକମାନେ ପଛପଟକୁ ହାତମୁହଁ ଧୋଇବାକୁ ଯାଆନ୍ତି, ସେତେବେଳେ ନିରୀହ ବେଲା ଓ ବୁତୁଲ୍‌ର ଆଖି ମତେ ଅନେକ କିଛି କହେ । ତାଙ୍କ ସେଇ କଥା ମୁଁ ସଠିକ୍ ଭାବେ ଆପଣଙ୍କ ପାଖରେ ପହଞ୍ଚେଇବାକୁ ଅସମର୍ଥ । ଆପଣ ନିଜେ କାହିଁକି ଏଇ ନିରୀହ ଆଖିର ଭାଷା ନପଢ଼ିବେ ?" ଏମିତି ସହସ୍ର ସହସ୍ର ବେଲା ଓ ବୁତୁଲ୍‌ଙ୍କ କାହାଣୀରେ ଏ ପୁସ୍ତକର ପ୍ରତି ପୃଷ୍ଠା ଓଦା ।

\+ + + + + + +

ମଣିଷର ଅବଚେତନ ମନ ତଳେ ଥିବା ପଶୁତ୍ୱ କେମିତି ଟିକିଏ ନିଆଁ ଧାସରେ ଭୟଙ୍କର ରୂପ ଧାରଣ କରିପାରେ, ତା'ହିଁ ବିଭାଜନର ଏଇ ଗପସବୁର ମଞ୍ଜ । ମଣିଷ କେବେ ଦେବତା ହେଇପାରେ ତ କେବେ ଚିନ୍ତା ରହିତ ପଶୁ । କିନ୍ତୁ ଗୋଟେ ଅଦୃଶ୍ୟ ଭାବେ ଘଟୁଥିବା ରାଜନୈତିକ ଷଡ଼ଯନ୍ତ୍ର ର ଫଳାଫଳ ଯେ ସାଧାରଣ ମଣିଷମାନଙ୍କର ଜୀବନକୁ ଏତେଦୂର ରକ୍ତାକ୍ତ କରିଦେଇ ପାରେ, ସେକଥା ଏ ପୃଷ୍ଠା ସବୁ ପଢ଼ିବା ପରେ ବିଶ୍ୱାସ କରିହୁଏ । ପ୍ରଖ୍ୟାତ୍ ହିନ୍ଦୀ ଲେଖକ ଅଜ୍ଞେୟଙ୍କର ଗପ 'ଶରଣଦାତା'ରେ ଦେବିନ୍ଦରଲାଲକୁ ଆଶ୍ରୟ ଦେଇଥିବା ରଫିକୁଦ୍ଦିନ୍ ତାଙ୍କୁ ମାରିବାକୁ ଚେଷ୍ଟା କରିବା ବେଳେ ବନ୍ଧୁକନ୍ୟା ଜେବ୍‌ବୁର ଉପସ୍ଥିତ ବୁଦ୍ଧି ଯୋଗୁଁ ବଞ୍ଚିଯାଇଛି ଦେବିନ୍ଦରଙ୍କ ଜୀବନ । ବିଭାଜନକୁ ବୁଝିବା ସତରେ ଭାରି ଜଟିଳ ।

\+ + + + + + +

ଲେଖୁଥିଲେ ସରିବନି । ଏ କାହାଣୀସବୁ ଓଡ଼ିଆ ପାଠକମାନଙ୍କ ପାଖରେ ସବୁଦିନ ପାଇଁ ମୁହଁରୁ ମୁହଁକୁ ହେଇ ବହିଯିବେ । ଗୁଲଜାରଙ୍କ 'ରାବୀପାର' ଗପର ସେ ପଥର ପାଲଟି ଯାଇଥିବା ମା'ଟି କେମିତି ବଞ୍ଚିଥିବ ଅବଶିଷ୍ଟ ଆୟୁଷ ? ଟ୍ରେନ୍‌ରୁ ଓହ୍ଲେଇବା ପରେ ନିଜ ପାଖରେ ଥିବା ମୃତ ସନ୍ତାନଟିକୁ ଟୋକେଇ ଭିତରେ ଥିବା ଦେଖି ସେ କ'ଣ ସତରେ ଧୈର୍ଯ୍ୟଧରି ରହି ପାରିଥିବ ? କୋଉଠି ସରିଥିବ 'କାଜି ଦା କୋଟ୍' ଗପର ଅନୁପ୍‌ର ସେ ରାତି ? 'ଆଦାବ୍' ଗପର ସମରେଶ ମଜୁମ୍‌ଦାର ସେ ଧୀବର ଚରିତ୍ର ? ପାନଗୁମୁଟି କଡ଼ରୁ ବାହାରି ଆସି ସେ ଦୃଶ୍ୟକୁ ଦେଖି କି ମନଃସ୍ଥିତି ହୋଇଥିବ ସେ ଶ୍ରମିକର ? କୋଉଠି, କାହା ପାଖରେ ପହଞ୍ଚିଥିବ କେତେ ଯତ୍ନରେ ଧୀବର ଜାବୁଡ଼ି ଧରିଥିବା ସେ ପୁଟୁଳି, ଯାହା ଭିତରେ ଥିଲା ତା ଛୁଆଙ୍କ ପାଇଁ ନୂଆ ପୋଷାକପତ୍ର, ଆଉ ପତ୍ନୀଙ୍କ ପାଇଁ ଶାଢ଼ୀଟିଏ ? ସରଦାର୍ ମୋହିନ୍ଦର୍ ସିଂହ ସର୍‌ନାଙ୍କ ଗପ 'ବୀଭସ୍ ଅମଳ' ର ସେ ଦୃଶ୍ୟ ? "ଚାରିଆଡ଼େ ରକ୍ତ ହିଁ ରକ୍ତ । ଗହମ କ୍ଷେତରେ ରକ୍ତ, ଆଖୁ କିଆରୀରେ ରକ୍ତ, ଶାଗପଟାଳିରେ ରକ୍ତ, କପା ବଗିଚାରେ ରକ୍ତ । କେମିତି ଯାକୁ ଖାଇବ, ବ୍ୟବହାର କରିବ, ଆସନ୍ତା କାଲିର ମଣିଷ ?" ଅତର୍ଚ୍ଛା ହେଉ ଧାଉଁଥିବା ଦୀନାର ପାଦ ଅଟକିଛି ଯେ ଆଉ ସଂଜ୍ଞା ଫେରିଥିବ ତ ?

ପ୍ରଶ୍ନ ଆଉ ପ୍ରଶ୍ନ । ଲକ୍ଷ ଲକ୍ଷ ପ୍ରଶ୍ନରେ ମୁଁ ଆକ୍ରାମାକ୍ରା । ଉତ୍ତରହୀନ ପ୍ରଶ୍ନ ଏସବୁ । ସଚେତନ ମଣିଷଟିଏ ବାରମ୍ବାର ନିଶ୍ଚୟ ଅଟକିବ, ବିଚଳିତ ହେବ, ଅଲକ୍ଷ୍ୟରେ ଆଖିରୁ ଲୁହ ଝରେଇବ । ଦୀପକ୍‌ଙ୍କର ଏଇ ବହି ମୋ ନିଦ ହଜେଇ ଦେଇଛି ଅନେକ ରାତିରେ । ମୁଁ ସେ ଆଖୁ କିଆରୀର ରକ୍ତ ଦେଖିଛି, ଟ୍ରେନ୍‌ର ସେଇ ଶବଭର୍ତ୍ତି ବଗିମାନଙ୍କୁ ଡେଇଁ ଡେଇଁ ଯାଇଛି, ଅନେକ ନିରୀହ ଶିଶୁ ଓ ମହିଳାଙ୍କ ହତ୍ୟା ଓ ଅତ୍ୟାଚାରକୁ ଦେଖିଛି, ସତେ ଯେମିତି ଏସବୁ ମୋ ଆଖି ଆଗରେ ହେଉଛି । ଏସବୁ ପଢ଼ିଲା ପରେ ଗୋଟେ ପ୍ରଶ୍ନ ମତେ ବାରମ୍ବାର ବ୍ୟାକୁଳିତ କରିଛି । "ବିଭାଜନ କ'ଣ ସତରେ ଏତେ ଜରୁରୀ ଥିଲା ?" ହଜାର ହଜାର ମା'ର ରକ୍ତ ଓ ଲୁହରେ ଭିଜା ଏ ସ୍ୱାଧୀନତା ପଛର ଏ ଭୟଙ୍କର ଦୃଶ୍ୟ ସବୁ ଆମକୁ କ'ଣ ଶିଖେଇଲା ?

ଦୀପକ୍‌ଙ୍କର ଭାଷ୍ୟଟି ଏତେ ସହଜ ଓ ବର୍ଣ୍ଣନାର ଶୈଳୀ ଏତେ ସ୍ୱଚ୍ଛନ୍ଦ ଯେ ମନେହୁଏ ସତେ ଯେମିତି ଆମେ ମୌଳିକ କୃତିଟିକୁ ପଢୁଛୁ । ଏତେଗୁଡ଼ିଏ ବହି ସଂଗ୍ରହ କରି, ପଢ଼ି, ତା'ର ଆତ୍ମାରେ ଥିବା କାହାଣୀଗୁଡ଼ିକ ଆମକୁ ଏକାଠି କରି ପରଶିଦେବାରେ ଦୀପକ୍‌ଙ୍କର ନିଷ୍ଠା ସହଜରେ ଜାଣିହୁଏ । ତାଙ୍କର ଶ୍ରଦ୍ଧା ଓ ନିଷ୍ଠା ଏ ବହିକୁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚେଇବ ।

ଶେଷରେ, ଏତିକି କାମନା କରିବି ଯେ ବିଭାଜନର ଏ କାହାଣୀ ସବୁ ପଢୁଥିବା ମଣିଷମାନଙ୍କ ହୃଦୟରେ ଦେବତ୍ୱ ଜନ୍ମନେଇ, ଏ ମାଟିରେ ଏ ବର୍ବରତାର ଆଉ ପୁନରାବୃତ୍ତି ନହେଉ । ଦୀପକ୍‌ଙ୍କୁ ମୋର ସକଳ ଶ୍ରଦ୍ଧା ଓ ସୁମନାସ ।



# ବିଭାଜନକୁ ନେଇ ଗଳ୍ପ ରଚନା କରିଥିବା ଅଧିକାଂଶ ଗାଳ୍ପିକ ନିଜେ ଥିଲେ ଜଣେ ଜଣେ ଭୁକ୍ତଭୋଗୀ

୧୯୪୭ ମସିହାରେ ଘଟିଥିବା ଧର୍ମ ଭିତ୍ତିକ ବିଭାଜନ, ଭାରତ ଇତିହାସରେ ଯୁଗ ଯୁଗ ଯାଏଁ ଏକ କଳା ଦାଗ ହୋଇ ରହିଥିବ । ତାକୁ ଉଖାରିଲେ ଲୁହ ଲହୁ ବୋହୁଥିବ ଧାର ଧାର ହୋଇ । କ୍ଷତକୁ ଶୁଖିବାକୁ ନଦେଇ ଆମେ ବାରମ୍ବାର ଉଖାରିବା କାହିଁକି ? ଏଇ ପ୍ରଶ୍ନ ଅନେକଙ୍କ ମନରେ । ଇତିହାସ ଆମକୁ ବହୁତ କିଛି ଶିଖାଏ । ଅତୀତରେ ହୋଇଥିବା ଭୁଲ୍‌ର ଯେମିତି ପୁଣିଥରେ ପୁନରାବୃତ୍ତି ନହେଉ ସେଥିଲାଗି ମଣିଷକୁ ସଚେତନ କରେ । ତେଣୁ ଆଉଥରେ ଧରଣୀକୁ ରକ୍ତ ରଞ୍ଜିତ ନକରିବା ପାଇଁ ଆମକୁ ଅତୀତକୁ ଜୀବନ୍ତ ରଖିବାକୁ ହେବ । ଉଖାରିବାକୁ ହେବ ଉପରେ ଶୁଖି କଳା ପଡ଼ିଯାଇଥିବା ବକଳକୁ । କ୍ଷତରୁ ବାରମ୍ବାର ରକ୍ତକ୍ଷରଣ ହିଁ ଆମକୁ ଭେଟିଦେବ ଏକ ଶାନ୍ତ, ସୁସ୍ଥ ଓ ପ୍ରଗତିଶୀଳ ଜୀବନ ।

ଆଜକୁ ପ୍ରାୟ ଛଅବର୍ଷ ତଳର କଥା । ପୁଅ ଇଶାନ୍ତ ସେତେବେଳେ କେ.ଜି.- ଟୁ ର ଛାତ୍ର । ଦିନେ ତାକୁ ତା ସ୍କୁଲର ସାଙ୍ଗମାନଙ୍କ କଥା ପଚାରିବାରୁ ସେ ଚାରି ପାଞ୍ଚଜଣଙ୍କ ନାଁ କହେ । ସେଇମାନଙ୍କ ଭିତରେ ଜଣେ ଥାଏ ଏମ୍. ଡି. ଇର୍ସାଦ୍ । ଏଇ ନାଁଟି ଶୁଣି ମୋ ମନ ଖୁସି ହୋଇଯାଏ । ଯା ହେଉ ତା ସାଙ୍ଗରେ ଗୋଟେ ମୁସଲମାନ ଛୁଆ ବି ପଢୁଛି । ପୁଣି ସେମାନଙ୍କ ଭିତରେ ଅଛି ପ୍ରଗାଢ଼ ବନ୍ଧୁତା । ନହେଲେ ତା ନାଁ କାହିଁକି କହନ୍ତା ପୁଅ । ମୋର ମନେ ପଡ଼ିଯାଏ ଆସିଫ୍ କଥା । ଆମେ ସାଙ୍ଗ ହୋଇ କେତେ ଖେଳୁଥିଲୁ ପିଲାଦିନେ । ତା' ବାପାମା'ଙ୍କୁ ମୁଁ ମାମୁଁ ମାଇଁ ବୋଲି ଡାକୁଥିଲି । ମନେ ପଡ଼େ କଲେଜ୍‌ରେ ପଢ଼ିଲା ବେଳେ ମୋର ଅନ୍ତରଙ୍ଗ ବନ୍ଧୁ ନୌସାଦ୍‌ର କଥା । ଆଜିଯାଏଁ ସେମାନଙ୍କ ସହ ମୋର ବନ୍ଧୁତା ଅତୁଟ ଅଛି । ମୁଁ ହିନ୍ଦୁ, ଭରଦ୍ୱାଜ ଗୋତ୍ରୀ ବ୍ରାହ୍ମଣ, ସେମାନେ ମୁସଲମାନ । ଏମିତି ଭାବନା ଆମ ଭିତରେ ଆଦୌ ନାହିଁ । ଦେଶରେ କ୍ରମଶଃ ବୃଦ୍ଧି ପାଉଥିବା ଧର୍ମୀୟ ସଂକୀର୍ଣ୍ଣତାର ମନୋଭାବ କେବେ ପୁଅ ଭିତରେ ନଜନ୍ମୁ ଏହା ମୂଳରୁ ମୁଁ ଚାହିଁ ଆସିଛି । ଇଶାନ୍ତ ଓ ଇର୍ସାଦ୍ ଏକ ଗଭୀର ପ୍ରେମ ସମ୍ପର୍କରେ ବାନ୍ଧିହେବା ନିହାତି ଆବଶ୍ୟକ । ତାହା ହେଲେ ଯାଇ ଦେଶର ପରିସ୍ଥିତି ସୁଧୁରିବ । ପାକିସ୍ଥାନ, ବାଙ୍ଗଲାଦେଶ ଓ ଭାରତ ଭିତରେ ପ୍ରତିହିଂସାର ମନୋଭାବ ଦୂରେଇବ । କାଶ୍ମୀର ପୂନର୍ବାର ପାଲଟିବ ଭୂସ୍ୱର୍ଗ.... । ଭାବୁକ ଲୋକ ତ, ନାଁଟି ଶୁଣୁ ଶୁଣୁ ଗୁଡ଼ାଏ କଥା ମନକୁ ଚାଲିଆସେ । ପୁଅକୁ ପଚାରେ ସେମାନେ ପ୍ରତିଦିନ ସ୍କୁଲରେ ପ୍ରଥମ ସାକ୍ଷାତ ବେଳେ କ'ଣ କରନ୍ତି ବୋଲି । ତା'ର ସହଜ ଉତ୍ତର ଥିଲା - ଗୁଡ୍ ମର୍ଣ୍ଣିଂ । ତେବେ ଏଇ ଗୁଡ୍ ମର୍ଣ୍ଣିଂଟା ମୋତେ କାହିଁକି ଟିକିଏ ଶୁଖିଲା ଜିନିଷ ଭଳି ଲାଗେ । ଏଥିରେ ପରସ୍ପରକୁ ବାନ୍ଧିବା ଭଳି ଗୁଡ଼ କି ଚିନି କିଛି ବି ନଥାଏ । ସାଙ୍ଗକୁ ଦେଖିଲେ, ସ୍କୁଲର ସାର୍ କି ମେଡମ୍‌ଙ୍କୁ ଦେଖିଲେ, ପରିବାରର ଗୁରୁ ଗୁରୁଜନଙ୍କୁ ଦେଖିଲେ ସେଇ ସମାନ ଦୁଇଟି ଇଂରାଜୀ ଶବ୍ଦ । ଆମ ଭାରତୀୟ ପରମ୍ପରାରେ କିନ୍ତୁ ଅନ୍ୟକୁ ସମ୍ମାନ ଜଣାଇବା ପାଇଁ ତଥା ଶଙ୍ଖୁଳିବା ପାଇଁ କେତେ କେତେ ଗୁଡ଼ ଚିନି ମିଶା ଶବ୍ଦ ଅଛି । ଛୁଆ ଇଂରାଜୀ ମାଧ୍ୟମ ସ୍କୁଲରେ ପଢୁଛି ଯେତେବେଳେ ସେଠିକା ନିର୍ଦ୍ଦେଶ ମାନିବାକୁ ବାଧ୍ୟ । ମୋ ମନ ଭିତରେ କିନ୍ତୁ ଭାବନାଟିଏ ଉଙ୍କିମାରେ । ମୁଣ୍ଡ ଟିକିଏ ତଳକୁ ନୁଆଁଇ, ଡାହାଣ ହାତକୁ ଓଠ ପାଖକୁ ନେଇ ପୁଅକୁ 'ସଲାମ୍ ଓ୍ୱାଲେକୁମ୍' କହେ । ଆଉ ଆଗ୍ରହ କରେ ମୋତେ ଅନୁକରଣ କରିବା ପାଇଁ । ଇସୁ ସଠିକ୍ ଢଙ୍ଗରେ ମୁଣ୍ଡ ଟୁଙ୍ଗାରେ ସିନା କିନ୍ତୁ ଅଖାଡୁଆ ଶବ୍ଦ ଦୁଇଟି ତା ପାଟିରେ ଜମା ପଶେନି ।

ତା' ପରଦିନ ଭୋର ସକାଳୁ ତାକୁ ଉଠାଇ ସ୍କୁଲ ପାଇଁ ପ୍ରସ୍ତୁତ କଲାବେଳେ ପୁଣି ସେଇ ସଲାମ୍ ଓ୍ୱାଲେକୁମ୍ । ଏଇମିତି ଚାରି ପାଞ୍ଚଦିନ ଅଭ୍ୟାସ କଲାପରେ ସେ ସଫଳ ଭାବରେ ଉଚ୍ଚାରଣ କରିପାରିବାରୁ ମୁଁ ତାକୁ କହେ ଏଥର ସବୁଦିନ ସକାଳୁ ସ୍କୁଲରେ ଇର୍ସାଦ୍‌କୁ ଦେଖିଲେ ମୁଁ ଯେମିତି ବତେଇଛି ସେମିତି ମୁଣ୍ଡ ଟୁଙ୍ଗାରି କହିବା ପାଇଁ । ପ୍ରଥମେ ପ୍ରଥମେ ସେ ଲାଜ କରେ । ପୁଣି ରାଜି ହୁଏ କରିବ ବୋଲି । ମୁଁ ପ୍ରତିଦିନ ସ୍କୁଲ ଭେନ୍‌ରେ ଚଢ଼ାଇବା ବେଳେ ସେଇ କଥାଟି ତାକୁ ମନେ ପକାଇଦିଏ । ପୁଣି ସ୍କୁଲରୁ ଫେରିଲେ ପଚାରେ କଲାକି ବୋଲି । ସିଏ କେବେ ଭୁଲିଯାଇଛି ତ କେବେ ଇର୍ସାଦ୍ ଆସିନି ବୋଲି ବାହାନା କରେ । ସ୍କୁଲ ପରିସର ଭିତରେ ଇଂରାଜୀ ଛଡ଼ା ଅନ୍ୟଭାଷା ନବ୍ୟବହାର କରିବାକୁ କଡ଼ା ନିର୍ଦ୍ଦେଶ ଥିବାରୁ କାଳେ ମେଡମ୍ କିଛି କହିବେ ବୋଲି ଭୟ ବି କରୁଥାଇପାରେ ସେ । କିଛିଦିନ ପରେ ଦିନେ ସେ ଭେନ୍‌ରୁ ଓହ୍ଲାଇଲା ବେଳକୁ ହସି ହସି କହେ, "ବାପାଗୋ, ଆଜି କରିଛେଁ ।" ତା ହସ ହସ ମୁହଁ ଦେଖି ମୁଁ ଖୁସିରେ ପଚାରେ, "ଆଜି ସତରେ କରିଛ ବାପା ? ଇର୍ସାଦ୍ କ'ଣ କହିଲା ?" ସେଦିନ ମୋର ଏଇ ପ୍ରଶ୍ନର ଉତ୍ତରରେ ଇସୁ ଯାହା କହିଥିଲା ତାହା ଅଭୁଲା ହୋଇ ରହିଯାଇଛି ସାରା ଜୀବନକୁ । -"ଉନିଆଁ ଦିନ ଗୁଡ୍ ମର୍ଣ୍ଣିଂ କହେଲେ ସେ ଭିଲ୍ ଗୁଡ୍ ମର୍ଣ୍ଣିଂ କହିକିନା ତାର୍ ବସ୍‌ଲା ଜାଗାକେ ଯାଉଥିଲା । ଆଜି ମୁଇଁ ତୁମର ବତାଲା ଲେଖେନ୍ କଲାକେ କାବା ହେଇକରି ମୋତେ କୁଣ୍ଢେଇ ପକାଲା ଗୋ, ଆର୍ କହେଲା - ତୁଇ ଆମର୍ ଜୁହାର କେନ୍ତି ଜାନ୍‌ଲୁ ବୋ ଭାଇ ।"

ପୁଅର ସହପାଠୀ ଯେହେତୁ ସେସମୟରେ ଇର୍ସାଦ୍‌କୁବି ସେଇ ପାଞ୍ଚବର୍ଷ ଖଣ୍ଡେ ହୋଇଥିବ । ନିଜ ପରମ୍ପରା ଓ ଚାଲିଚଳଣୀକୁ କେହି ସମ୍ମାନ ଦେଖାଇଲେ ଛୋଟ ଛୁଆଟି ଭିତରେ ବି ଘଟୁଥିବା ପରିବର୍ତ୍ତନକୁ ଲକ୍ଷ୍ୟ କରନ୍ତୁ । କୁଣ୍ଢେଇ ପକାଇ ତାକୁ ଭାଇ ବୋଲି ସମ୍ବୋଧନ କରୁଛି । ଠିକ୍ ଏଇମିତି ପରସ୍ପରକୁ ଗଭୀର ଆଶ୍ଳେଷର ଯଥେଷ୍ଟ ଆବଶ୍ୟକତା ରହିଛି ଆମ ଦେଶରେ । ତେବେଯାଇ ଅନ୍ତ ଘଟିବ ପ୍ରତ୍ୟେକ ସମସ୍ୟାର । ମାତ୍ର ପାଞ୍ଚବର୍ଷ ବୟସର ଦୁଇଟି ଛୁଆ, ଇଶାନ୍ତ ଓ ଇର୍ସାଦ୍‌ଙ୍କ ଏଇ ପରସ୍ପର ପ୍ରତି ପ୍ରତିକ୍ରିୟା ବହୁତ କିଛି ଶିଖାଇବାକୁ ଚେଷ୍ଟା କରୁଛି ଆମକୁ । ଦେଶ ବିଭାଜନ କାଳରେ ଯେତେବେଳେ ମଣିଷ ତା'ର ମାନିବକତା ହରାଇ ପାଲଟି ଯାଇଥିଲା ପଶୁ, ସେଇ ସମୟରେ ବି କୋଉଠି ନା କୋଉଠି ବଞ୍ଚି ରହିଥିଲା ଭ୍ରାତୃଭାବ । କଳେ ବଳେ କୌଶଳେ ନିଜ ବନ୍ଧୁକୁ, ନିଜ ବନ୍ଧୁଙ୍କ ପରିବାରକୁ ବଞ୍ଚାଇବା ପାଇଁ ପ୍ରାଣବଳି ସୁଦ୍ଧା ଦେବାକୁ ପଛାଇ ନଥିଲା ମଣିଷ । ସେମାନେ ଗୋଟେ ଗୋଟେ ଆଲୋକ ବର୍ତ୍ତିକା ହୋଇ ରହିଯାଇଛନ୍ତି ଆଗାମୀ ବଂଶଧରଙ୍କ ପାଇଁ ।

ଦେଶ ବିଭାଜନକୁ ବିଭିନ୍ନ ଦୃଷ୍ଟିକୋଣରୁ ଦେଖିବାର ଉଦ୍ୟମରେ ଆତ୍ମଜୀବନୀ, ଜୀବନୀ, ଉପନ୍ୟାସ, ଗବେଷଣାତ୍ମକ ପ୍ରବନ୍ଧ ତଥା ଗଳ୍ପଗୁଡ଼ିକ ମୋତେ ଯଥେଷ୍ଟ ସାହାଯ୍ୟ କରିଛନ୍ତି । ଘଟଣା ଘଟିବାର ଦୀର୍ଘ ସତୁରୀ ବର୍ଷ ପରେ ବି ଲହୁ ଲୁହରେ ବତୁରି ଯାଇଛି ମୁଁ ।

\+ + + +

ବିଭାଜନକୁ ନେଇ ଗଳ୍ପ ରଚନା କରିଥିବା ଅଧିକାଂଶ ଗାଳ୍ପିକ ନିଜେ ବି ତ ଥିଲେ ଜଣେ ଜଣେ ଭୁକ୍ତଭୋଗୀ । ଘରଦ୍ୱାର, ବନ୍ଧୁପରିଜନଙ୍କୁ ପଛରେ ଛାଡ଼ି ନିଜ ଦେଶରେ ସାଜିଥିଲେ ଶରଣାର୍ଥୀ । ଆଖିଆଗରେ ଘଟି ଯାଇଥିବା ଦୁର୍ଘଟଣାଗୁଡ଼ିକୁ ସେମାନେ ରୂପ ଦେଇଛନ୍ତି ନିଜ କଲମ ମୁନରେ । ତେଣୁ ଅତୀତର ବିଷମ ପରିସ୍ଥିତିକୁ ଛାତି ଭିତରେ ଅନୁଭବ କରିବାକୁ ହେଲେ ଦେଶ ବିଭାଜନ ଉପରେ ଲିଖିତ ଏଇ ଗଳ୍ପ ଗୁଡ଼ିକୁ ପାଠକ ନିହାତି ପଢ଼ିବା ଦରକାର । କେବଳ ଗପକୁ ନେଇ ଏକ ସ୍ୱତନ୍ତ୍ର ସ୍ତମ୍ଭ ରଚନା କରିବାକୁ ଆଗ୍ରହ ପ୍ରକାଶ ପାଏ । ସେଇଠୁ 'ବିଭକ୍ତ ଭାରତ' ସ୍ତମ୍ଭର ପରିକଳ୍ପନା । ଘଟଣାଟି ସଂଘଟିତ ହେଲାବେଳେ ଢେର ଲୁହ ଝରିଥିବ ସେଇ ଭୁକ୍ତଭୋଗୀମାନଙ୍କ ଆଖିରୁ । ତାକୁ କଳ୍ପନାର କାନ୍‌ଭାସ୍ ଉପରେ ଆଙ୍କିଲା ବେଳେ ଗାଳ୍ପିକ ନିଶ୍ଚିତ ଗାଧୋଇ ଯାଇଥିବ ତା' ନିଜ ଆଖିରୁ ଝରୁଥିବା ଝରଝର ଝରଣାରେ । ତାକୁ ପଢ଼ିଲା ବେଳେ ମୁଁ ବି ପ୍ରଚୁରମାତ୍ରାରେ ଲହୁଲୁହାଣ ହୋଇଛି । ମାସ ମାସ ଆକ୍ରାନ୍ତ କରି ରଖିଛି ମୋତେ ସେଇ ସବୁ ଗଳ୍ପରେ ବର୍ଣ୍ଣିତ ପରିସ୍ଥିତି । ଭୁକ୍ତଭୋଗୀ, ଗାଳ୍ପିକ ତଥା ପାଠକ, ଏଇ ତିନିଜଣଙ୍କ ଆଖିର ଲୁହକୁ ମିଶାଇ ମୁଁ ଲେଖିବାକୁ ଚେଷ୍ଟା କରିଛି କିଛି ଅନୁଗଳ୍ପ । ନିଜେ କଥକ ସାଜି ସେଇସବୁକୁ କହିବାକୁ ଚେଷ୍ଟା କରିଛି ମୋ ପାଠକମାନଙ୍କୁ । ସ୍ତମ୍ଭ ପାଇଁ ମୋତେ ମିଳିଥିବା ନିର୍ଦ୍ଦିଷ୍ଟ ପରିସୀମା ଭିତରେ ଗଳ୍ପଟିକୁ ରଖିବା ପାଇଁ ଆବଶ୍ୟକତା ଅନୁଯାୟୀ ତଥା ମୋ ଇଚ୍ଛା ମୁତାବକ କିଛି କାଟିଛି, କିଛି ଯୋଡ଼ିଛି । ତେଣୁ ଯଦି ଏଇ ଅନୁଗଳ୍ପ ଗୁଡ଼ିକ ଆପଣଙ୍କୁ ଭଲଲାଗେ ତେବେ ତା'ର ସମସ୍ତ ଶ୍ରେୟ ସେଇ ମୂଳ ଗାଳ୍ପିକମାନଙ୍କର । ସେଇ ମହାନ ବିଭୂତିମାନଙ୍କ ଉଦ୍ଦେଶ୍ୟରେ ତାଳି ବଜାଇବା ସହ ତାଙ୍କ ରଚିତ ମୂଳ ଗଳ୍ପଟିକୁ ପଢ଼ିବାକୁ ଯୋଡ଼ହସ୍ତରେ ଅନୁରୋଧ । ଆଉ ଦିଅଁ ଗଡୁ ଗଡୁ ମାଙ୍କଡ଼ କରି ପକାଇଥିଲେ ଦୀପକ୍ ମିଶ୍ର ଆପଣମାନଙ୍କ ପାଖରୁ ଗାଳି ଖାଇବାର ହକ୍‌ଦାର ।

# ଜଟଣୀରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଜନ ଶୁଣାଣି : ୩୩ ଟି ଅଭିଯୋଗର ତତ୍କାଳ ଫଇସଲା

ଭୁବନେଶ୍ୱର,୨୪/୦୫ (ନି.ପ୍ର): ଆଜି ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଜିଲ୍ଲାର ଜଟଣୀ ବ୍ଳକ ଗସ୍ତ କରି ପଞ୍ଚାୟତ ସମିତି ନିକଟସ୍ଥ ରାଜୀବଗାନ୍ଧୀ ସେବା କେନ୍ଦ୍ର ସମ୍ମିଳନୀ କକ୍ଷରେ ବ୍ଳକର ବିଭିନ୍ନ ଅଂଚଳରୁ ଆସିଥିବା ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଛନ୍ତି । ଏହି କାର୍ଯ୍ୟକ୍ରମରେ ୨୨୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ତନ୍ମଧ୍ୟରୁ ୨୧୫ ଟି ବ୍ୟକ୍ତିଗତ ସମସ୍ୟା ଓ ୬ଟି ସାମୁହିକ ସମସ୍ୟା ସଂପର୍କିତ ଥିଲା । ୩୩ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲାବେଳେ ଅବଶିଷ୍ଟ ଦରଖାସ୍ତଗୁଡିକ ସଂପର୍କରେ ତୁରନ୍ତ ଫଇସଲାକରି ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ବିବରଣୀ ପ୍ରଦାନ କରିବାକୁ ଜିଲ୍ଲାପାଳ ସଂପୃକ୍ତ ପଦାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗୃହୀତ ଅଭିଯୋଗ ଗୁଡିକ ମୁଖ୍ୟତଃ ବ୍ଳକ, ତହସିଲ, ଗ୍ରାମ୍ୟ ଉନ୍ନୟନ , ଶିକ୍ଷା ବିଭାଗ ଓ ପାନୀୟ ଜଳ ଯୋଗାଣ ସଂପର୍କିତ ଥିଲା । କେତେକ ଅଭିଯୋଗ ସାମାଜିକ ବନୀକରଣ, ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ, ସାମାଜିକ ସୁରକ୍ଷାରେ ଭତ୍ତା ପ୍ରଦାନ, ସ୍ୱାସ୍ଥ୍ୟ ସେବା ଆଦି ସଂକ୍ରାନ୍ତୀୟ ଥିଲା । ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଆର୍ଥିକ ସ୍ୱଚ୍ଛଳ ନଥିବା, ଅସହାୟ ତଥା ନିତାନ୍ତ ସହାୟତା ଆବଶ୍ୟକ କରୁଥିବା ୧୩ ଜଣ ହିତାଧିକାରୀଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ମୋଟ ୧ ଲକ୍ଷ ୩୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ମନୋଜ କୁମାର ପାଢୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ରୂପଶ୍ରୀରାଣୀ ଗୁମାନ ସିଂ, ପ୍ରକଳ୍ପ ନିର୍ଦ୍ଦେଶକ,ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥା,ଶ୍ରୀ ଦିଗନ୍ତ କୁମାର ରାଉତରାୟ, ଉପ ଜିଲ୍ଲାପାଳ, ଭୁବନେଶ୍ୱର ଦେବବ୍ରତ ସାହୁ, ଏସିପି-ଜୋନ୍-୩ ଶ୍ରୀ ରଜତ ରାୟ, ଜଟଣୀ ବ୍ଳକ ଅଧ୍ୟକ୍ଷ ଅନନ୍ତ ବେହେରା, ମଣ୍ଡଳ ଉନ୍ନୟନ ଅଧିକାରୀ , ଜଟଣୀ ସରୋଜ କୁମାର ରାଉତ, ତହସିଲଦାର, ତପନ କୁମାର ମହାପାତ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଳକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନ ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ । ଏହି ଅଭିଯୋଗ ଶୁଣାଣିରେ ବହୁ ଜନସମାଗମକୁ ଦୃଷ୍ଟିରେ ରଖି ଜଟଣୀ ପଂଚାୟତ ସମିତି ପକ୍ଷରୁ ବ୍ୟାପକ ସୁବିଧା କରଯାଇଥିଲା । କୋଭିଡ୍ କଟକଣା କୋହଳ ହେବା ପରେ ଏହା ଜିଲ୍ଲାରେ ଜିଲ୍ଲାପାଳଙ୍କ ୬ଷ୍ଠ ଜନଶୁଣାଣି ହୋଇଥିବାରୁ ଆଜି ଏଠାକୁ ବହୁ ସଂଖ୍ୟାରେ ଜନସାଧାରଣ ଅଭିଯୋଗ ନେଇ ଆସିଥିଲେ ।

# ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘର ୧୧ତମ ଦ୍ୱିବାର୍ଷିକ ଅଧିବେଶନ ଅନୁଷ୍ଠିତ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ଓଡ଼ିଶା ରାଜ୍ୟ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ସଂଘର ୧୧ତମ ଦ୍ୱିବାର୍ଷିକ ଅଧିବେଶନ ସଂଘର ସଭାପତି ଜିତେନ୍ଦ୍ର କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରି ସ୍ୱାସ୍ଥ୍ୟକର୍ମୀ ସଂଘର ମୁଖ୍ୟ ଦାବି, ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ କ୍ୟାଡ଼ର ପୁର୍ନଗଠନ, ପୋଷାକ ଓ ଭତା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ । ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବେ ମହିଳା ଶିଶୁ ବିକାଶ ବିଭାଗର ଉପଦେଷ୍ଟା ଶ୍ରମତୀ ସୁଲତା ଦେଓ ଯୋଗଦେଇ ସ୍ୱାସ୍ଥ୍ୟକର୍ମୀମାନଙ୍କ ନିଷ୍ଠାପର ସେବାକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଦୂରଦର୍ଶୀ ପତ୍ରିକାର ସମ୍ପାଦକ ଶ୍ରୀ ଦୁର୍ଗା ସାମନ୍ତରାୟ ଓ ଓଡ଼ିଶା ଅମଲା ସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ ତ୍ରିପାଠୀ ଯୋଗ ଦେଇ ସ୍ୱାସ୍ଥ୍ୟକର୍ମୀମାନଙ୍କ ସେବା ପ୍ରଦାନକୁ ପ୍ରଶଂସା କରିବା ସହ ସେମାନଙ୍କ ନ୍ୟାର୍ଯ୍ୟ ଦାବି ପ୍ରତି ସରକାର ଦୃଷ୍ଟିଦେବା ଉଚିତ୍ ବୋଲି ମତପ୍ରକାଶ କରିଥିଲେ । ଏହି ଅଧିବେଶନରେ ରାଜ୍ୟ ମହିଳା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀର ସାଧାରଣ ସମ୍ପାଦିକା ମମତା ନାୟକ ଉପସ୍ଥିତ ଥିଲେ । ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ଚୟନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀର ରାଜ୍ୟ କାର୍ଯ୍ୟନିର୍ବାହୀ ପରିଷଦର ସଭାପତି ଭାବେ ଜିତେନ୍ଦ୍ର ମହାପାତ୍ର, ଅଧ୍ୟକ୍ଷ ଭାବେ ସନ୍ତୋଷ କୁମାର ମହାରଣା ଓ ସାଧାରଣ ସମ୍ପାଦକ ଭାବେ ରବୀନ୍ଦ୍ର ନାଥ ପ୍ରଧାନ, କାର୍ଯ୍ୟାଳୟ ସମ୍ପାଦକ ଭାବେ ପ୍ରଶାନ୍ତ ସାମନ୍ତରା, ଅର୍ଥ ସମ୍ପାଦକ ଭାବେ ସୁଶାନ୍ତ କୁମାର କୁଣ୍ଡୁ ଓ ଅନ୍ୟ କର୍ମକର୍ତ୍ତାମାନେ ନିର୍ବାଚିତ ହୋଇଥିଲେ । ଶେଷରେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ପ୍ରଭାତ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜ୍ୟସ୍ତରୀୟ ଆଦିମ ଜନଜାତି ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ୨ ଦିନିଆ ରାଜ୍ୟସ୍ତରୀୟ ଆଦିମ ଜନଜାତି ନୃତ୍ୟ ମହୋତ୍ସବ ରବିନ୍ଦ୍ର ମଣ୍ଡପଠାରେ ଉଦଘାଟତିତ ହୋଇଯାଇଛି । ଏହି ଆଦିମ ଜନଜାତି ନୃତ୍ୟ ମହୋତ୍ସବକୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଞ୍ଜନା ଚୋପ୍ରା ଉଦ୍‌ଘାଟନ କରିଥିଲେ । ଶ୍ରୀମତୀ ଚୋପ୍ରା ତାଙ୍କ ଅଭିଭାଷଣରେ କହିଥିଲେ ଯେ ଆଜି ଆମ ପାଇଁ ଏକ ଐତିହାସିକ ଦିନ । ଆଦିମ ଜନଜାତିଙ୍କୁ ନେଇ ଏକ ଅଲଗା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଆଗାମୀ ବର୍ଷଠାରୁ ଆମେ ଜାତୀୟସ୍ତରୀୟ ଆଦିମ ଜନଜାତି ନୃତ୍ୟ ମହୋତ୍ସବର ଆୟୋଜନ କରିବାକୁ ପ୍ରୟାସ କରିବୁ । ଆଦିମ ଜନଜାତିଙ୍କ ସଂସ୍କୃତିର ସଂରକ୍ଷଣ ଓ ମୌଳିକତା ବଜାୟ ରହିଛି । ସେମାନଙ୍କର ନୃତ୍ୟ ଓ ସଂଗୀତ ପରିବେଶ ସହିତ ଜଡ଼ିତ । ଆଦିମ ଜନଜାତିଙ୍କ ସଂସ୍କୃତିର ସଂରକ୍ଷଣ କରିବା ଆମର ପ୍ରମୁଖ ଲକ୍ଷ୍ୟ ।

ଏହି ଅବସରରେ ସ୍ୱାଗତ ଭାଷଣ ଦେଇ ଏସ୍‌ସିଏସ୍‌ଟିଆରଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ଆଦିମ ଜନଜାତି ନୃତ୍ୟ ମହୋତ୍ସବର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଏଭଳି ଆଦିମ ଜନଜାତି ନୃତ୍ୟ ମହୋତ୍ସବ ପ୍ରଥମ ଥର ପାଇଁ ଆୟୋଜିତ ହେଉଛି । ଜନଜାତିଙ୍କ ବିବିଧତାକୁ ଆଦିମ ଜନଜାତିଙ୍କ ନୃତ୍ୟ ସଂଦର୍ଶନ କରି ଆମେ ଉପଲବ୍ଧି କରିପାରିବା । ସମ୍ମାନିତ ଅତିଥି ଭାବେ ଓଡ଼ିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନୟନ ପ୍ରକଳ୍ପର ନିର୍ଦ୍ଦେଶକ ପି. ଅର୍ଥନାରୀ ଯୋଗଦେଇ କହିଥିଲେ ଯେ ଆଦିମ ଜନଜାତିଙ୍କ ଅନନ୍ୟ ନୃତ୍ୟଶୈଳୀ ଯେପରି ସମସ୍ତଙ୍କ ପାଖରେ ପହଞ୍ଚିପାରିବ ଆମେ ସେଥିପାଇଁ ପ୍ରୟାସ ଜାରି ରଖିଛୁ । ବିଭାଗୀୟ ନିର୍ଦ୍ଦେଶିକା ଶ୍ରୀମତୀ ଗୁହା ପୁନମ ତାପସ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଆଦିମ ଜନଜାତି ନୃତ୍ୟ ମହୋତ୍ସବରେ ପ୍ରତିଦିନ ୮ ଗୋଟି ନୃତ୍ୟ ପରିବେଷିତ ହେବ । ଆଜି ବଣ୍ଡା ଜନଜାତିଙ୍କ ଚଇତି ନୃତ୍ୟ, କୁଟିଆ କନ୍ଧଙ୍କ ଡାପ ନୃତ୍ୟ, ଡଙ୍ଗରିଆ କନ୍ଧଙ୍କ ବେଜୁନି ନୃତ୍ୟ, ଲାଞ୍ଜିଆ ସଉରାଙ୍କ କାନ୍ଦୁଲ ନୂଆ ନୃତ୍ୟ, ଚୁକୁଟିଆ ଭୁଞ୍ଜିଆଙ୍କ ନୂଆଖାଇ ନୃତ୍ୟ, ମାଙ୍କିରିଡ଼ିଆ ଜନଜାତିଙ୍କ ମାଘ ପରବ ନୃତ୍ୟ, ପାଉଡ଼ି ଭୂୟାଁଙ୍କ ବିହା ନୃତ୍ୟ, ଦିଦାୟୀ ଜନଜାତିଙ୍କ ଡେମ୍‌ସା ନୃତ୍ୟ ପରିବେଷିତ ହୋଇଥିଲା ।

ଆସନ୍ତାକାଲି ଲାଞ୍ଜିଆ ସଉରାଙ୍କ ବେଣ୍ଟ ନୃତ୍ୟ, ଲୋଧା ଜନଜାତିଙ୍କ ଝୁମର ନୃତ୍ୟ, ଡଙ୍ଗରିଆ କନ୍ଧଙ୍କ ଧାଙ୍ଗଡ଼ା-ଧାଙ୍ଗଡ଼ା ନୃତ୍ୟ, ଜୁଆଙ୍ଗମାନଙ୍କ ଚାଙ୍ଗୁ ନୃତ୍ୟ, ପାଉଡ଼ି ଭୂୟାଁଙ୍କ ବିସ୍ରି ନୃତ୍ୟ, କୁଟିଆ କନ୍ଧଙ୍କ ଧାଙ୍ଗଡ଼ା-ଧାଙ୍ଗଡ଼ୀ ନୃତ୍ୟ, ସଉରା ଜନଜାତିଙ୍କ ଚଇତି ନୃତ୍ୟ ପରିବେଷିତ ହେବାର କାର୍ଯ୍ୟକ୍ରମ ରହିଛି ।

ପ୍ରକାଶ ଥାଉ କି ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଜନଜାତିଙ୍କ ମଧ୍ୟରେ ୧୩ ପ୍ରକାର ଆଦିମ ଜନଜାତି ବାସବାସ କରନ୍ତି । ସେମାନେ ହେଲେ ବଣ୍ଡା, ଦିଦାୟୀ, ଡଙ୍ଗରିଆ କନ୍ଧ, ଲାଞ୍ଜିଆ ସଉରା, ସଉରା, କୁଟିଆ କନ୍ଧ, ପାଉଡ଼ି ଭୂୟାଁ, ଚୁକୁଟିଆ ଭୁଞ୍ଜିଆ, ଜୁଆଙ୍ଗ, ପାହାଡ଼ି ଖଡ଼ିଆ, ମାଙ୍କିଡ଼ିଆ, ଲୋଧା ଓ ବିରହୋର । ସାରା ଭାରତରେ ଓଡ଼ିଶା ହିଁ ସଖ୍ୟାଧିକ ଆଦିମ ଜନଜାତିଙ୍କ ବାସସ୍ଥଳୀ । ଏମାନେ ଅନ୍ୟାନ୍ୟ ଜନଜାତିଙ୍କଠାରୁ ତୁଳନାତ୍ମକ ଭାବରେ ପଛୁଆ, ସାମାଜିକ ଓ ଆର୍ଥିକ ଦିଗରୁ ଅନଗ୍ରସର । ନିଜସ୍ୱ ପରିମଣ୍ଡଳ ମଧ୍ୟରେ ରହି ପ୍ରାଚୀନ ଜ୍ଞାନକୌଶଳକୁ ଅଦ୍ୟାବଧି ଜୀବନଜୀବିକା ଭାବରେ ପ୍ରୟୋଗ କରିଥାନ୍ତି । ସରକାର ଆଦିମ ଜନଜାତିଙ୍କ ଶୈକ୍ଷିକ ତଥା ସଂସ୍କୃତି ଆଧାରିତ ଅର୍ଥନୈତିକ ବିକାଶ ଓ ସଚେତନତା ପାଇଁ ବହୁବିଧ ପଦକ୍ଷେପ ନେଉଛନ୍ତି ।

# ଭୁବନେଶ୍ୱର ଏମ୍‌ସରେ ମେଡିକାଲ୍ ଅଙ୍କୋଲୋଜି ବିଭାଗର ସ୍ୱତନ୍ତ୍ର ଡେ କେୟାର, ଓପିଡି ସେବା ଆରମ୍ଭ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ରାଜ୍ୟ ତଥା ରାଜ୍ୟ ବାହାରୁ କର୍କଟ ରୋଗୀଙ୍କ କେମୋଥେରାପି ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟରେ ଏମ୍ସ ଭୁବନେଶ୍ୱର ମେଡିକାଲ ଅଙ୍କୋଲୋଜି / ହେମାଟୋଲୋଜି ବିଭାଗର ମେଡିକାଲ ଅଙ୍କୋଲୋଜି ଡିଭିଜନ୍ ପକ୍ଷରୁ ଆଜି ଉତ୍ସର୍ଗୀକୃତ ଡେ କେୟାର୍ ଏବଂ ଓପିଡ଼ି ସେବା ଆରମ୍ଭ ହୋଇଛି । ଏମ୍ସ ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ମୁକେଶ ତ୍ରିପାଠୀ ହସ୍‌ପିଟାଲ୍ ର ଜି ବ୍ଲକରେ ଥିବା ଏହି ବ୍ୟବସ୍ଥାକୁ ଉଦ୍ଘାଟନ କରିଛନ୍ତି । ଏହି ଅବସରରେ ନିର୍ଦ୍ଦେଶକ ଡ. ତ୍ରିପାଠୀ କର୍କଟ ରୋଗୀଙ୍କୁ କେମୋଥେରାପି ସେବା ପ୍ରଦାନ କ୍ଷେତ୍ରରେ ଏମ୍‌ସର ପ୍ରତିବଦ୍ଧତାକୁ ଦୋହରାଇବା ସହିତ ଏଠାରେ ଅଧିକ ଉତ୍ସାହ ଏବଂ ଉତ୍ସର୍ଗୀକୃତ ସେବା ପ୍ରଦାନ ନେଇ ମତବ୍ୟକ୍ତ କରିଥିଲେ । ଏମ୍ସ ମେଡିକାଲ୍ ଅଙ୍କୋଲୋଜି ବିଭାଗର ଏହି ବ୍ୟବସ୍ଥା ନିଶ୍ଚିତ ଭାବରେ କେମୋଥେରାପି ଆବଶ୍ୟକ କରୁଥିବା କର୍କଟ ରୋଗୀଙ୍କୁ ସାହାଯ୍ୟ କରିବ ବୋଲି ଡାକ୍ତର ତ୍ରିପାଠୀ କହିଛନ୍ତି । ଏମ୍ସ ଭୁବନେଶ୍ୱର ମେଡିକାଲ୍ ଅଧୀକ୍ଷକ ଡ. ସଚ୍ଚିଦାନନ୍ଦ ମହାନ୍ତି ଏହି ଉତ୍ସବରେ ଯୋଗଦେଇ ନୂତନ ଭାବରେ ଏହି ବିଭାଗରେ ଯୋଗଦେଇଥିବା ଚିକିତ୍ସକମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ ଅଙ୍କୋଲୋଜି / ହେମାଟୋଲୋଜି ବିଭାଗ ମୁଖ୍ୟ ଡ. ପ୍ରବୋଧ ଦାସ, ଜେଏମଏସ ଡ. ଜେ ଏସ ପିଲାଇ, ଆସୋସିଏଟ ପ୍ରଫେସର ଡ. ସୌରଭ କୁମାର ମିଶ୍ର ଏବଂ ମେଡିକାଲ ଅଙ୍କୋଲୋଜି ବିଭାଗର ସହକାରୀ ପ୍ରଫେସର ଡ. ଇଲାଭାରାସି ଭାନିଡାସାନେ ମଧ୍ୟ ଉପସ୍ଥିତ ଥିଲେ । ଏମ୍‌ସରେ ପୂର୍ବରୁ ଏହି ମେଡିକାଲ୍ ଅଙ୍କୋଲୋଜି ବିଭାଗ ହେମାଟୋଲୋଜି ବିଭାଗ ସହିତ ଏକକାଳୀନ ଓପିଡି ଏବଂ ଡେ କେୟାର ସେବା ପ୍ରଦାନ କରୁଥିଲା । ଏହି ବିଭାଗରେ ବହୁ ସଂଖ୍ୟକ ରୋଗୀ ପରାମର୍ଶ ଲୋଡୁଥିବାରୁ ଏନେଇ ସ୍ୱତନ୍ତ୍ର ସ୍ଥାନର ଆବଶ୍ୟକତା ଥିଲା । ଗତ ମାସରେ କେବଳ ମେଡିକାଲ୍ ଅଙ୍କୋଲୋଜି ପକ୍ଷରୁ ୧୦୫ କେମୋଥେରାପି ଦିବସ ସେବା ପ୍ରଦାନ କରାଯାଇଥିବାବେଳେ ୪୪୬ଟି ଓପିଡି ସେବା ପ୍ରଦାନ କରାଯାଇଥିଲା । ସେହିପରି ୧୬୦ଜଣ ନୂତନ ଓପିଡି ରୋଗୀ ପରାମର୍ଶ ନେଇଥିବା ଡ. ସୌରଭ ମିଶ୍ର ସୂଚନା ପ୍ରଦାନ କରିଛନ୍ତି । କଟକରେ ଥିବା ଆଚାର୍ଯ୍ୟ ହରିହର କର୍କଟ ସେବା କେନ୍ଦ୍ର ପରେ ରାଜ୍ୟରେ ଥିବା ସରକାରୀ କ୍ଷେତ୍ରରେ ଏମ୍‌ସରେ ରହିଛି ପ୍ରଥମ ଉତ୍ସର୍ଗୀକୃତ ମେଡିକାଲ୍ ଅଙ୍କୋଲୋଜି ୟୁନିଟ୍ । ଏହି ୟୁନିଟ୍ କର୍କଟ ରୋଗୀଙ୍କ କେମୋଥେରାପି ଆବଶ୍ୟକତାକୁ ପୂରଣ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାର ବିଶ୍ୱାସ ରଖିଛି । ଡ. ସୌରଭ କୁମାର ମିଶ୍ର ଏବଂ ଡ. ଇଲାଭାରାସୀ ଭାନିଡାସାନେ ନୂତନ ଭାବେ ଏହି ବିଭାଗରେ ଅଧ୍ୟାପକ/ଅଧ୍ୟାପିକା ଭାବେ ଯୋଗଦେଇ ଏମ୍‌ସ ଭୁବନେଶ୍ୱରରେ ମେଡିକାଲ ଅଙ୍କୋଲୋଜି ସେବା ଆରମ୍ଭ କରିଛନ୍ତି । ଭବିଷ୍ୟତରେ ମେଡିକାଲ୍ ଅଙ୍କୋଲୋଜିରେ ଡିଏମ୍ ପାଠ୍ୟକ୍ରମ ଆରମ୍ଭ କରିବାକୁ ଯୋଜନା ଥିବା ପ୍ରକାଶ । ବର୍ତ୍ତମାନ ପାଇଁ, ଏହି ବିଭାଗରୁ ସେବା ନେବାକୁ ଆସୁଥିବା କର୍କଟ ରୋଗୀମାନେ ସିଧାସଳଖ ଜି ବ୍ଲକ୍ ରେ ପଞ୍ଜୀକରଣ କରିପାରିବେ ।

## ବରିଷ୍ଠ କମ୍ୟୁନିଷ୍ଟ ନେତା ଶିବାଜୀ ପଟ୍ଟନାୟକଙ୍କ ବିୟୋଗରେ ସମାଜବାଦୀ ପାର୍ଟିର ଶୋକ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ବରିଷ୍ଠ କମ୍ୟୁନିଷ୍ଟ ନେତା, ଭୁବନେଶ୍ୱରର ପୂର୍ବତନ ସାଂସଦ ଓ ସି.ପି.ଏମ୍.ର ପୂର୍ବତନ ରାଜ୍ୟ ସମ୍ପାଦକ ସ୍ୱର୍ଗତ ଶିବାଜୀ ପଟ୍ଟନାୟକଙ୍କ ବିୟୋଗରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ, ଓଡ଼ିଶାର ଚାଷୀ, ମୂଲିଆ, ଖଟିଖିଆ, ମେହେନତୀ ଜନସାଧାରଣ ତାଙ୍କର ଜଣେ ଲଢୁଆ ସଂଗ୍ରାମୀ ନେତାଙ୍କୁ ହରାଇଲେ । ରାଜ୍ୟର ସମାଜବାଦୀ ଆନ୍ଦୋଳନ ପ୍ରତି ଶିବାଜୀ ବାବୁଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି । ଶୋକସନ୍ତପ୍ତ ପରିବାର ପ୍ରତି ଶ୍ରୀ ବେହେରା ସମବେଦନା ଜ୍ଞାପନ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

# ରାଜସ୍ୱ ବିଭାଗର ୨୦୪ ଗ୍ରାମରେ ହେବ ହାଇ-ଟେକ ସର୍ଭେ

ଭୁବନେଶ୍ୱର,୨୩ ମଇ - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ କଳାହାଣ୍ଡି ଗସ୍ତ ସମୟରେ ଓ ବିଭିନ୍ନ ଜିଲ୍ଲା ସମୀକ୍ଷା ବୈଠକ ସମୟରେ ଜଗତସିଂହପୁର, ଯାଜପୁର ଓ କେନ୍ଦ୍ରାପଡା ଜିଲ୍ଲାର ଜିଲ୍ଲାପାଳମାନେ ୧୯୨୯-୩୦ ମସିହା ସମୟରେ ସର୍ଭେ ହୋଇଥିବା ୨୦୪ ଗ୍ରାମ ବିଷୟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହି ଗ୍ରାମରେ ଜମିବାଡ଼ି ରେକର୍ଡର ବହୁ ପୁରୁଣା ସର୍ଭେ ଯୋଗୁ ଜନସାଧାରଣ ଜମି କିଣାବିକା, ଜାତିଗତ ପ୍ରମାଣପତ୍ର ଇତ୍ୟାଦି ସେବା ପାଇବାରେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ରାଜସ୍ୱ ବିଭାଗ ଏହି ସମସ୍ୟାର ସମାଧାନ ପାଇଁ ୨୦୪ ଗ୍ରାମରେ ହାଇ-ଟେକ ସର୍ଭେ କରିବାକୁ ନିଷ୍ପତି ନେଇଛନ୍ତି । ଏହା ଫଳରେ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ତହସିଲରେ ୧୩ ଗ୍ରାମ, ବିରିଡି ତହସିଲରେ ୧ ଗ୍ରାମ, ଯାଜପୁର ଜିଲ୍ଲା ଯାଜପୁର ତହସିଲରେ ୧୯ ଗ୍ରାମ, ବିଂଝାରପୁର ତହସିଲରେ ୩୮ ଗ୍ରାମ, ଦାନଗଦି ତହସିଲରେ ୨୦ ଗ୍ରାମ, ସୁକିନ୍ଦା ତହସିଲରେ ୯ ଗ୍ରାମ, ବ୍ୟାସନଗର ତହସିଲରେ ୧ ଗ୍ରାମ, ଦଶରଥପୁର ତହସିଲରେ ୫ ଗ୍ରାମ, କେନ୍ଦ୍ରାପଡା ଜିଲ୍ଲାରେ ରାଜନଗର ତହସିଲରେ ୨ ଗ୍ରାମ, କଳାହାଣ୍ଡି ଜିଲ୍ଲା କଳାହାଣ୍ଡି ତହସିଲରେ ୭ ଗ୍ରାମ, କେସିଙ୍ଗା ତହସିଲର ୩ ଗ୍ରାମ, କର୍ଲାମୁଣ୍ଡା ତହସିଲରେ ୧ ଗ୍ରାମ, ଥୁଆମୂଳ ରାମପୁର ତହସିଲରେ ୧୦ ଗ୍ରାମ, ଧର୍ମଗଡ ତହସିଲରେ ୧୨ ଗ୍ରାମ, ଗୋଲମୁଣ୍ଡା ତହସିଲରେ ୭ ଗ୍ରାମ, ଜୁନାଗଡ଼ ତହସିଲରେ ୧୮ ଗ୍ରାମ, କୋକସରା ତହସିଲରେ ୬ ଗ୍ରାମ, ଜୟପାଟଣା ତହସିଲର ୨୯ ଗ୍ରାମ ଓ କଳମପୁର ତହସିଲରେ ୩ ଗ୍ରାମରେ ହାଇ-ଟେକ ସର୍ଭେ ହେବ । ଏହା ଫଳରେ ଏହି ୨୦୪ ଗ୍ରାମରେ ସମସ୍ତ ଜାଗାର ଜିଓ-ରେଫରେନସିଙ୍ଗ ହୋଇପାରିବ । ଏହି ହାଇ-ଟେକ ସର୍ଭେ ପରେ ଲୋକମାନଙ୍କର ବହୁବିଧ ସମସ୍ୟା ଯଥା ଜମିବାଡ଼ି କିଣାବିକା ଓ ଜାତିଗତ ପ୍ରମାଣପତ୍ର ସମ୍ବନ୍ଧୀୟ ସମସ୍ତ ସମସ୍ୟା ଦୂରୀଭୂତ ହେବା ସହ ଉନ୍ନତ ଜ୍ଞାନକୌଶଳ ମାଧ୍ୟମରେ ପଟ୍ଟା ତିଆରି ହୋଇ ଲୋକଙ୍କୁ ମିଳିପାରିବ ।

# ଏସ୍‌ସିଟିଇଭିଟି - ଜେଏସ୍‌ଏଲ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ଷ୍ଟେନଲେସ୍ ଷ୍ଟିଲ୍ ଏବଂ ଏହାର ବିଭିନ୍ନ ପ୍ରୟୋଗ କ୍ଷେତ୍ରରେ ବୈଷୟିକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଓଡିଶାର ବୈଷୟିକ ଶିକ୍ଷା ଏବଂ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦ(ଏସ୍‌ସିଟିଇଭିଟି) ଆଜି ଜିନ୍ଦଲ ଷ୍ଟେନଲେସ୍ ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛନ୍ତି । ଏହି ଏମଓୟୁ ଅଧୀନରେ ଜୁନ୍ ୨୦୨୨ ରୁ ଓଡିଶାର ସମସ୍ତ ପଲିଟେକ୍‌ନିକ୍ ଶିକ୍ଷାନୁଷ୍ଠାନରେ ଷ୍ଟେନଲେସ୍ ଷ୍ଟିଲ୍ ପାଠ୍ୟକ୍ରମ ତାଲିମ ପ୍ରଦାନ କରାଯିବ । ଏସସିଟିଇଭିଟି ଉପାଧ୍ୟକ୍ଷ, ରେଘୁ ଜି ଏବଂ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସଏଲ) ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲଙ୍କ ମଧ୍ୟରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ ଜିନ୍ଦଲ ଷ୍ଟେନଲେସ୍ ସହିତ ଏହି ସହଯୋଗ ବୈଷୟିକ ଶିକ୍ଷା କ୍ଷେତ୍ର ପାଇଁ ଏକ ମାନଦଣ୍ଡ ହେବ ଏବଂ ଏହା ପଲିଟେକ୍‌ନିକ୍ ରେ ଶିଳ୍ପ ଅଭିମୁଖୀକରଣକୁ ବ୍ୟାପକ କରିବାରେ ସହାୟକ ହେବ । ରାଜ୍ୟ ସରକାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗକୁ ସର୍ବଦା ପ୍ରାଥମିକତା ଦେଉଛନ୍ତି ଏବଂ ଭିତିଭୂମି ତଥା ବୈଷୟିକ ତାଲିମ ନିମନ୍ତେ ଅଗ୍ରାଧିକାର ଭିତିରେ ପୁଞ୍ଜି ବିନିଯୋଗ କରୁଛନ୍ତି । ଡିପ୍ଲୋମା ପ୍ରଶିକ୍ଷାର୍ଥୀମାନେ ସ୍କିଲ ମାଧ୍ୟମରେ ଶ୍ରମିକ ଏବଂ ଇଞ୍ଜିନିୟରଙ୍କ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରୁଥିବାରୁ ସେମାନେ ଯେକୌଣସି ଶିଳ୍ପ ସଂସ୍ଥାର ମେରୁଦଣ୍ଡ ବୋଲି ସେ ପ୍ରକାଶ କରିଛନ୍ତି । ଷ୍ଟେନଲେସ ଷ୍ଟିଲ ଶିଳ୍ପ ବିଷୟରେ ଆଲୋକପାତ କରି ଜିନ୍ଦଲ ଷ୍ଟେନଲେସର ନିର୍ଦ୍ଦେଶକ ବିଜୟ ଶର୍ମା କହିଛନ୍ତି ଯେ ଘରୋଇ ଷ୍ଟେନଲେସ ଷ୍ଟିଲ ଶିଳ୍ପ ପାଇଁ ଏକ ଆତ୍ମନିର୍ଭରଶୀଳ ଇକୋସିଷ୍ଟମ ବିକାଶ ପାଇଁ ଆମେ ପ୍ରତିବଦ୍ଧ । ଏହି ଏମଓୟୁ ଆମ ଦେଶର ଭବିଷ୍ୟତର କର୍ମଜୀବୀଙ୍କୁ ଷ୍ଟେନଲେସ ଷ୍ଟିଲ ଏବଂ ଏହାର ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ଶିଖିବା ନିମନ୍ତେ ସୁଯୋଗ ପ୍ରଦାନ କରିବ । ଏଥି ନିମନ୍ତେ ରାଜ୍ୟ ସରକାରଙ୍କ ଉତ୍ପାଦନ ବିପ୍ଳବ ଆଣିବାର ପ୍ରତିବଦ୍ଧତା ନିଶ୍ଚିତ ପ୍ରଶଂସନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ଏମଓୟୁ ଅଧୀନରେ ଦୁଇଟି ମଡ୍ୟୁଲ ରହିବ - ବାଧ୍ୟତାମୂଳକ ଏବଂ ଚୟନମୂଳକ । ପ୍ରତ୍ୟେକ ବ୍ୟାଚ୍ ମେଟାଲର୍ଜି ଏବଂ ମେକାନିକାଲ ଇଞ୍ଜିନିୟରିଂ ପଞ୍ଚମ ସେମିଷ୍ଟାର ଛାତ୍ରଛାତ୍ରୀଙ୍କ ପାଇଁ ଜୁନ୍ ୨୦୨୨ରୁ ଷ୍ଟେନଲେସ୍ ଷ୍ଟିଲ୍ ଉପରେ ଏକ ଅତିରିକ୍ତ ବାଧ୍ୟତାମୂଳକ ମଡ୍ୟୁଲ୍ ଆରମ୍ଭ ହେବ । ଏଥିରେ କେବଳ ଷ୍ଟେନଲେସ୍ ଷ୍ଟିଲ୍ ଉପରେ ୧୦ ଟି ପାଠ୍ୟଦାନ ଅଧିବେଶନ ଅନ୍ତର୍ଭୁକ୍ତ ହେବ । ଜିନ୍ଦଲ ଷ୍ଟେନଲେସ୍ ମଧ୍ୟ ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ଶିଳ୍ପ ପରିଦର୍ଶନର ବ୍ୟବସ୍ଥା କରିବେ । ଏହା ସହିତ, କମ୍ପାନୀ ଏହି ଶିକ୍ଷାନୁଷ୍ଠାନଗୁଡ଼ିକର ପ୍ରଶିକ୍ଷକମାନଙ୍କ ପାଇଁ ପ୍ରଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିବ । ସରକାରୀ ପଲିଟେକ୍‌ନିକ ଯାଜପୁର ଏବଂ କେନ୍ଦ୍ରାପଡା ଓ ବୋଷ୍ କଟକର ଷଷ୍ଠ ସେମିଷ୍ଟାର ମେଟାଲର୍ଜି ଏବଂ ମେକାନିକାଲ ଇଞ୍ଜିନିୟରିଂ ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ଚୟନମୂଳକ ମଡ୍ୟୁଲରେ ୪୦ଟି ଅଧିବେଶନ ସହିତ ୩ଟି କ୍ରେଡିଟ ପାଠ୍ୟକ୍ରମ ରହିବ । ପ୍ରଶିକ୍ଷାର୍ଥୀମାନେ ସେମାନଙ୍କର ପଞ୍ଚମ ସେମିଷ୍ଟାର ପରେ ଚୟନମୂଳକ ପାଠ୍ୟକ୍ରମ ପାଇଁ ନାମ ଲେଖାଇ ପାରିବେ । ମନୋନୀତ ପ୍ରଶିକ୍ଷାର୍ଥୀମାନେ ଜିନ୍ଦଲ ଷ୍ଟେନଲେସ ଯାଜପୁର ପ୍ଲାଣ୍ଟରେ ୨୦ ଘଣ୍ଟା ଅବଧିର ଶିଳ୍ପ ତାଲିମ ନେବେ, ଯେଉଁଠାରେ ସେମାନେ ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟ କରିବେ । ପାଠ୍ୟକ୍ରମର ସଫଳ ସମାପ୍ତି ପରେ ସମସ୍ତ ପ୍ରଶିକ୍ଷାର୍ଥୀମାନେ ଜିନ୍ଦଲ ଷ୍ଟେନଲେସ୍ ଏବଂ ସେମାନଙ୍କ ସଂପୃକ୍ତ ଅନୁଷ୍ଠାନରୁ ମିଳିତ ଭାବେ ପ୍ରମାଣପତ୍ର ପାଇବେ ।

# ଆଧୁନିକୀକରଣ କାର୍ଯ୍ୟ ପାଇଁ ୨ ଟ୍ରେନ୍ ବାତିଲ୍

ଭୁବନେଶ୍ୱର,୨୪/୦୫ (ନି.ପ୍ର): ପୂର୍ବ ତଟ ରେଳପଥର ସମ୍ବଲପୁର ରେଳ ମଣ୍ଡଳ ମଧ୍ୟରେ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ୨ଟି ଟ୍ରେନ୍ ବାତିଲ କରିବାକୁ ନିଷ୍ପତି ହୋଇଛି । ୧୮୧୨୫/୧୮୧୨୬ ରାଉରକେଲା-ପୁରୀ-ରାଉରକେଲାଏକ୍ସପ୍ରେସ ଉଭୟ ପାର୍ଶ୍ୱରୁ ୨୪ ମଇ ଏବଂ ୨୬ ମଇ ଦିନ ବାତିଲ ରହିବ । ଏହାସହ ୦୮୨୬୩/୦୮୨୬୪ ଟିଟିଲାଗଡ-ବିଲାସପୁର-ଟିଟିଲାଗଡ ପାସେଞ୍ଜର ଉଭୟ ପାର୍ଶ୍ୱରୁ ୩ ଏବଂ ୪ ଜୁନ୍ ଦିନ ବାତିଲ ରହିବ । ସେହିପରି ୧୨୮୯୩/୧୨୮୯୪ ଭୁବନେଶ୍ୱର-ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟର ସିଟି ଏକ୍ସପ୍ରେସ ଉଭୟ ପାର୍ଶ୍ୱରୁ ୨୪ ଏବଂ ୨୬ ମଇ ଦିନ ଭୁବନେଶ୍ୱର ଏବଂ ରେଢ଼ାଖୋଲ ମଧ୍ୟରେ ଚଳାଚଳ କରିବ ଏବଂ ରେଢ଼ାଖୋଲ ଓ ବଲାଙ୍ଗୀର ମଧ୍ୟରେ ବାତିଲ ରହିବ । ୩ ଓ ୪ ଜୁନ୍ ଦିନ ଭୁବନେଶ୍ୱର ଏବଂ ସମ୍ବଲପୁର ମଧ୍ୟରେ ଚଳାଚଳ କରିବ ଏବଂ ସମ୍ବଲପୁର ଓ ବଲାଙ୍ଗୀର ମଧ୍ୟରେ ବାତିଲ ରହିବ । ୧୮୦୦୫/୧୮୦୦୬ ହାଓଡ଼ା-ଜଗଦଲପୁର-ହାଓଡ଼ା ସମଲେଶ୍ୱରୀ ଏକ୍ସପ୍ରେସ ୩ ଜୁନ୍ ଦିନ ହାଓଡ଼ା ଠାରୁ ଏବଂ ୦୪ଜୁନ୍ ଦିନ ଜଗଦଳପୁର ଠାରୁ ହାଓଡ଼ା ଓ ସମ୍ବଲପୁର ମଧ୍ୟରେ ଚଳାଚଳ କରିବ ଏବଂ ଉଭୟ ଦିଗରୁ ସମ୍ବଲପୁର ଏବଂ ଜଗଦଳପୁର ମଧ୍ୟରେ ବାତିଲ ରହିବ ।

# ଓଡ଼ିଶା ତଥା ଦେଶର ସ୍ୱାର୍ଥ ପାଇଁ କାମ କରିବି : ନିରଂଜନ ପଟ୍ଟନାୟକ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ଏଆଇସିସିର ନିଷ୍ପତି କ୍ରମେ ଶରତ ପଟ୍ଟନାୟକଙ୍କୁ ଓଡିଶା ପିସିସି ସଭାପତି ଭାବେ ନିଯୁକ୍ତି ମିଳିଛି । ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକଙ୍କ ଇସ୍ତଫା ପତ୍ରକୁ ଏଆଇସିସି ସ୍ୱୀକୃତି ଦେଇଛି । ସୋମବାର ସନ୍ଧ୍ୟାରେ ନିରଞ୍ଜନ ପଟ୍ଟନାୟକ ସାମ୍ବାଦିକ ସମ୍ମିଳନୀ ଜରିଆରେ ନିଜର ପ୍ରତିକ୍ରିୟା ଦେଇଛନ୍ତି କହିଛନ୍ତି ଯେ, ଗତ ୨ ବର୍ଷ ହେଲା ନିର୍ବାଚନ ପରଠାରୁ ମୁଁ ପିସିସି ସଭାପତି ପଦରୁ ଇସ୍ତଫା ଦେଇଥିଲି । ଦେହ ଅସୁସ୍ଥ ଥିବାରୁ ମୁଁ ସୋନିଆ ଗାନ୍ଧୀଙ୍କୁ ଭେଟି ମୋର ବ୍ୟକ୍ତିଗତ ସମସ୍ୟା କହିଥିଲି । ଯଥାଶୀଘ୍ର ମୋର ଇସ୍ତଫାକୁ ସ୍ୱୀକୃତି ଦିଆଯାଉ ବୋଲି ଅନୁରୋଧ କରିଥିଲି । ପଦରୁ ଯିବା ପରେ ମଧ୍ୟ ଓଡ଼ିଶାର ଜନସାଧାରଣ ତଥା ଦେଶର ସ୍ୱାର୍ଥ ପାଇଁ ମୁଁ କାମ କରିବି । ଓଡ଼ିଶାକୁ ଆଗେଇ ନେବା ପାଇଁ ମଧ୍ୟ କାମ କରିବି । କଂଗ୍ରେସ ଭାଇମାନଙ୍କୁ ଅନୁରୋଧ ସମସ୍ତେ ଏକାଠି ରୁହନ୍ତୁ । ଏକଜୁଟ ପାଇଁ କାମ କରନ୍ତୁ । ତାଙ୍କୁ ଓଡିଶା କଂଗ୍ରେସର ଦାୟିତ୍ୱ ଦେଇଥିବାରୁ ସେ କୃତଜ୍ଞତା ପ୍ରକଟ କରିବା ସହ ନୂତନ ପିସିସି ସଭାପତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହା ପୂର୍ବରୁ ନିରଂଜନ ସୋସିଆଲ ମିଡିଆରେ ପୋଷ୍ଟ କରି ଲେଖିଥିଲେ ଓଡ଼ିଶା କଂଗ୍ରେସର ଅଧ୍ୟକ୍ଷ ଭାବେ କଂଗ୍ରେସ ଦଳର ସେବା କରିବା ମୋ ପାଇଁ ଗର୍ବ ଓ ଗୌରବର ବିଷୟ ଅଟେ । କଂଗ୍ରେସ ଅଧ୍ୟକ୍ଷ ପରି ବଡ଼ ଦାୟୀତ୍ୱ ନେବା ପାଇଁ ଶ୍ରୀମତୀ ସୋନିଆ ଗାନ୍ଧି ମୋ ଉପରେ ବିଶ୍ୱାସ କରିଥିଲେ । ତେଣୁ ତାଙ୍କୁ ମୋର ଅଶେଷ ଅଶେଷ ଧନ୍ୟବାଦ । ମୁଁ କଂଗ୍ରେସ ଅଧ୍ୟକ୍ଷ ଥିବା ସମୟରେ ଆମ ପ୍ରିୟ ନେତା ରାହୁଲ ଗାନ୍ଧୀ ମୋତେ ଅକୁଣ୍ଠ ସମର୍ଥନ କରିଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞ । ତାଙ୍କର ବିନମ୍ର ସ୍ୱଭାବ ଏବଂ ଦେଶର ପ୍ରଗତି ନିମନ୍ତେ ନିରନ୍ତର ସଂଗ୍ରାମ ଦେଶବାସୀଙ୍କୁ ଭବିଷ୍ୟତରେ ଏକ ବିକଶିତ ଭାରତର ଆଶା ପ୍ରଦାନ କରେ । ଓଡ଼ିଶାର ଇଓଉଉ ଇନ୍-ଚାର୍ଜ, ଚେଲ୍ଲା କୁମାରଙ୍କ କଠିନ ପରିଶ୍ରମ ଏବଂ କଂଗ୍ରେସ ଦଳ ପ୍ରତି ଉତ୍ସର୍ଗୀକୃତ ମନୋଭାବକୁ ସଲାମ୍ କରୁଛି । କଂଗ୍ରେସ ଦଳକୁ ଆମ ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ପ୍ରଚାର ପ୍ରସାର କରିବାରେ ସେ ବହୁତ ସାହାଯ୍ୟ କରିଛନ୍ତି । ଭଅଁର ଜିତେନ୍ଦ୍ର ସିଂ ଏବଂ ଜଗଦୀଶ ଟାଇଟଲରଙ୍କୁ ମୋର ଆନ୍ତରିକ ଧନ୍ୟବାଦ ଜଣାଉଛି । ଓଡ଼ିଶାରେ କଂଗ୍ରେସ ଦଳକୁ ସଠିକ୍ ଭାବେ ପରିଚାଳନା ପାଇଁ ମାର୍ଗଦର୍ଶନ କରିଥିବାରୁ ସେମାନଙ୍କ ନିକଟରେ ମୁଁ ଚିର ଋଣୀ ରହିବି । ମୋର କାର୍ଯ୍ୟକାଳ ସମୟରେ ରୁଦ୍ରରାଜୁ, ମସ୍ତାନ ଭାଲି, ଅନିଲ ଚୌଧୁରୀ ଏବଂ ଆଦିତ୍ୟ ଶର୍ମାଙ୍କ ସାହାଯ୍ୟ ପାଇଁ ସେମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଉଛି । ମୁଁ ଜାଣି ଖୁସି ଯେ ଶରତ ପଟ୍ଟନାୟକ ଓଡ଼ିଶା କଂଗ୍ରେସର ନୂତନ ସଭାପତି ଭାବରେ ନିଯୁକ୍ତ ହୋଇଛନ୍ତି । ମୁଁ ନିଶ୍ଚିତ ଯେ ତାଙ୍କ ଦକ୍ଷ ନେତୃତ୍ୱରେ ଓଡ଼ିଶା କଂଗ୍ରେସ ବହୁ ସଫଳତା ହାସଲ କରିବ । ଶରତ ବାବୁଙ୍କୁ ମୋର ସମର୍ଥନ ଏବଂ ମାର୍ଗଦର୍ଶନ ସର୍ବଦା ରହିବ । ତାଙ୍କୁ ମୋର ଶୁଭେଚ୍ଛା ଓ ଶୁଭକାମନା ।

## ଅନ୍ୟର ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ଅଛି ଜୀବନର ସାର୍ଥକତା : ରାଜ୍ୟପାଳ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ଓଡ଼ିଶା ହେଉଛି ପ୍ରତିଭାଙ୍କ ଖଣି । ପ୍ରତିଭାର ପ୍ରକାଶ ଓ ବିକାଶ ପାଇଁ ଓଡ଼ିଶା ଏକ ଉର୍ବର ଭୂମି । ସମଗ୍ର ବିଶ୍ୱକୁ ମାର୍ଗଦର୍ଶନ ପାଇଁ ଓଡ଼ିଶାର ବିପୁଳ ସାମର୍ଥ୍ୟ ରହିଛି । ଏହାର ସଫଳ ଉପଯୋଗ ପୃଥିବୀ ପାଇଁ ମଙ୍ଗଳକର ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ଆଜି ରାଜଭବନରେ ଆୟୋଜିତ କିଛି ସଫଳ ବ୍ୟକ୍ତିବିଶେଷଙ୍କ ସହିତ ଆଲୋଚନା କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଲାଲ କହିଲେ ଯେ ନିଜ କର୍ତ୍ତବ୍ୟ ଓ ଦାୟିତ୍ୱକୁ ସଫଳତାର ସହ ନିର୍ବାହ କରିବା ହିଁ ଈଶ୍ୱର ଆରାଧନା । ନିଜର କର୍ମ ମାଧ୍ୟମରେ ଅନ୍ୟର କିଛି ଉପକାର କରିପାରିଲେ ଓ ଅନ୍ୟର ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ଅଛି ଜୀବନର ସାର୍ଥକତା । ଏହି କାର୍ଯ୍ୟକ୍ରମରେ ସମାଜସେବୀ ଅବିନାଶ ମିଶ୍ର ଓ ଚିନ୍ମୟ ଦାସ, ନୂଆ ବାସ୍ନା ଧାନର ଉଦ୍ଭାବକ କାଦମ୍ବିନୀ ବେହେରା, ଚିତ୍ରଶିଳ୍ପୀ ଶ୍ୱେତପଦ୍ମା ମିଶ୍ର, ଗୋସେବକ ପଣ୍ଡିତ ବିଷ୍ଣୁଚରଣ ପଣ୍ଡା, 'ଆସ ପଢ଼େଇବା'ର ଆବାହକ ପ୍ରତ୍ୟୟ ପ୍ରଶାନ୍ତ, ଓଡ଼ିଶାରେ ଗୋଷ୍ଠୀ ରେଡ଼ିଓର ପ୍ରସାରକ ଏନ୍.ଏ. ଶାହା ଆନସାରୀ, ସଂସ୍କୃତି ପ୍ରଚାରକ ଶ୍ୟାମ ପ୍ରକାଶ ସେନାପତି, ଖବରକାଗଜ ସଂଗ୍ରାହକ ଶଶାଙ୍କ ଶେଖର ଦାଶ, 'ପଥେ ପାଠଶାଳା'ର ପ୍ରତିଷ୍ଠାତା ବଳରାମ ସାହୁ ନିଜ ଜୀବନଯାତ୍ରା, ଅନୁଭବ ଓ ଉପଲବ୍ଧି ସଂପର୍କରେ କହିଥିଲେ । ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଅସଚେତନାରୁ ଜନସ୍ୱାସ୍ଥ୍ୟ ବିପନ୍ନ !...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ତେବେ ସେହି ତାରିଖ ପର୍ଯ୍ୟନ୍ତ ୨୫ ହଜାର ଯାଏଁ ବା ଏହାଠାରୁ ଉର୍ଦ୍ଧ୍ୱ ପାଳନ ହେଉଥିବା ଏକକ କୁକୁଡା ଫାର୍ମ ଗୁଡିକ ପାଇଁ ଉପରୋକ୍ତ ନିୟମ ଲାଗୁ ହେବ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଫିସ ଅର୍ଡର(୩୩୯୫/୪.୩.୨୦୨୨)ରୁ ସୂଚନା ମିଳୁଛି। ତେବେ ଏହାକୁ କେହି ଅନୁପାଳନ କରୁନଥିବା ବେଳେ ବିଭାଗୀୟ ସ୍ତରରେ ପ୍ରଦୂଷଣ ଆଇନ ଉଲଂଘନକାରୀଙ୍କ ବିରୋଧରେ ଆବଶ୍ୟକ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇଛିକି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ସାଂପ୍ରତିକ ସମୟରେ ଜନସଂଖ୍ୟା ବୃଦ୍ଧି କାରଣରୁ ବସତି ସ୍ଥାପନରେ ସ୍ଥାନାଭାବ ଓ ଜୀବନଯାତ୍ରା କ୍ରମେ ସଙ୍କୁଚିତ ହୋଇ ଚାଲିଛି। ଏଥି ସହ ଜଳବାୟୁ ପରିବର୍ତ୍ତନ ଜନୀତ ସମସ୍ୟାରେ ଜନସାଧାରଣ ଉବୁଟୁବୁ ହେଉଥିବା ବେଳେ ପ୍ରମୂଖ ସହର ଓ ଶିଳ୍ପାଞ୍ଚଳ ଗୁଡିକରେ ଜଳ ଓ ବାୟୁ ପ୍ରଦୂଷଣ ମଧ ଅଣାୟତ୍ତ ହେବାରେ ଲାଗିଛି। ଏପରି ସ୍ଥଳେ ପ୍ରତି ରାଜ୍ୟ ଓ ଆମ ଦେଶର କେନ୍ଦ୍ର ସରକାର କୁକୁଡା ଫାର୍ମରୁ ନିର୍ଗତ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ଆଇନକୁ କଡାକଡି କରାଇ ସର୍ବସାଧାରଣଙ୍କ ପାଇଁ ଉଭୟ ଜଳ ଓ ବାୟୁ ପରିମଳରେ କାର୍ଯ୍ୟତଃ ସ୍ୱଚ୍ଛତା ଅଣାଇବାକୁ ଆବଶ୍ୟକ ଗାଇଡ ଲାଇନକୁ କଡାକଡି କରାଇବାକୁ ଆହ୍ୱାନ ହେଉଛି।

ଶେଷରେ ଏତିକି କୁହାଯାଇପାରେ, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏହି ସମସ୍ୟାକୁ ଅନୁଧ୍ୟାନ କରି ଉଭୟ କୁକୁଡା ଫାର୍ମରେ କୁକୁଡା ପାଳନ ତଥା ଚିକେନ କାଉଣ୍ଟରରେ କୁକୁଡା ହନନ କେନ୍ଦ୍ରରେ ନିତିପ୍ରତିଦିନ ସୃଷ୍ଟି ହେଉଥିବା ବର୍ଜ୍ୟ ପରିଚାଳନା ପାଇଁ ଆବଶ୍ୟକ ଗାଇଡ ଲାଇନକୁ କଡାକଡି କରି ସର୍ବସାଧାରଣ ଜନସ୍ୱାସ୍ଥ୍ୟକୁ ଏକ୍ଷେତ୍ରରେ ପ୍ରଦୂଷଣମୁକ୍ତ ରଖିବା ସମେତ ସର୍ବସାଧାରଣଙ୍କୁ ପରିବେଶ ସଚେତନ କରାଇବାର ଆବଶ୍ୟକତା ରହିଛି। ନଚେତ୍ ଏହି କୁକୁଡା ପାଳନ, ହନନ କେନ୍ଦ୍ର ଅଯଥାରେ ଜାଣି ଜାଣି ବେପରୁଆପଣରୁ ଅନ୍ୟତମ ପ୍ରମୂଖ ପ୍ରଦୂଷଣ କେନ୍ଦ୍ର ଭାବେ ସର୍ବସାଧାରଣଙ୍କ ପାଇଁ ଉତ୍ପୀଡନର କାରଣ ସିଦ୍ଧ ହେବ ହିଁ ହେବ। ଯାହା ସାଧାରଣ ସ୍ୱାସ୍ଥ୍ୟ ଓ ଶ୍ୱାସରକ୍ଷା ପାଇଁ ପ୍ରତିକୂଳ ହୋଇ ଜୀବନ ନାଶକ ପାଲଟିବ ହିଁ ପାଲଟିବ।

ସା/ପୋ: ନାଟୁଣୀ, ଜିଲ୍ଲା:- ଖୋରଧା, ପିନ୍-୭୫୨୦୩୪(୬୩୭୦୪୯୫୯୪୪)

## ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଚଢାଉ

ଭଦ୍ରକ, ୨୪/୦୫ (ନି.ପ୍ର): ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଚଢାଉ କରାଯାଇ ୪୫ ଲିଟର ବିଅର, ୧୩ ଲିଟର ବିଦେଶୀ ମଦ ଏବଂ ୩୦ ଲିଟର ଦେଶୀ ମଦ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ମୋଟ ୦୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଧୂଷୁରୀ ଥାନା ଅଧିନ ହଂସପୁର ଗ୍ରାମର ରବୀନ୍ଦ୍ର ରାଉତ ଏବଂ ଧାମନଗର ଥାନା ଅନ୍ତର୍ଗତ ତାଳସିଠା ଗ୍ରାମର ହରିହର ମୁଣ୍ଡା ।

## ୩ କାଠ ମାଫିଆ କୋର୍ଟ ଚାଲାଣ, ୩ସାଇକେଲ ସହ କାଠ ଜବତ

ଖଇରା୨୩।୫ ରବିବାର ସକାଳେ ଗୁଆପାଳ-କୁପାରୀ ରାସ୍ତାରେ ସାଇକେଲରେ ଚୋରା କାଠ ନେଇ ଆସୁଥିବା ୩ ଚୋରା କାଠ ବ୍ୟବସାୟୀଙ୍କୁ କୁପାରୀ ବନ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ କଇଥଗଡିଆ ପଞ୍ଚାୟତ ଦାମୋଦରପୁର ଗ୍ରାମର ତରଣି ଜେନା, ହରିହର ଜେନା, ସନ୍ତୋଷ ଜେନା । ୫ଜଣ ବ୍ୟକ୍ତି ଚୋରାରେ ଶାଳକାଠ ନେଇ ଯାଉଥିବା ବେଳେ ଫରେଷ୍ଟର ଯୋଗେଶ୍ୱର ହାଉଡା ଖବର ପାଇ ସେମାନଙ୍କ ଉପରେ ଚଢାଉ କରିଥିଲେ । ୨ଜଣ ଖସି ପଳାଇବାକୁ ସକ୍ଷମ ହୋଇଥିବା ବେଳେ ଅନ୍ୟମାନଙ୍କୁ ବିଭାଗ କାବୁ କରିଥିଲେ । ସେମାନଙ୍କ ନିକଟରୁ ସାଇକେଲ ସହ ଶାଳ କାଠ ଜବତ କରିଛି ।

## ସୁବର୍ଣ୍ଣରେଖା ନଦୀରେ ନିଖୋଜ ଯୁବକଙ୍କ ଶବ ଉଦ୍ଧାର

ଜଳେଶ୍ୱର, ୨୪/୫ (ନି.ପ୍ର): ସୋମବାର ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ଗୋବରଘଟା ଗାଁର ମଣ୍ଟୁ ଓରଫ ହେମନ୍ତ ସିଂ(୪୫) ସୁବର୍ଣ୍ଣରେଖା ନଦୀକୁ ସପରିବାର ସ୍ନାନ କରିବାକୁ ଯାଇଥିଲେ । ପରିବାରର ଅନ୍ୟ ସଦସ୍ୟମାନେ ଘରକୁ ଫେରିଥିଲେ ହେଁ ହେମନ୍ତ ପରେ ଯିବେ କହି ଗ୍ରୀଷ୍ମ ପ୍ରବାହ ଯୋଗୁ ଅଧିକ ସମୟ ସ୍ନାନ କରିଥିଲେ। କିନ୍ତୁ ସଂଧ୍ୟାସୁଦ୍ଧା ହେମନ୍ତ ଘରକୁ ଫେରିନଥିବାରୁ ପରିବାର ଲୋକେ ଖୋଜାଖୋଜି କରି ବିଫଳ ହୋଇଥିଲେ। ଆଜି ସକାଳେ ଜଳେଶ୍ୱର ଦମକଳବାହିନୀ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ ଖୋଜିବା ଆରମ୍ଭ କରିବା ବେଳେ ହେମନ୍ତର ମୃତ ଶରୀର ନିକଟସ୍ଥ ଗୁରୁଦାସପୁର ସେତୁ ନିକଟରେ ଭାସୁଥିବା ଦେଖିବାକୁ ମିଳିଥିଲା । ଜଳେଶ୍ୱର ଓ ରାଇବଣିଆ ଥାନା ସେଠାରେ ପହଞ୍ଚି ଶବ ବ୍ୟବଚ୍ଛେର ବ୍ୟବସ୍ଥା କରିଥିଲେ ।

## ୫୫ ବର୍ଷୀୟା ମହିଳା ନିଶାମଣି ନିରୁଦ୍ଦିଷ୍ଟ



ବାସୁଦେବପୁର,୨୪/୦୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ପଦୁଆଁ ପଂଚାୟତ ର ଜଣେ ୫୫ ବର୍ଷୀୟା ମହିଳା ନିଶାମଣି ଦେ ଦୁଇ ମାସ ଧରି କୁଆଡେ ହଜିଯାଇଛନ୍ତି । ଏ ସମ୍ପର୍କରେ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି । ନିଶାମଣି ଙ୍କ ସ୍ୱାମୀ ବିନୋଦ ଦେ । ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ତାଙ୍କର ରଙ୍ଗ ଗୋରା । ପାରିବାରିକ କଳହରୁ ଏହି ମହିଳା ଘର ଛାଡ଼ି ରାଗି ପଳାଇଯାଇଛନ୍ତି । ଯଦି କୌଣସି ସହୃଦୟ ବ୍ୟକ୍ତି ଏହି ମହିଳାଙ୍କ ବିଷୟରେ ସନ୍ଧାନ ପାଆନ୍ତି ତେବେ ମୋବାଇଲ ନମ୍ବର ୯୫୮୩୮୨୩୭୫୭, ୯୩୬୧୯୪୬୫୪୫ ରେ ଯୋଗାଯୋଗ କରିବାକୁ ତାଙ୍କ ପରିବାର ବର୍ଗ ଅନୁରୋଧ କରିଛନ୍ତି ।

## ସହଦେବ ବେହେରାଙ୍କ ଦେହାନ୍ତରେ ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଧୀନତା ସଂଗ୍ରାମୀ ସହଦେବ ବେହେରାଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ନୟାଗଡ଼ର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ସହଦେବ ବେହେରାଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ଅଗାଢ଼ ଦେଶପ୍ରେମ ତଥା ତ୍ୟାଗ ସର୍ବଦା ସ୍ମରଣୀୟ ହୋଇ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ସମବେଦନା ଜଣାଉଛି ।

## ଓଡିଶା ଗୃହ ନୀତି କାର୍ଯ୍ୟକ୍ରମ ଅନୁଷ୍ଠିତ



ବାରିପଦା, ୨୪/୦୫ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାରିପଦା ପୌରପରିଷଦ ୧ନମ୍ବର ୱାର୍ଡ କାଉନସିଲର ସୁକେଶିନୀ ସେଠିଙ୍କ ଅଧ୍ୟକ୍ଷତାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ସହରାଂଚଳରେ ସମସ୍ତଙ୍କ ପାଇଁ ଓଡିଶା ଗୃହ ନୀତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନଗରପାଳ କୃଷ୍ଣଓନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ୨୫ ଜଣ ହିତାଧିକାରୀଙ୍କୁ ନୂତନ ପକ୍କାଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ଅନ୍ୟ ସମସ୍ତ ଗୃହହୀନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇ ପକ୍କାଘର କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ନଗରପାଳ ଜଣାଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ନଗରପାଳ ଦୁର୍ଗାମଣି ଆଚାର୍ଯ୍ୟ, ସଂଯୁକ୍ତା ଭୁଜବଳ, ଦ୍ରୌପଦୀ ସାହୁ, ଦୀପକ ମିଶ୍ର, ବସ୍ତି ଉନ୍ନୟନ ପରିଷଦ ସଦସ୍ୟ ସୁନିଲ କୁମାର ନାୟକ, ଭଗବତୀ, ମାମି, ମିତା, ପୌରପାଳିକା କର୍ମଚାରୀ ବିଶ୍ୱେଶର ବେହେରା ଓ ସମାଜସେବୀ ଅମର କୁମାର ସେଠି ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରେମରେ ପ୍ରତାରଣା : ଜୀବନ ହାରିଲା ନାବାଳିକା ପ୍ରେମିକା

ନୀଳଗିରି, ୨୪/୦୫ (ନି.ପ୍ର): ପ୍ରେମ ଏକ ପବିତ୍ର ବନ୍ଧନ । ପ୍ରେମ ବନ୍ଧନରେ ବାନ୍ଧି ହୋଇଥାନ୍ତି ଉଭୟ ପ୍ରେମିକ ପ୍ରେମିକା । ଉଭୟଙ୍କ ମଧ୍ୟରେ ଛିଡ଼ା ହୋଇଯାଏ ପ୍ରେମର ପାହାଡ଼ । ସେହି ପ୍ରେମରୂପକ ପାହାଡ଼ରେ ସୃଷ୍ଟି ହୋଇଥାଏ ଭୂକମ୍ପ । ପ୍ରତାରଣା କରିଚାଲେ ପ୍ରେମିକ । ଶେଷରେ ପ୍ରେମିକର ପ୍ରତାରଣା ନିଆଁରେ ପୋଡ଼ି ହୋଇଯାଏ ପ୍ରେମିକା । କରିଥାଏ ଆତ୍ମହତ୍ୟା । ପ୍ରେମ ସଂପର୍କରେ ଘଟେ ବିଚ୍ଛେଦ । ଏହିପରି ଏକ ଅଘଟଣ ନୀଳଗିରି ଅଂଚଳରେଦେଖିବାକୁ ମିଳିଛି । ନାବାଳିକା ପ୍ରେମିକା ଠାରୁସମସ୍ତ ଲୁଟ୍ କରିବା ପରେ ପ୍ରେମିକ ଆରମ୍ଭ କରିଦେଲା ପ୍ରତାରଣା । ଶେଷରେନାବାଳିକା ପ୍ରେମିକା ଘର ଓରାରେ ଓଢ଼ଣୀ ଲଗାଇ ଆତ୍ମହତା କରିଥିବା ବେଳେ ପ୍ରେମିକ ବିଷୟରେ ଏକ ହାତ ଲେଖା ଚିଠି ମଧ ଲେଖିଯାଇଛି । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରିଥାନା ଅଧୀନସ୍ଥ ହାଟସାହି ଜୁଣିଆ ଗ୍ରାମର ବାବୁ ଦେଉରୀର ନାବାଳିକା ଝିଅ ଦଶମ ଶ୍ରେଣୀ ପାସ କରି ଘରେ ରହି ଆସୁଥିଲା । ଇତିମଧ୍ୟରେ ନାବାଳିକା ଜଣକ ବରହମପୁର ଥାନା ଅଧିନସ୍ଥ ମାଟିଆଳି ନଟାପଡ଼ା ଗ୍ରାମର ବିନ ଓରଫ ଜୀବନ ବେହେରାକୁ ଭଲ ପାଇ ବସିଥିଲା । ପ୍ରେମିକ ପ୍ରେମିକା ଙ୍କ ମଧ୍ୟରେ ଗଢ଼ି ଉଠିଥିଲା ନିବିଡ଼ ସଂପର୍କ । ଏପରିକି ମୋବାଇଲରେ ଉଭୟ କଥାବାର୍ତ୍ତା ହେଉଥିବାର ପ୍ରେମିକାର ବଡ଼ ଭଉଣୀ ଜାଣିବା ପରେ ମୋବାଇଲ କୁ ଭାଙ୍ଗି ଦେଇଥିଲା । ଜୀବନ ନାବାଳିକା ପ୍ରେମିକା ଠାରୁ ଅନେକ ଟଙ୍କା, ସୁନା ଅଳଙ୍କାର ଲୁଟି ଚାଲିଥିଲା । ଶେଷରେ ଜୀବନ ବିବାହ କରିବାକୁ ମନା କରିବାରୁ ମଙ୍ଗଳବାର ଦିନ ନାବାଳିକା ଜଣକ ଘରେ କେହି ନ ଥିବା ବେଳେ ଘର ଓରାରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଛି । ପରିବାର ଲୋକେ କବାଟ ଭାଙ୍ଗି ଓରାରୁ ଝିଅକୁ ଓହ୍ଲାଇ ନୀଳଗିରି ମେଡିକାଲ ଆଣିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି । ନାବାଳିକା ଠାରୁ ଏକ ସୁଇସାଇଡ ଚିଠି ମିଳିଥିବା ବେଳେ ମୋତେ ଭଲ ପାଉଥିବା ଜୀବନକୁ ଉଚିତ ଦଣ୍ଡ ଦେବୁ । ମୋ ଇଜ୍ଜତ ସହିତ ସେ ଖେଳ ଖେଳିଛି । ତାକୁ ତୁ ଛାଡ଼ିବୁ ନାହିଁ । ଏ ନେଇ ମୃତକର ଭାଇ ମୁଧୂସଦନ ଦେଉରୀ ନୀଳଗିରି ଥାନାରେ ଅଭିଯୋଗ କରିଛି ।

## ସ୍ୱାମୀ ବିବେକାନନ୍ଦଙ୍କ ପାଇଁ ଭାରତ ସମଗ୍ର ପୃଥିବୀରେ ପାଇଛି ଏକ ସ୍ୱତନ୍ତ୍ର ପରିଚୟ : ଅମିତା ଦାସ



ଉଦଳା, ୨୪/୦୫ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ରାଜନିତି ବିଜ୍ଞାନ ବିଭାଗ ତରଫରୁ 'ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନରେ ଆଦର୍ଶ ସମାଜ' ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ରାଜନିତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପିକା ଅମିତା ଦାସ ଆଲୋଚନାଚକ୍ରରେ ଅଧକ୍ଷତା କରିବା ସହ ସ୍ୱାମୀ ବିବେକାନନ୍ଦଙ୍କ ପାଇଁ ଆମଦେଶ ଭାରତ ସମଗ୍ର ପୃଥିବୀରେ ଏକ ସ୍ୱତନ୍ତ୍ର ପରିଚୟ ପାଇଛି ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଶଶିଭୂଷଣ ପାଣିଗ୍ରାହୀ, ଇଂରାଜୀ ବିଭାଗର ଅଧ୍ୟାପକ ରବିନାରାୟଣ ମହାପାତ୍ର, ଇତିହାସ ବିଭାଗର ଅଧ୍ୟାପିକା ମଞ୍ଜୁଳା କଳିଆ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ବିବେକାନନ୍ଦଙ୍କ ଦର୍ଶନ ଆଜି ସମଗ୍ର ବିଶ୍ୱର ଜନମାନସକୁ କିଭଳି ପ୍ରଭାବିତ କରିଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଛାତ୍ରୀ ମାନଙ୍କ ମଧ୍ୟରେ ଇତିଶ୍ରୀ, ପିଙ୍କି, ମୀନାକ୍ଷୀ, ସରୋଜିନୀ, ମାଇନ ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବ୍ରଜରାଜନଗରରେ କେନ୍ଦ୍ରମନ୍ତ୍ରୀଙ୍କ ....

ଅନ୍ୟାନ୍ୟ ମୌଳିକ ସୁବିଧା ବିକଶିତ ହୋଇପାରିନାହିଁ। ସ୍ୱାସ୍ଥ୍ୟ ଭିତିଭୂମି ବିପର୍ଯ୍ୟସ୍ତ। ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନାହିଁ। ସ୍ଥାନୀୟ ଅଂଚଳର ଯୁବକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛି ବୋଲି ସେ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳିର ରମ୍ପେଲା, ଦଳଗାଁ, ଚାରପାଲି, ଅଡାପରା, ବାଗମୁଣ୍ଡା, ପଂଚଗାଁ, କନକ ତୋରା ସମେତ ବିଭିନ୍ନ ସ୍ଥାନରେ ପ୍ରଚାର ସହ ବେଲପାହାଡ ପୌରାଂଚଳ ଓ ବ୍ରଜରାଜନଗର ପୌରାଂଚଳରେ ରୋଡ ସୋ'ରେ ସାମିଲ ହୋଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଲଖନପୁର ଓ ବ୍ରଜରାଜନଗର ଅଂଚଳ ପ୍ରତି ମୋର ବିଶେଷ ଶ୍ରଦ୍ଧା ରହିଛି। ସ୍ଥାନୀୟ ଅଧିବାସୀ ଦୀର୍ଘ ବର୍ଷ ଧରି ବିଜେପିକୁ ଆଶୀର୍ବାଦ କରି ଆସିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଖଣି ସମୃଦ୍ଧ ଅଂଚଳ ବ୍ରଜରାଜନଗର ଓ ଲଖନପୁର ଅଧିବାସୀଙ୍କ ବିକାଶ ପାଇଁ ଜିଲ୍ଲା ଖଣିଜ ପାଣ୍ଠିର ବ୍ୟବସ୍ଥା କଲେ। ଝାରସୁଗୁଡାରେ ୫୩୧ କୋଟି ଟଙ୍କାର ଡିଏମଏଫ୍ ପାଣ୍ଠି ସଂଗ୍ରହ କରାଯାଇଥିବା ବେଳେ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା କାରଣରୁ ଏଠାରେ ବିନା ଟେଣ୍ଡରରେ କାମ ହେଉଛି। ପ୍ରଧାନମନ୍ତ୍ରୀ ଦିଲ୍ଲୀରୁ ପଠାଉଥିବା ଟଙ୍କାକୁ ଦଳୀୟ ଆଧାରରେ ବଂଟା ଯାଉଛି। ବିନା ହାତ ଗୁଞ୍ଜାରେ କାମ ହେଉନାହିଁ। ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ହିତାଧିକାରୀ ଉତମ ସ୍ୱାସ୍ଥ୍ୟ ପାଇବାରୁ ବଂଚିତ ହେଉଛନ୍ତି । ଏ ସବୁ ଆଜି ମୁଖ୍ୟ ପ୍ରସଙ୍ଗ ହୋଇଥିବା ବେଳେ ଚଳିତ ଉପନିର୍ବାଚନରେ ବ୍ରଜରାଜନଗରବାସୀ ଏହାର ଉଚିତ୍ ଜବାବ ଦେବେ। ଗଣତନ୍ତ୍ରରେ ହକ୍, ଅଧିକାର ଓ ନ୍ୟାୟର ଲଢ଼େଇ ପାଇଁ ନେତୃତ୍ୱ ଚୟନ ହୁଏ। ବ୍ରଜରାଜନଗର ଓଡ଼ିଶାରେ ମୋଦି ଶାସନ ଆସିବାର ମୂଳଦୁଆ ପକାଇବ। ବ୍ରଜରାଜନଗରବାସୀ ଆମ ଦଳର ନେତ୍ରୀଙ୍କୁ ପଦ୍ମ ଫୁଲରେ ଭୋଟ ଦେଇ ନିଶ୍ଚୟ ଜୟଯୁକ୍ତ କରିବେ ? ଓଡ଼ିଶାରେ ମୋଦି ପଠାଉଥିବା ଟଙ୍କାର ମୁଖର ସ୍ୱର ବିଜେପି ନେତ୍ରୀ ରାଧାରାଣୀ ପଣ୍ଡା ହେବେ ବୋଲି ଶ୍ରୀ ପ୍ରଧାନ ଦୃଢ ଆଶାବ୍ୟକ୍ତ କରିଛନ୍ତି । ଉଲ୍ଲେଖନୀୟ ଯେ, ବାଗମୁଣ୍ଡା ଠାରେ ଆୟୋଜିତ ବିଶାଳ ଜନସଭାରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡ଼ି ଜିଲ୍ଲା ସାଧାରଣ ସମ୍ପାଦକ ପିତାମ୍ବର ମିଶ୍ର, ତାଙ୍କ ଧର୍ମପତ୍ନୀ ଏବଂ ଅନେକ ସମର୍ଥକ ଦଳରେ ମିଶିଥିଲେ । ସେମାନଙ୍କୁ ଦଳରେ ସ୍ୱାଗତ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ କୃତିତ୍ୱ ଉଭୟକୁ ସ୍ୱୀକାର କରି ଦଳରେ ମିଶିଥିବାରୁ ଧନ୍ୟବାଦ ଜଣାଇଥିଲେ ।

### ଶ୍ରୀଲଙ୍କାକୁ ଭାରତ ଯୋଗାଇଲା....

ପରିବହନ ଖର୍ଚ୍ଚ ବଢ଼ୁଥିବା ବେଳେ ଆଗକୁ ଦୈନନ୍ଦିନ ସାମଗ୍ରୀର ମୁଲ୍ୟ ମଧ ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ଦେଶରେ ଅତ୍ୟାବଶ୍ୟକୀୟ ସାମଗୀର ଘୋର ଅଭାବ ରହିଥିବା ଯୋଗୁଁ ନାହିଁ ନଥିବା ଅସୁବିଧା ଦେଇ ଗତି କରୁଛନ୍ତି ଶ୍ରୀଲଙ୍କା ବାସି । ଏହାରି ଭିତେରେ ପେଟ୍ରୋଲ ଦରକୁ ନେଇ ଶ୍ରୀଲଙ୍କା ସରକାରଙ୍କ ଏକ ନିଷ୍ପତି ନାଗରୀକଙ୍କୁ ଶକ୍ତ ଝଟକା ଦେଇଛି । ତେବେ ଘଟଣାକୁ ନେଇ ଶ୍ରୀଲଙ୍କା ଶକ୍ତିମନ୍ତ୍ରୀ ଟୁଇଟ କରି କହିଛନ୍ତି, ବର୍ଦ୍ଧିତ ତେଲ ଦରରେ ସମସ୍ତ ପ୍ରକାର ଶୁଳ୍କକୁ ସାମିଲ କରାଯାଇଛି । ଏଥିରେ ସରକାର ଲାଭ ନେବାକୁ ହିସାବ କରି ନାହାନ୍ତି । ସେହିପରି ଶକ୍ତି ସଙ୍କଟକୁ ଦୂର କରିବା ପାଇଁ, ଘରୋଇ ସଂସ୍ଥା ଓ ଅନୁଷ୍ଠାନର କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ ପ୍ରୋତ୍ସାହିତ କରାଯିବ, ଯାହା ଦ୍ୱାରା ଇନ୍ଧନର କମ ବ୍ୟବହାର ହେବ ବୋଲି କହିଛନ୍ତି ଶକ୍ତି ମନ୍ତ୍ରୀ କାଂଚନା ୱିଜେସେକରା । ତେବେ ତେଲ ବୃଦ୍ଧି ହେବା ପରେ ଅଟୋରିକ୍ସା ଭଳି ସାଧାରଣା ପରିବହନ ଭଡା ମଧ ବୃଦ୍ଧି ପାଇଛି । କିଲୋମିଟର ପିଛା ଅଟୋରିକ୍ସା ଭଡା ୯୦ ଟଙ୍କା ରହିଥିବା ଜଣାପଡିଛି । ଆର୍ଥିକ ସଙ୍କଟକୁ ନେଇ ଦିନକୁ ଦିନ ବଢୁଥିବା ସମସ୍ୟା ନାଗରୀକଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି କରୁଛି । ତେବେ ସମସ୍ୟା ଗୁଡିକର ସମାଧାନ ପାଇଁ ସରକାର କ'ଣ ପଦକ୍ଷେପ ନେଉଛନ୍ତି ତା ଉପରେ ସଭିଙ୍କ ନଜର ରହିଛି ।

### ଚଳନ୍ତା ଟ୍ରକ୍ ଆଗରେ ଯୁବକଙ୍କୁ ....

ସାମାଜିକ ଗଣମାଧ୍ୟମରେ ସେୟାର ହୋଇଥିବା ଭିଡିଓରେ ଦେଖାଯାଉଛି ଯେ, ଜଣେ ଯୁବକଙ୍କ ବେକରେ ଜୋତାମାଳ ପିନ୍ଧାଯାଇଛି। ଦୁଇ ହାତକୁ ବାନ୍ଧି ଟ୍ରକ୍ ର ଇଞ୍ଜିନ ସମ୍ମୁଖରେ ଝୁଲାଇ ଦିଆଯାଇଛି। ଏଭଳି ଅବସ୍ଥାରେ ଟ୍ରକ୍ ଟି ଏକ ପୋଲ ଉପରେ ଗତି କରିବା ବେଳେ ଭିଡିଓ ସୁଟିଂ କରାଯାଇଛି। ଯେଉଁ ଟ୍ରକ୍ ରେ ଯୁବକଙ୍କୁ ବନ୍ଧା ଯାଇଛି, ଏହାର ଶେଷ ୪ଟି ନମ୍ବର ହେଉଛି ୦୧୯୨। ଏହି ଭିଡିଓ ପ୍ରସ୍ତୁତ କରିଥିବା ବ୍ୟକ୍ତି ଜଣକ କହୁଛନ୍ତି କି ପାରାଦୀପର ଭୂତମୁଣ୍ଡେଇ ବ୍ରିଜ ଉପର ଦେଇ ଟ୍ରକଟି ଯାଉଛି ଏବଂ ଲୋକଟି ମୋବାଇଲ ଚୋରି କରିଥିବାରୁ ତାକୁ ଏପରି ଦଣ୍ଡ ଦିଆଯାଇଛି।

## ଓଡିଶାରୁ ପଶ୍ଚିମବଂଗକୁ ଗଂଜେଇ ଚୋରା ଚାଲାଣ : କାର୍ ସହିତ ୨ ଅଟକ

ଜଳେଶ୍ୱର, ୨୪/୫ (ନି.ପ୍ର): ଗତ ସପ୍ତାହରେ ପଶ୍ଚିମବଂଗର ଦୁର୍ଗାପୁର ଥାନା ଅଂଚଳରୁ ପଶ୍ଚିମବଂଗ ପୁଲିସ୍ ଓ ଏସ୍‌ଟିଏଫ ଏକ ଓଡିଶା ନମ୍ବର ଥିବା ଟ୍ରକର ଗୁପ୍ତ କୋଠରୀରୁ ୪ କ୍ୟୁଣ୍ଟାଲ ଗଂଜେଇ ଜବତ୍ କରିବା ସହିତ ୬ଜଣଙ୍କୁ ଗିରଫ କରିଛି । ୬ଜଣ ଯାକ ଓଡିଶାର ଲୋକ ହୋଇଥିବା ବେଳେ ଜଳେଶ୍ୱରରୁ ୩ଜଣ ଥିଲେ । ଏହି ଘଟଣାର ୧ ସପ୍ତାହ ନ ପୁରୁଣୁ ଆଜି ୬୦ନଂ ଜାତୀୟ ରାଜପଥର ସୁବର୍ଣ୍ଣରେଖା ପୋଲ ନିକଟସ୍ଥ ପୁଲିସ୍‌ର ଏକ ନାକାପଏଣ୍ଟ ଠାରେ ଚୋରା ଗଂଜେଇ ରହିଛି ଏକ କାର୍ ଆସୁଥିବାର ସୂଚନା ଜଳେଶ୍ୱର ଏସ୍‌ଡିପିଓ ଅଂକିତା କୁମ୍ଭାରକୁ ପାଇଥିଲେ । ସେ ସଦଳବଳେ ଜଗି ରହିଥିବା ବେଳେ ଓଆର୍୦୨ବି-୦୭୨୨୨ କାର୍‌କୁ ଅଟକାଇ ଯାଞ୍ଚ କଲାବେଳେ ସେଥିରୁ ୭୩ ପ୍ୟାକେଟ୍ ଗଂଜେଇ ଜବତ୍ ହୋଇଛି । ଏହାର ଆନୁମାନିକ ଓଜନ ଦେଢ କ୍ୟୁଣ୍ଟାଲ ହେବ ବୋଲି କୁହାଯାଉଛି । କିନ୍ତୁ କୌଣସି ଅପରାଧଜନିତ ଘଟଣା ପୁଲିସ୍ ସାମ୍ବାଦିକଙ୍କ ଠାରେ ପ୍ରକାଶ କରୁନଥିବାରୁ ପ୍ରକୃତ ତଥ୍ୟ ମିଳିପାରିନାହିଁ । ସୂଚନାଯୋଗ୍ୟ ଜଳେଶ୍ୱର ଅଂଚଳର ବହୁବ୍ୟକ୍ତି ଏହି ଚୋରା କାରବାରରେ ସଂପୃକ୍ତ ରହିବା ସହିତ ଜାତୀୟ ରାଜପଥ ୬୦ର ଲକ୍ଷ୍ମଣନାଥ ଟୁଲ ପ୍ଲାଜା ନିକଟରେ ବହୁ ଅସାମାଜିକ ଯୁବକ ଏଥିରେ ସଂପୃକ୍ତ ଥିଲେ ବି ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ।

## ଛଅ ଟି ବାଲି ଖାଦାନରେ ୧୪୪ ଧାରା ଜାରି କଲା ଜିଲ୍ଲା ପ୍ରଶାସନ



ବସ୍ତା, ୨୪/୦୫ (ନି.ପ୍ର): ବେଆଇନ ବାଲି ଉତୋଳନ କରିବା ମହଙ୍ଗା ପଡିଲା ।ବେଆଇନ ବାଲି ଉତ୍ତୋଳନ କରିବା ଅଭିଯୋଗରେ ୬ ଟି ବାଲି ଖାଦାନରେ ଆଜି ୧୪୪ ଧାରା ଜାରି କରିଛି ଜିଲ୍ଲା ପ୍ରଶାସନ । ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ବସ୍ତା ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ଏବଂ ଜଳକା ନଦୀରେ ରହିଥିବା ବାଲି ସୈରାତରେ ସରକାରୀ ନିୟମକୁ ଖୋଲାଖୋଲି ଉଲଂଘନ କରି ଦିନ ରାତି ଜେସିବି ଲଗାଇ ବାଲି ଉତ୍ତୋଳନ କରାଯାଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଅଭିଯୋଗକୁ ଭିତ୍ତି କରି ଜିଲ୍ଲା ଉପଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବସ୍ତା ତହସିଲଦାର କାର୍ତ୍ତିକ କୁମାର ଦାସ ସିଂଲା ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା ସଦଳେ ବଳେ ପହଞ୍ଚି ସୁବର୍ଣ୍ଣରେଖା ନଦୀର ଆମ୍ବକୁଡୁଚି, ଦେଭୋଗ, କାଦରାୟାଁ, ଧୃତିପୁରା ଓ ବେଣାପୁରା ବାଲି ସୈରାତ ସମେତ ଜଳକା ନଦୀର ମେଳକ ବାଲି ସୈରାତରେ ନାଲି ପତାକ ପୁତି ବା ସହିତ ଉକ୍ତ ବାଲିଖାଦାନ ଗୁଡ଼ିକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯଇଛି ବୋଲି ଘୋଷଣା କରିଥିଲେ । ତେବେ ଚୁରାବ୍ୟପାରୀ ମାନଙ୍କମଧ୍ୟରେ ଭୟର ବାତାବରଣ ସଷ୍ଟି ହୋଇଛି !

## ଅବସରପ୍ରାପ୍ତ କର୍ମଚାରୀ ସଂଘ ଦ୍ୱାରା ବୈଜ୍ଞାନିକ ପ୍ରଫେସର ଗୋକୁଳାନନ୍ଦ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ସମାରୋହ



ଭଦ୍ରକ, ୨୪/୦୫ (ନି.ପ୍ର): ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଆନୁକୂଲ୍ୟରେ ତଥା ଶାନ୍ତିଲତା ମହାପାତ୍ର ଓ ଉଦୟନାଥ ମହାନ୍ତିଙ୍କ ପୃଷ୍ଠପୋଷକତାରେ ସଂଘର କୁଆଁସ ସ୍ଥିତ 'ନିତ୍ୟାନନ୍ଦ ଭବନ'ରେ ଅବସରପ୍ରାପ୍ତ କମିଶନର ଦିଗମ୍ବର ମହାନ୍ତିଙ୍କ ପୌରୋହିତ୍ୟରେ ଭଦ୍ରକ ମାଟିର ସନ୍ତାନ ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ଡଃ. ଗୋକୁଳାନନ୍ଦ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଅନୁଷ୍ଠିତ ହୋଇଥିଲା। ମଞ୍ଚାସୀନ ଥିଲେ କାର୍ଯ୍ୟକାରୀ ସଭାପତି ପଦ୍ମନାଭ ପାଢ଼ୀ, ସାଧାରଣ ସଂପାଦକ ରାଷ୍ଟ୍ରପତି ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ମଲ୍ଲିକ, ମୁଖ୍ୟବକ୍ତା ପ୍ରଫେସର କମଳାକାନ୍ତ ଜେନା ଓ ପୃଷ୍ଠପୋଷିକା ଶାନ୍ତିଲତା ମହାପାତ୍ର। ମଞ୍ଚ ଆହ୍ୱାନ ଓ ସଂଚାଳନା କରିଥିଲେ ସୁଶ୍ରୀ ମନୋରମା ରାୟ। ସଂଯୋଜିକା ପ୍ରଜ୍ଞା ପଟ୍ଟନାୟକ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ, ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଲକ୍ଷ୍ମଣ କୁମାର ମହାନ୍ତି, ସନ୍ତୋଷ କୁମାର ମହାପାତ୍ର, ବେଦପାଠ ପଣ୍ଡିତ ଦୈତ୍ୟାରି ଦୀକ୍ଷିତ, ଅଶୋକ ଦାସଙ୍କ ତତ୍ତ୍ୱବଧାନରେ ଗାନ୍ଧି ଓଡ଼ିଶା ବାଳାଶ୍ରମର ଅନ୍ତେବାସୀବୃନ୍ଦ ପ୍ରାରମ୍ଭିକ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ । ଅତିଥି ପରିଚୟ ପ୍ରଦାନ ଅଜିତ କୁମାର ନାୟକ, ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ କ୍ଷୀରୋଦ ଚନ୍ଦ୍ର ମିଶ୍ର, ବାଦଲ କିଶୋର ମହାପାତ୍ର, ଏହି ଅବସରରେ 'ଅବିସ୍ମରଣୀୟ ଗୋକୁଳାନନ୍ଦ' ପୁସ୍ତିକାର ଉନ୍ମୋଚନ ଅତିଥିମାନଙ୍କ ଦ୍ୱାରା ହୋଇଥିଲା। ସଂଯୋଜନା କରିଥିଲେ କୈଳାଶ ଚନ୍ଦ୍ର ପଣ୍ଡା, ଦୀପକ କୁମାର ମହାନ୍ତି ଓ ମୁକ୍ତିକାନ୍ତ ମହାପାତ୍ର, ସଂପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ ପ୍ରଜ୍ଞା ପଟ୍ଟନାୟକ। ବିଜ୍ଞାନରେ କୃତିତ୍ୱ ପାଇଁ ଜିଲ୍ଲାସ୍କୁଲର ଛାତ୍ରୀ ବର୍ଷାରାଣୀ ବେହେରାଙ୍କୁ ମାନପତ୍ର, ସାର୍ଟିଫିକେଟ୍, ମେମେଣ୍ଟୋ ଓ ଦୁଇ ହଜାର ଟଙ୍କାର ପୁରସ୍କାର ରାଶି ପୃଷ୍ଠପୋଷିକା ପ୍ରଦାନ କରିଥିଲେ। ମାନପତ୍ର ପାଠ କରିଥିଲେ କରୁଣାକର ଉପାଧ୍ୟାୟ। ପ୍ରଫେସର କମଳାକାନ୍ତ ଜେନା, ନାରାୟଣ ଚନ୍ଦ୍ର ଧଳ ଓ ଅଶୋକ କୁମାର ଶତପଥୀ ପ୍ରତ୍ୟେକଙ୍କୁ ମାନପତ୍ର, ସାର୍ଟିଫିକେଟ୍, ଉତ୍ତରୀୟ, ମେମେଣ୍ଟୋ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କର ମାନପତ୍ର ପାଠ କରିଥିଲେ ଯଥାକ୍ରମେ ଡ. ଗୋଲକ ବିହାରୀ ସାହୁ, ଡ. ଭାଗବତ ତ୍ରିପାଠୀ ଓ ହରମୋହନ କୁଅଁର। ବର୍ଷାରାଣୀ ବେହେରା ନିଜର ପ୍ରସ୍ତୁତ ଯେଉଁ ପ୍ରକଳ୍ପ ଜାତୀୟ ସ୍ତରରେ ପ୍ରଦର୍ଶନ କରିଥିଲେ ତାହା ଉପସ୍ଥାପନ କରିଥିଲେ। ଅନ୍ୟ ସମ୍ବର୍ଦ୍ଧିତ ପ୍ରତିଭା ସେମାନଙ୍କର ପ୍ରତ୍ୟୁତ୍ତର ବକ୍ତବ୍ୟ ପ୍ରଦାନ କରିଥିଲେ। ଉପସଭାପତି ଡ. ବ୍ରଜମୋହନ ମିଶ୍ର ତାଙ୍କର ବକ୍ତବ୍ୟ ମାଧ୍ୟମରେ ଗୋକୁଳାନନ୍ଦଙ୍କ ସାହିତ୍ୟ କୃତୀ ଅବଦାନ ସଂପର୍କୀୟ ସାରଗର୍ଭକ ତଥ୍ୟ ପ୍ରଦାନ କରିଥିଲେ।


**OFFICE OF THE BLOCK DEVELOPMENT OFFICER, SORO BLOCK, Dist.-Balasore**

E-mail: ori-soro@nic.in

**TENDER CALL NOTICE**

**Advt. No.**825/ Soro/ Bls. Of 2022-23. **Date.** 23/05/2022.

Sealed Tenders (Percentage Rates) in conformity with the DTCN are invited from the **"C" and "B"** Class Contractors registered with the State Govt./ Central Govt. for Execution of **01 no. Of Civil works of Rs. 31.59 lakhs per unit** for Construction of New Sub-Centre Building at **Sarasankha SC** under **Soro Block,** in the Dist. Of Balasore. The tender documents (DTCN & BOQ) can be obtained (Download) from district NIC website **(www.baleswar.nic.in)** from Dated: **25.05.2022 to 13.06.2022 till 5p.m.** The tenders will **Received up to Dated: 16.06.2022 till 5p.m.** and **Opened on 18.06.2022 at 11.30A.M.** and Address to Office of the BDO, Soro Panchyat Samiti, Soro Block. Dist. Balasore through **Registered post/ Speed Post/ Courier service** only. The incomplete Bid in any form is liable for rejection. The detail terms and conditions can be downloaded at NIC Website **(www. baleswar.nic.in)**

OIPR : 19090/11/0001/2223

**BDO, Soro Block**

ବାଲେଶ୍ୱର, ବୁଧବାର, ୨୫ ମଇ, ୨୦୨୨

ଧ୍ୱନି ପ୍ରତିଧ୍ୱନି



# ଏମ୍ସ ଭୁବନେଶ୍ୱରରେ 'ରେନସିକ୍ ମେଡିସିନ୍ ଡେ ପାଳିତ

ଭୁବନେଶ୍ୱର,୨୪/୦୫ (ନି.ପ୍ର): ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ତଥା ଅସମାହିତ ଜଟିଳ ମାମଲାର ସମାଧାନ କରିବା ସହିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ 'ରେନସିକ୍ ମେଡିସିନ୍ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ଏମ୍ସ ଭୁବନେଶ୍ୱର ମେଡିକାଲ୍ ଅଧୀକ୍ଷକ ଡକ୍ଟର ସଚ୍ଚିଦାନନ୍ଦ ମହାନ୍ତି ପ୍ରକାଶ କରିଛନ୍ତି। ଏମ୍ସର 'ରେନସିକ୍ ମେଡିସିନ୍ ଏବଂ ଟକ୍ସିକୋଲୋଜି ବିଭାଗ ଦ୍ୱାରା ""ରେନସିକ୍ ମେଡିସିନ୍ ଡେ" ପାଳନ କରିବା ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡ. ମହାନ୍ତି ଏପରି ମତବ୍ୟକ୍ତ କରିଥିଲେ। ଏଥିସହିତ ଏହି ବିଭାଗ ସହିତ ଜଡ଼ିତ ପୋଲିସ୍ ସର୍ଜନମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ତାଙ୍କ ଅଭିଜ୍ଞତା ବାଣ୍ଟିଥିଲେ। ଉଲ୍ଲେଖଯୋଗ୍ୟ ଯେ ଡ. ମହାନ୍ତି ଏହି ବିଭାଗରେ ଜଣେ ବିଶେଷଜ୍ଞ ହେବା ସହିତ ବେଶ ଅଭିଜ୍ଞତା ରଖନ୍ତି। 'ରେନସିକ୍ ମେଡିସିନ୍ ଏବଂ ଟକ୍ସିକୋଲୋଜି ବିଭାଗର ମୁଖ୍ୟ ଡକ୍ଟର ମନୋଜ କୁମାର ମହାନ୍ତି ପୋଷ୍ଟ ଗ୍ରାଜୁଏଟ୍ କୁଇଜ୍ ପ୍ରତିଯୋଗିତା, ପୋଷ୍ଟ ଗ୍ରାଜୁଏଟ୍ ସେମିନାର୍ ଉପସ୍ଥାପନା ଭଳି ଏକାଡେମିକ୍ କାର୍ଯ୍ୟକଳାପରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଡକ୍ଟର ଏମ କେ ମହାନ୍ତି ତାଲିମପ୍ରାପ୍ତ ଛାତ୍ରମାନଙ୍କୁ 'ରେନସିକ୍ ମେଡିସିନ୍ କ୍ଷେତ୍ରରେ ଆଗ୍ରହ ପାଇଁ ଅଭିନନ୍ଦନ ଜଣାଇବା ସହ ଯୁବ ପ୍ରତିଭାଧାରୀଙ୍କୁ ସଚ୍ଚୋଟତା, ସତ୍ୟ ଏବଂ ଅଖଣ୍ଡତା ଯାହା 'ରେନସିକ୍ କ୍ଷେତ୍ରର ପ୍ରାଥମିକତା ବୋଲି ମତପ୍ରକାଶ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ ସହିତ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। 'ରେନସିକ୍ ମେଡିସିନ୍ ଏବଂ ଟକ୍ସିକୋଲୋଜି ବିଭାଗର ଅତିରିକ୍ତ ପ୍ର'ସର ଡ. ସୁଦୀପ୍ତ ରଂଜନ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ୧୨ ମେ, ୧୯୭୨ ରେ, "ଇଣ୍ଡିଆନ୍ ଏକାଡେମୀ ଅ', 'ରେନସିକ୍ ମେଡିସିନ୍" ବିଷୟର ଏକ ସ୍ୱତନ୍ତ୍ର ପରିଚୟ ପ୍ରତିଷ୍ଠା ପାଇଁ ଏକ ଦର୍ଶନ ସହିତ ଏହି ଦିବସ ପାଳନ ଆରମ୍ଭ ହୋଇଥିଲା। ଆଇଏଏଫଏମ ହେଉଛି ଭାରତର ଏହି କ୍ଷେତ୍ରରେ ବିଶେଷଜ୍ଞମାନଙ୍କ ସର୍ବ ବୃହତ ସଂଗଠନ।

# କବି ଶ୍ରୀଦେବ ପାଇବେ 'କାହାଣୀ'ର ୧ମ କବିତା-ପୁରସ୍କାର

ବାଲେଶ୍ୱର, ୨୪/୦୫ (ନି.ପ୍ର): ଅଗ୍ରଣୀ ଓଡ଼ିଆ ସାହିତ୍ୟ ପତ୍ରିକା 'କାହାଣୀ' ବିଂଶବର୍ଷ ସାରସ୍ୱତ ସମାବେଶ ଅବସରରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଚଳିତ ମେ ମାସ ୨୬ ତାରିଖ ଗୁରୁବାର ସନ୍ଧ୍ୟାରେ ଆନ୍ଧ୍ରପ୍ରଦେଶର ମହାମାନ୍ୟ ରାଜ୍ୟପାଳ ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନଙ୍କ କରକମଳରୁ ବିଶିଷ୍ଟ କଥାକାର, ଶିଶୁସାହିତ୍ୟିକ, ସଂପାଦକ, ଚିତ୍ରକର ଯଥାକ୍ରମେ ଅଧାପକ ବିଶ୍ୱରଞ୍ଜନ, ଦାଶବେନହୁର, ଗୌରହରି ଦାସ, ରଜନୀକାନ୍ତ ମହାନ୍ତି, ପ୍ରଭାକର ସ୍ୱାଇଁ, ବଳଦେବ ମହାରଥା, କ୍ଷୀରୋଦ ଦାସ, ଇତି ସାମନ୍ତ ଓ ଅତୁଲ ବଳଙ୍କୁ ସମ୍ବର୍ଦ୍ଧନା ତଥା ପୁରସ୍କାର ପ୍ରଦାନ କରାଯାଉଥିବାବେଳେ ୨୦୨୨ ପ୍ରଥମ କାହାଣୀ-କବିତା-ପୁରସ୍କାର ବିଶିଷ୍ଟ କବି ଶ୍ରୀଦେବଙ୍କୁ ଦିଆଯିବାର ଘୋଷଣା କରାଯାଇଛି। ଚର୍ଚ୍ଚିତ ପତ୍ରିକା



'ଚନ୍ଦ୍ରଭାଗା'ର ପ୍ରତିଷ୍ଠାତା କବି ଶ୍ରୀଦେବ ଓଡ଼ିଆ କବିତାର ଭିନ୍ନକ୍ଷେତ୍ରରେ ନିଜର ଶୈଳୀ ସ୍ୱତନ୍ତ୍ରତାକୁ ନିରୂପଣ କରି ବିଭିନ୍ନ ଅନୁଷ୍ଠାନ ତରଫରୁ ଏକାଧିକ ପୁରସ୍କାର ପାଇ ସମ୍ବର୍ଦ୍ଧିତ ହେବା ସହ ସମ୍ଭ୍ରାନ୍ତଶୀଳ 'କାହାଣୀ' ପତ୍ରିକାରେ କବିତାରେ କାହାଣୀର ଉପସ୍ଥିତିକୁ ଅଦ୍ୟାବଧି ନିରବଚ୍ଛିନ୍ନ ଉପସ୍ଥାପନ କରିପାରିଛନ୍ତି। ୨୦୨୨ମସିହା ମଧ୍ୟରେ କବି ଶ୍ରୀଦେବ ଭୁବନେଶ୍ୱରରୁ ପ୍ରକାଶ ପାଉଥିବା ସ୍ୱନାମଧନ୍ୟ 'ପାହାଚ'ର ୨୦୨୨ କବିତା ସମ୍ମାନ, ଭଦ୍ରକର କବି ବାଞ୍ଛାନିଧି ପ୍ରଗତିଶୀଳ କବି ସମ୍ମାନ ଏବଂ ଏବର ୨୦୨୨ ପ୍ରଥମ କାହାଣୀ-କବିତା-ପୁରସ୍କାର ପାଇଁ ବାଲେଶ୍ୱରର ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରାଇବାରେ ସହାୟକ ହୋଇଛନ୍ତି। ଏହା ପୂର୍ବରୁ ସେ 'ବାର୍ତ୍ତାଉର୍ମି', 'ଧ୍ୱନିପ୍ରତିଧ୍ୱନି', କଲିକତାର 'ଦିନାନ୍ତରେ ଅନ୍ୱେଷଣ', ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ 'କୋରାପୁଟ ପରବ୍ କବିତା', ଯାଜପୁରର 'ଅଖିଳଚକ୍ର କବିତା ସମ୍ମାନ', ବାଲେଶ୍ୱରର 'ପ୍ରତିଭାଶ୍ରୀ କବି ଓ କବିତା ସମ୍ମାନ', ଫକୀରମୋହନ ସାହିତ୍ୟ ପରିଷଦର 'ପଞ୍ଚାନନ ଦାଶ ସ୍ମୃତି ସମ୍ମାନ', ଯାଜପୁର ଜିଲ୍ଲା 'କୋରେଇ ମଣ୍ଡଳ ସାରସ୍ୱତ ସମ୍ମାନ', ବରୀର 'ବଙ୍କିମ ମହାରଣା ୧ମ କବିତା ସ୍ମାରକୀ', ସୋରର 'ଗାଁ ମଜ୍‌ଲିସ୍ କବିତା ସମ୍ମାନ' ପ୍ରମୁଖ ବହୁ ପ୍ରତିଷ୍ଠିତ ଅନୁଷ୍ଠାନମାନଙ୍କ ଠାରୁ ନିଜର ପରିଚିତି ସୃଷ୍ଟି କରି ସମ୍ବର୍ଦ୍ଧିତ ଓ ପୁରସ୍କୃତ ହୋଇଛନ୍ତି।

# ବିଦ୍ୟୁତ ଗ୍ରାହକ ସମସ୍ୟା ସମାଧାନ ଦାବିରେ ସିପିଆଇର ବିକ୍ଷୋଭ

ବାଲେଶ୍ୱର,୨୪/୦୫ (ନି.ପ୍ର): ବିଦ୍ୟୁତ ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ ପରିବର୍ତ୍ତେ ବିଦ୍ୟୁତ ବିତରଣ ସଂସ୍ଥା 'ଟାଟା ପାୱାର ଉତ୍ତର ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ' (ଟିପିଏନଓଡିଏଲ)ର ଶୋଷଣ ନୀତିକୁ ବିରୋଧ କରି ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ନେତୃତ୍ୱରେ ଏକ ବିକ୍ଷୋଭ ସମାବେଶ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ରେଳ ଷ୍ଟେସନରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା ସହ ଜିଲାପାଳଙ୍କ ଫାଟକ ନିକଟରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ବର୍ଷୀୟାନ୍ ବାମପନ୍ଥୀ ନେତା କୈଳାସ ଚନ୍ଦ୍ର ପଣ୍ଡା ଅଧକ୍ଷତା କରିଥିଲେ। ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ଜିଲା ସମ୍ପାଦକ ନିରଞ୍ଜନ ବାରିକଙ୍କ ସମେତ ମାୟାଧର ନାୟକ, ପୁରୁଷୋତ୍ତମ ସେଠୀ, ଅନାମ ପ୍ରସାଦ ବାରିକ ଓ ଗୌରାଙ୍ଗ ପାଣିଗ୍ରାହୀ




ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଦ୍ୟୁତ ନୀତି ସାଙ୍ଗକୁ ଟାଟା ପାୱାରର ବିଦ୍ୟୁତ ବିଭ୍ରାଟ ଓ ଉପଭୋକ୍ତା ଶୋଷଣକୁ ତୀବ୍ର ସମାଲୋଚନା କରିଥିଲେ। ଦୈନିକ ୮/୧୦ ଥର ଅଘୋଷିତ ବିଦ୍ୟତ କାଟ, ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ବିଲ୍ ସଂଶୋଧନ ନକରି ସଂସ୍ଥାର କର୍ମଚାରୀମାନେ ବିଲ ଟଙ୍କା ଆଦାୟ ପାଇଁ ଜୁଲମ କରିବା ଓ ବିଦ୍ୟୁତ ସଂଯୋଗ କାଟି ଦେବା କେଉଁ ସେବା ଅନ୍ତର୍ଭୁକ୍ତ ବୋଲି ବକ୍ତାମାନେ ପ୍ରଶ୍ନ କରିଥିଲେ। ଭିତ୍ତିଭୂମିର ବିକାଶ ଆଳରେ ରାଜ୍ୟ ସରକାର ବିତରଣ ସଂସ୍ଥାକୁ କୋଟିକୋଟି ଟଙ୍କା ପ୍ରଦାନ କରୁଥିଲେ ମଧ ବିଦ୍ୟୁତ ସେବାରେ କୌଣସି ସୁଧାର ଆସୁନାହିଁ। ପ୍ରବଳ ଗ୍ରୀଷ୍ମ ପ୍ରକୋପ କାଳରେ ବିଦ୍ୟୁତ୍ କାଟ ଯୋଗୁଁ ବୟସ୍କ ବ୍ୟକ୍ତି, ଶିଶୁ ଓ ଅସୁସ୍ଥ ବ୍ୟକ୍ତିମାନେ ଯନ୍ତ୍ରଣା ଭୋଗୁଛନ୍ତି। ଓଡ଼ିଶା ବିଦ୍ୟୁତ ଉତ୍ପାଦନରେ ଏକ ବଳକା ରାଜ୍ୟବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ 'ବଳକା ବିଦ୍ୟୁତ ଏବେ କାହାକୁ ଦିଆଯାଉଛି' ବୋଲି ବକ୍ତାମାନେ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଦିଲୀ ଓ ପଞ୍ଜାବ ଭଳି ବିଦ୍ୟୁତ ନିଅଣ୍ଟିଆ ରାଜ୍ୟମାନେ ଗ୍ରାହକମାନଙ୍କୁ ସର୍ବନିମ୍ନ ମାସିକ ୨୦୦ ୟୁନିଟର ବିଦ୍ୟୁତ ବିଲ ଛାଡ଼ କରୁଥିବା ବେଳେ ଓଡ଼ିଶା ସରକାର ଏହି ସୁବିଧା ରାଜ୍ୟର ବିଦ୍ୟୁତ ଗ୍ରାହକମାନଙ୍କ ପାଇଁ ଲାଗୁକରିବାକୁ ବକ୍ତାମାନେ ଦାବି କରିଥିଲେ। ବିଦ୍ୟୁତ ଗ୍ରାହକମାନଙ୍କ ସମସ୍ୟା ସମାଧାନ ଦିଗରେ ଧ୍ୟାନ ନଦେଇ ବିଦ୍ୟୁତ ଟିକସ ବୃଦ୍ଧିକରି ରାଜ୍ୟ ସରକାର ଘରୋଇ କମ୍ପାନୀମାନଙ୍କ ତୃଷ୍ଟୀକରଣ ପାଇଁ ଉଦ୍ୟମ କରୁଛନ୍ତି। ତେଣୁ ବିଦ୍ୟୁତ ବିତରଣ ଦାୟିତ୍ୱ ରାଜ୍ୟ ସରକାର ବହନ କରି ବିଦ୍ୟୁତ୍ ଗ୍ରାହକ ଓ ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା କରିବାକୁ ପାର୍ଟି ପକ୍ଷରୁ ଦାବି କରାଯାଇଛି। କମ୍ୟୁନିଷ୍ଟ ପାର୍ଟିର ଦାବି ଓ ଆନ୍ଦୋଳନକୁ ସମର୍ଥନ ଜଣାଇ କୃଷକ ଆନ୍ଦୋଳନର ନେତା ଅରୁଣ ଜେନା ରାଜ୍ୟ ସରକାର ଓ ବିତରଣ କମ୍ପାନୀର ବିଦ୍ୟୁତ୍ ଗ୍ରାହକ ଶୋଷଣ ନୀତିକୁ ଦୃଢ଼ ନିନ୍ଦା କରିଥିଲେ। ଏହି ଅବସରରେ ବିକ୍ଷୋଭକାରୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବ ସମ୍ବଳିତ ସ୍ମାରକପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି ଶୋଭାଯାତ୍ରା ଓ ବିକ୍ଷୋଭ ସମାବେଶକୁ ଯତୀନ୍ ପାତ୍ର, ଶ୍ୟାମସୁନ୍ଦର ଜେନା, ବିଜୟ ସ, ସୁହାଗୀ ମାଝୀ, ଦେବେନ୍ଦ୍ର ଜେନା, ନିରଞ୍ଜନ ପରିଡ଼ା, ବେଣୁଧର ବାରିକ ଓ ବନ୍ଦନା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଅପରାହ୍ନରେ ପଦ୍ମୁଆଁପଦାସ୍ଥିତ ଏଆଇଟିୟୁସି ଅଫିସ୍‌ରେ ପାର୍ଟିର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ବୈଠକରେ ବରିଷ୍ଠ ବାମପନ୍ଥୀ ନେତା ଶିବାଜୀ ପଟ୍ଟନାୟକଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

# କେନ୍ଦ୍ରର ବିଜେପି ସରକାରଙ୍କ ୮ବର୍ଷ ପୂର୍ତ୍ତି ଉତ୍ସବ ପାଳନ ପାଇଁ ପ୍ରସ୍ତୁତି

ବାଲେଶ୍ୱର,୨୪/୦୫ (ନି.ପ୍ର): କେନ୍ଦ୍ରର ବିଜେପି ସରକାରକୁ ୮ବର୍ଷ ପୂର୍ତ୍ତିରେ ଆୟୋଜନ ହେବାକୁ ଯାଉଥିବା 'ସେବା-ସୁଶାସନ-ଗରିବ କଲ୍ୟାଣ' ପର୍ବ ପାଇଁ ଏବେ ବାଲେଶ୍ୱରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ଜିଲା ବିଜେପିର ଏକ ବୈଠକ ଦଳୀୟ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର ଏଥିରେ ପୌରୋହିତ୍ୟ କରିଥିଲେ। ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସୁକାନ୍ତ



ନାୟକ, ଓ ବିଜେପି ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ପ୍ରମୁଖ ଏଥିରେ ଯୋଗଦେଇ ମୋଦି ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ଏହି ପର୍ବ ପାଳନ ଜରିଆରେ କେନ୍ଦ୍ର ସରକାରଙ୍କ ୮ ବର୍ଷର ସଫଳତା ସମ୍ପର୍କିତ ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉପରେ ସେମାନେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟ ସମ୍ପାଦିକା ସିପ୍ରା ବାଜପେୟୀ, ଜିଲା ସମ୍ପାଦକ ପର୍ଶୁରାମ ପରିଡ଼ାଙ୍କ ସମେତ ବିଜେପିର ଜିଲାସ୍ତରୀୟ ବହୁ କାର୍ଯ୍ୟକର୍ତ୍ତା ଏଥିରେ ଯୋଗଦେଇଥିଲେ।

# ସମବାୟ ନିର୍ବାଚନ ପାଇଁ ବସ୍ତା ବିଜେଡିର ପ୍ରସ୍ତୁତି: ନିର୍ବାଚନ କମିଟି ଗଠିତ

ବସ୍ତା, ୨୪/୦୫ (ନି.ପ୍ର): ଓଡ଼ିଶାର ବିଭିନ୍ନ ପ୍ରାଥମିକ ସମବାୟ ସମିତିରେ ଆସନ୍ତା ଜୁନ୍ ମାସ ୧୯ ଓ ୨୬ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ବସ୍ତା ବିଜେଡି ପକ୍ଷରୁ ସମବାୟ ନିର୍ବାଚନ ପାଇଁ ଏକ ପ୍ରସ୍ତୁତି ବୈଠକ ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ବାସଭବନରେ ଅନୁଷ୍ଠିତ ହୋଇଥିଲା। ବିଜେଡି ବ୍ଲକ ସଭାପତି ଅନୀଲ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସାଧାରଣ ସଂପାଦକ ତଥା ନିର୍ବାଚନ ପରିଚାଳନା କମିଟି ସଦସ୍ୟ ଶ୍ୟାମାପ୍ରସାଦ ବେହେରା ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ କୃଷି ଓ କୃଷକ ହିତୈଷୀ ଯୋଜନା ସପର୍କରେ ଅବଗତ କରାଇବା ସହ ନିର୍ବାଚନ ପ୍ରସ୍ତୁତି ସଂପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ସମବାୟବିତ ଅଜୟକୁମାର ସାଲ, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ, ଶଙ୍କରକୁମାର କର, ପୂର୍ବତନ ସରପଞ୍ଚ ଲିପିକା ରାଉଳ, ଅଂଜନ ଦଣ୍ଡପାଟ, ବିରାଜ ସିଂଦେଓ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବସ୍ତାବ୍ଲକରେ ଥିବା ବିଭିନ୍ନ ସମବାୟ ସମିତିରେ ନିର୍ବାଚନ ସଂଯୋଜକମାନଙ୍କ ନାମ ଘୋଷଣା କରାଯାଇଥିଲା। ମୁକୁଲିସି ସମିତି ପାଇଁ ରଂଜନ ଧଳ, ବ୍ରାହ୍ମଣଦା ଭଗବତୀ ସମିତି ପାଇଁ ନିଗମାନନ୍ଦ ଗିରି, ରାଉତପଡା ସମିତି ପାଇଁ ହରେନ୍ଦ୍ର ଦାସ, ବସ୍ତା ସମିତି ପାଇଁ ଚିନ୍ମୟ ଶତପଥୀ, ମଥାନୀ ସମିତି ପାଇଁ ଜୟପ୍ରକାଶ ବେହେରା, ଶୀତଳା ସମିତି ପାଇଁ ଭଜହରି ପରିଡ଼ା ଓ ନାଇକୁଡି ସମିତି ପାଇଁ ଭାଗବତ ମହାନ୍ତିଙ୍କ ନାମ ସଂଯୋଜକ ଭାବେ ଘୋଷଣା କରାଯାଇଥିଲା। ଏଥିସହ ସେମାନଙ୍କୁ ସହଯୋଗ କରିବାକୁ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ନାମ ଘୋଷଣା ହୋଇଥିଲା। ତେବେ ଏହି ପ୍ରସ୍ତୁତି ବୈଠକରେ ଅଧିକାଂଶ ନିର୍ବାଚନ ଜନପ୍ରତିନିଧି ଯୋଗ ନ ଦେବା ଘେନି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୩ ଜୁଆଡି କୋର୍ଟ ଚାଲାଣ

ଖଇରା, ୨୪/୦୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ସାରୁଗାଁରେ ରବିବାର ସନ୍ଧ୍ୟାରେ ଜୁଆ ଖେଳ ଚାଲୁଥିବା ବେଳେ ଖଇରା ପୋଲିସ ପକ୍ଷରୁ ଚଢାଉ କରାଯାଇ ୩ଜଣକୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ବ୍ୟକ୍ତି ମାନେ ହେଲେ ସାରୁଗାଁ ଗ୍ରାମର ନାରାୟଣ ରାଉତ, ଗନ୍ଧାଳି ଗ୍ରାମର ମୁନା ମୁଖି ଓ ଶୁଭକାନ୍ତ ମୁଖି । ସେମାନଙ୍କ ନିକଟରୁ ୧ହଜାର ୮୭୦ଟଙ୍କା ଓ ଏକ ତାସ ଜବତ କରାଯାଇଛି । ଏ ସମ୍ପର୍କରେ ଖଇରା ଥାନାରେ ଏକ ମାମଲା ୧୪୦/୨୨ ରୁଜୁ କରାଯାଇଛି । ଏଭଳି ଚଢାଉ ପରେ ଖଇରା ଅଞ୍ଚଳରେ କୋକୁଆଭୟ ସୃଷ୍ଟି ହୋଇଛି ।

# ଭାରସାମ୍ୟ ହରାଇ ଓଲଟିଲା ପେଟ୍ରୋଲ ଟ୍ୟାଙ୍କର

ବାଲିଆପାଳ, ୨୪/୦୫ (ନି.ପ୍ର): ବାଲିଆପାଳ କାଳିପଦା ରାସ୍ତାର ମଧୁପୁରାଠାରେ ଭାରସାମ୍ୟ ହରାଇ ଏକ ପେଟ୍ରୋଲ ବୁଝେଇ ଟ୍ୟାଙ୍କର ଲୟନ ଯୋରିକୁ ଓଲଟି ପଡିଛି । ଟ୍ୟାଙ୍କରେ ପେଟ୍ରୋଲ ଭର୍ତି ଥିବା ବେଳେ ଏହା ବିପଦ ସମ୍ଭାବନ ଥିବାରୁ ଘଟଣାସ୍ଥଳରେ ବାଲିଆପାଳ ପୋଲିସ ଓ ଦମକଳବାହିନୀ ପହଂଚି ନଜର ରଖିଛନ୍ତି। ମିଳିଥିବା ସୂଚନା ମୁତାବକ ମଧୁପୁରା ସ୍ୱର୍ଣ୍ଣ ପେଟ୍ରୋଲ ପମ୍ପକୁ ପେଟ୍ରୋଲ ବୁଝେଇ କରି ଓଡି୦୧ଏ୮୪୦୯ ଟ୍ୟାଙ୍କର ଆସିଥିଲା । ତେବେ ଚାଳକ ଜଣକ




ଭୁଲ ବଶତଃ ଟାଙ୍କି ଅତିକ୍ରମକରି ଚାଲିଯାଇଥିଲେ । ପରେ ମଧୁପୁରାଠାରେ ରାସ୍ତାରେ ଗାଡିଟିକୁ ବୁଲିବାକୁ ଚେଷ୍ଟା କରୁଥିବାବେଳେ ଭାରସାମ୍ୟ ହରାଇ ନୟନଯୋରିକୁ ଓଲଟିପଡିଥିଲା । ଦଳ ପାଣି ଭିତରେ ଗାଡିର ଅର୍ଦ୍ଧେକ ଅଂଶ ବୁଡି ରହିଥିବା ବେଳେ ପେଟ୍ରୋଲ ଗନ୍ଧ ବାହାରୁଛି । ସ୍ଥାନୀୟ ଲୋକେ ଚାଳକ ଜଣଙ୍କୁ ଉଦ୍ଧାର କରିଥିଲେ । ଖବର ପାଇ ବାଲିଆପାଳ ଦମକଳବାହିନୀ ଓ ପୋଲିସ ଟିମ ଘଟଣାସ୍ଥଳରେ ଜଗି ରହିଛନ୍ତି ।

# ଉଦଳାରେ ଜନଶୁଣାଣୀ : ୪୦ ଅଭିଯୋଗର ଶୁଣାଣୀ କଲେ ଜିଲ୍ଲାପାଳ

ଉଦଳା, ୨୪/୦୫ (ନି.ପ୍ର): ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କପ୍ତିପଦା ଉପଖଣ୍ଡର ଉଦଳା ଠାରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଚଳିତ ମଇ ୨୩ ତାରିଖ ସୋମବାର ଦିନ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ମୟୂରଭଞ୍ଜ ଜିଲ୍ଲାପାଳ ବିନିତ ଭରଦ୍ୱାଜ ଓ ଆରକ୍ଷୀ ଅଧିକ୍ଷକ ରିଷିକେଶ ଦ୍ୟାନଦେୟ ଖିଲାରୀ ଯୋଗଦେଇ ୪୦ଟି ଅଭିଯୋଗର ଶୁଣାଣୀ କରିଛନ୍ତି । ଉପଖଣ୍ଡର ଉପଜିଲ୍ଲାପାଳ ଭଗବାନ ବେହେରାଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଦେବଦତ୍ତ ପଣ୍ଡା, ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ,



ଉପଖଣ୍ଡ ଚିକିତ୍ସାଳୟର ଶିଶୁରୋଗ ବିଶେଷଜ୍ଞ ଡ଼ାକ୍ତର ଲକ୍ଷ୍ମୀକାନ୍ତ ପତି ଯୋଗ ଦେବା ସହ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଶୁଣାଣୀ କାର୍ଯ୍ୟରେ ସହଯୋଗ କରିଥିଲେ । ଅଭିଯୋଗ ଗୁଡ଼ିକ ମଧ୍ୟରେ ୩୧ଟି ବ୍ୟକ୍ତିଗତ ସମସ୍ୟା ଥିବା ବେଳେ ୯ଟି ସାମୂହୀକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା । ସେଥିମଧ୍ୟରୁ ୩ଟି ତତ୍କାଳ ସମାଧାନ କରାଯାଇ ଜଣକୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ହଜାର ଟଙ୍କା ଏବଂ ୨ ଜଣଙ୍କୁ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ୮ ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।

# ରେଳ ବିଭାଗର ଗୋଟିଏ ଷ୍ଟେସନ ଗୋଟିଏ ଉତ୍ପାଦ ଯୋଜନା ଉଦ୍‌ଘାଟିତ

ଜଳେଶ୍ୱର ୨୪/୫ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ଷ୍ଟେସନ ପରିସରରେ ରେଳବାଇର ଗୋଟିଏ ଷ୍ଟେସନ ଗୋଟିଏ ଉତ୍ପାଦ ଯୋଜନା ଅନୁଯାୟୀ ଆଜି ଏକ ନଡିଆକତା କାରିଗରି ନିର୍ମିତ ପଦାର୍ଥ ଓ ଘରୋଇ ସୌନ୍ଦର୍ଯ୍ୟକରଣ ସାମଗ୍ରୀ ଷ୍ଟଲ ସତ୍ୟଭାମା ଆର୍‌ସିସିକୁ ଷ୍ଟେସନ ମ୍ୟାନେଜର ଖଗେନ୍ଦ୍ର ନାଥ ମଣ୍ଡଳ ଉଦ୍‌ଘାଟନ କରିଛନ୍ତି । ପୂର୍ବରୁ ସତ୍ୟଭାମା କେୟାର ଇଣ୍ଡାଷ୍ଟ୍ରୀ ଦୀର୍ଘ ୧୫ଦିନ ମଧ୍ୟରେ ୪୨ ହଜାର ଟଙ୍କାର କତା ସାମଗ୍ରୀ ବିକ୍ରି କରିଥିବା ବେଳେ ପୂର୍ବରୁ ଏହି ସଂସ୍ଥା ବାଲେଶ୍ୱର ଷ୍ଟେସନରେ ୧ ମାସ ମଧ୍ୟରେ ୮୭ ହଜାର ଟଙ୍କାର ବ୍ୟବସାୟ କରିଥିବାର ଏହାର ମାଲିକ କେଦାର ନାଥ ପରିଡା କହିଛନ୍ତି । ଆଜି ଏହି ସତ୍ୟାଭାମା ଆର୍‌ସିସି ଉଦ୍‌ଘାଟନ ଅବସରରେ ରୋଟାରୀ କ୍ଲବ ସୁବର୍ଣ୍ଣରେଖା ରାଇବଣିଆ ଦ୍ୱାରା ପ୍ରଯୋଜିତ ହୋଇଥିବା ବେଳେ ସଭାପତି ନୀଳକଣ୍ଠ ଖଣ୍ଡା, ପୂର୍ବତନ ସଭାପତି ଡ. ଅଜିତ୍ ମହାନ୍ତି, ଉପଦେଷ୍ଟା ସୁକୁମାର ରଣା, ଇନର୍‌ହୁଇଲ ସଭାପତି ଆରତୀ ଦାସ, ଇଂ ହିମାଂସୁ ପ୍ରଧାନ, ସାମ୍ବାଦିକ ଦୁର୍ଗାଶଂକର ଗିରି, ରବିନାରାୟଣ ପାତ୍ର, ଅବନୀ ଚାନ୍ଦ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ମଂଜୁରାଣୀ ପରିଡା ଓ ନିର୍ମଳ ପାଳ କତାଶିଳ୍ପ ଚାହିଦା ସଂପର୍କରେ ଆଲୋକପାତ କରିଥିଲେ । ସୁପରଭାଇଜର କମଳଲୋଚନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ମୟୂରଭଞ୍ଜ କଲେଜ ଅଫ୍ ଏକାଉନ୍‌ଟେନସି ଏଣ୍ଡ ମେନେଜମେଣ୍ଟରେ 'ବାସ୍ତବତାକୁ ଜାଣ ଶୀର୍ଷକ' ଏକ ଦିବସୀୟ କେରିୟାର କାଉନସେଲିଂ

ବାରିପଦା, ୨୪/୦୫ (ନି.ପ୍ର): ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ପର୍ସନାଲ ମେନେଜମେଣ୍ଟ ଏବଂ ଇଣ୍ଡଷ୍ଟ୍ରିୟାଲ ରିଲେସନ ବିଭାଗ ତରଫରୁ '' ବାସ୍ତବତାକୁ ଜାଣ '' ଶୀର୍ଷକ ଏକ ଦିବସୀୟ କେରିୟାର କାଉନସେଲିଂ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବାଙ୍ଗାଲୋରସ୍ଥିତ ଏଜୁକେସନାଲ କନସଲଟେଣ୍ଟ ଡକ୍ଟର ସମୀର ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବର୍ତ୍ତମାନ ସମୟରେ ଛାତ୍ରଛାତ୍ରୀମାନେ କିପରି ନିଜକୁ ପ୍ରସ୍ତୁତ କରିବେ, ଯାହା ଫଳରେ ନିକଟ ଭବିଷ୍ୟତରେ ସେମାନେ




ସଫଳ କର୍ମ ନିଯୁକ୍ତି ବା ଆତ୍ମନିଯୁକ୍ତି ପାଇବା ପାଇଁ ସକ୍ଷମ ହୋଇପାରିବେ ବୋଲି କହିଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏମ.ବି.ଏ. ବିଭାଗ ମୁଖ୍ୟ ଡକ୍ଟର ସୀତାରାମ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଥିଲେ ଛାତ୍ରଛାତ୍ରୀମାନେ ନିଜ ନିଜ ମଧ୍ୟରେ ସନ୍ତୁଳନ ରକ୍ଷା କରି ପାଠ ପଢିଲେ ସଫଳତା ନିଶ୍ଚୟ ପାଇବେ । ମୟୂରଭଞ୍ଜ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ସଂଘମିତ୍ରା ରାଉତ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇ କହିଥିଲେ ଯେ ଛାତ୍ରଛାତ୍ରୀମାନେ ନିଜେ କ'ଣ ହେବା ପାଇଁ ଚାହୁଁଛନ୍ତି ସେ ଅନୁସାରେ ସେମାନେ ଛାତ୍ର ଜୀବନରୁ ପ୍ରସ୍ତୁତି ଆରମ୍ଭ କରିବାର ଆବଶ୍ୟକତା ରହିଛି । ଅଧାପିକା ବିଜୟା ନାୟକ, ସବିତାରାଣୀ ଦାସ, ସାଗରୀକା ପଣ୍ଡା, ଅଭିପ୍ସା ନାୟକ, ସଂଯୁକ୍ତା ମହାନ୍ତ, ଦେବଶ୍ରିତା ବିଶ୍ୱାଳ, ପୂର୍ଣ୍ଣିମା ମହାନ୍ତି, ଅଙ୍କିତା ସାହୁ, ତୃପ୍ତି ଦାସ, ଜ୍ୟୋତିର୍ମୟୀ ଗିରି, ସସ୍ମିତା ସି ଓ ସୁଜାତା ପାଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତି ଧନ୍ୟବାଦ ଦେଇଥିଲେ ।

# ୩ବର୍ଷ ଅତିକ୍ରମ କଲା : ନୂଆ ଘରକୁ ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟ ସ୍ଥାନାନ୍ତର ନୋହିଲା

ଖଇରା, ୨୪/୦୫ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ପ୍ରାଣିଚିକିତ୍ସା କାର୍ଯ୍ୟାଳୟ ର ନୂତନ ଗୃହ ନିର୍ମାଣ ସରିବାର ପାଖାପାଖି ସାଢେ ୩ବର୍ଷ ଅତିକ୍ରମ କଲାଣି । ନୂଆ କାନ୍ଥରେ ଶିଉଳି ଲାଗି ପୁରୁଣାଭଳି ଦେଖା ଗଲାଣି । ହେଲେ ଗ୍ରାମ୍ୟ ଉନ୍ନୟନ ବିଭାଗ ସ୍ଥାଣୁ ହୋଇବସିଛି । ପ୍ରାଣିଚିକିତ୍ସକ ଓ ଅନ୍ୟମାନେ ବାଧ୍ୟ ହୋଇ ପୁରୁଣା ଅସୁରକ୍ଷିତ କାର୍ଯ୍ୟାଳୟରେ ଦାୟିତ୍ୱ ତୁଲାଉଛନ୍ତି । ତୁରନ୍ତ କାର୍ଯ୍ୟାଳୟ କିଭଳି ନୂତନ ଗୃହକୁ ସ୍ଥାନାନ୍ତର କରି ପାରିବ ସେଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦୈନିକ କାର୍ଯାଳୟ ଉପରେ ନିର୍ଭର କରୁଥିବା ପଶୁ ପାଳକ ମାନେ



ଦାବୀ କରିଛନ୍ତି । ୨୦୧୭ ମସିହାରେ ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ଗ୍ରାମ୍ୟଉନ୍ନୟନ ବିଭାଗ ତରଫରୁ ଅନ୍ୟୁନ ୨୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । କାମ ୨୦୧୯ମସିହା ଜାନୁଆରୀ ମାସରେ ଶେଷ ହୋଇଥିଲା । ତେବେ ବିଭାଗ ଠିକାଦାରଙ୍କୁ ଏଷ୍ଟିମେଟ ଠାରୁ ଅଧିକ କାର୍ଯ୍ୟ କରାଇ ବିଲ ପେମେଣ୍ଟ ନକରିବାକୁ ନେଇ ଚାଲିଥିବା ବିବାଦ ଘର ହସ୍ତାନ୍ତର ନହେବାର ମୁଖ୍ୟ କାରଣ ବୋଲି କୁହାଯାଉଛି । ଖଇରା ପ୍ରାଣି ଚିକିତ୍ସାଳୟକୁ ଦୈନିକ ୩୦ରୁ ଉର୍ଦ୍ଧ ବ୍ୟକ୍ତି ପ୍ରାଣି ଚିକିତ୍ସା ସମ୍ବନ୍ଧୀୟ ପରାମର୍ଶ ନେବାକୁ କାର୍ଯ୍ୟାଳୟକୁ ଆସିଥାନ୍ତି । କିଛି ଇଞ୍ଜେକନ ଦେବା ତଥା ଔଷଧ ସେବନ କରାଇବାକୁ ଗାଇ ଛେଳି ଇତ୍ୟାଦିକୁ ସାଙ୍ଗରେ ନେଇ ଆସିଥାନ୍ତି । ହେଲେ ପ୍ରାଣିମାନଙ୍କୁ ସୁରକ୍ଷିତ ସ୍ଥାନରେ ଛିଡା କରାଇବାକୁ ପୁରୁଣା କାର୍ଯ୍ୟାଳୟରେ ଆନୁସଙ୍ଗିକ ବ୍ୟବସ୍ଥା ନରହିବା,ଷ୍ଟୋର ରୁମ ଅଭାବ ତଥା ବହୁ ବର୍ଷର ପୁରୁଣା ଗୃହ ଧିରେ ଧିରେ ଅସୁରକ୍ଷିତ ହୋଇ ପଡୁଥିବା କାରଣକୁ ଦୃଷ୍ଟିରେ ରଖି ନୂତନ ଗୃହ ନିର୍ମାଣ ପାଇଁ ଗ୍ରାମ ଉନ୍ନୟନ ବିଭାଗ ତରଫରୁ ନିଷ୍ପତ୍ତି ନିଆଯାଇଥିଲା । ହେଲେ ଗୃହ ନିର୍ମାଣ ହୋଇ ସାରିବା ପରେ ମଧ୍ୟ ୩ବର୍ଷ ଧରି ଅବ୍ୟବହୃତ ହୋଇ ପଡିବା ସରକାର ରାଜସ୍ୱ ଅପଚୟ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo